R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୯୮
ତିଥି : ପଞ୍ଚମୀ
୨୩ ଏପ୍ରିଲ ୨୦୨୬, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA


ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 198
23 April 2026, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

**ଜଳୁଛି ଓଡ଼ିଶା**

## ଝାରସୁଗୁଡ଼ା ଦେଶରେ ସବୁଠୁ ଉତ୍ତପ୍ତ




ଭୁବନେଶ୍ୱର, ୨୨।୪ (ସବ୍ୟୁ) : ସକାଳ ୯ ବାଜିଲେ ସୂର୍ଯ୍ୟଙ୍କ ପ୍ରଖର ବଢ଼ୁଛି । ଗରମ ସାଙ୍ଗକୁ ଗୁଳୁଗୁଳି, ପୁଣି ଗ୍ରୀଷ୍ମ ପ୍ରଭାବ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି । ସନ୍ଧ୍ୟା ୫ ପର୍ଯ୍ୟନ୍ତ ଝାଞ୍ଜି ପବନ ବହୁଛି । ଫଳରେ ଘରେ କିମ୍ବା ବାହାରେ ରହି ହେଉନି । ଆଜି (ବୁଧବାର) ଦେଶରେ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହର ପାଲଟିଛି । ଏଠାରେ ୪୪.୬° ସର୍ବୋଚ୍ଚ ତାପମାତ୍ରା ରେକର୍ଡ଼ କରାଯାଇଛି । ତାତି ଆଉ ଦୁଇଦିନ । ଅର୍ଥାତ ୨୫ ତାରିଖ ପରଠାରୁ କାଳବୈଶାଖୀ ପ୍ରଭାବ ବଢ଼ିବ । ତାତିରେ ଲାଗିବ ସାମୟିକ ବ୍ରେକ୍ । ଏଭଳି ଆକଳନ କରିଛନ୍ତି ପାଣିପାଗ ବିଶେଷଜ୍ଞ ଉମାଶଙ୍କର ଦାଶ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର କହିବା ଅନୁସାରେ, ଚଳିତ ବର୍ଷ ପ୍ରଥମ ଥର ପାଇଁ ଆଭ୍ୟନ୍ତର ଓଡ଼ିଶାରେ ୪୪° ଅତିକ୍ରମ କରିଥିବାବେଳେ ଉପକୂଳ ଓଡ଼ିଶାରେ ୪୧° ପାର କରିଛି ତାତି । ଦିନ ତମାମ ଝାଞ୍ଜି ମାଡ଼ରେ ଲୋକେ ଆକ୍ରାମାକ୍ରା ହୋଇଛନ୍ତି । ତଳିପାଠୁ ମୁଣ୍ଡ ଯାଏଁ ସବୁ ତତେଇ ଦେଉଛି । ଘର ଭିତର କାନ୍ଥ ମଧ୍ୟ ରାତି ପର୍ଯ୍ୟନ୍ତ ତାତି ରହୁଛି । ରାତିରେ ଆର୍ଦ୍ରତା ବୃଦ୍ଧି ଯୋଗୁ ଅସହ୍ୟ ଗୁଳୁଗୁଳି ନୟାନ୍ତ କରୁଛି । ଏଭଳି ଭୟଙ୍କର ତାତି ଆଉ ଦୁଇଦିନ ଜାରି ରହିବା ସହ କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି ।

ବୁଧବାର ୨୫ ସହରରେ ପାରଦ ୪୦° କିମ୍ବା ତା'ଠାରୁ ଅଧିକ ରେକର୍ଡ଼ କରାଯାଇଛି । ଝାରସୁଗୁଡ଼ାରେ ସର୍ବାଧିକ ୪୪.୬° ରେକର୍ଡ଼ ହୋଇଥିବାବେଳେ ଓଡ଼ିଶାର ସବୁଠୁ ଉତ୍ତପ୍ତ ( ୯ ପୃଷ୍ଠାରେ)

## ଇରାନ-ଆମେରିକା ଯୁଦ୍ଧ ବିରତି ବଢ଼ିଲା

ନୂଆଦିଲ୍ଲୀ, ୨୨।୪ : ଇରାନ ଓ ଆମେରିକା ମଧ୍ୟରେ ଅସ୍ତ୍ରବିରତି ଅବଧିକୁ ପୁଣି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୃଦ୍ଧି କରିଛନ୍ତି । ଇରାନ ପକ୍ଷରୁ ଏକ ପ୍ରସ୍ତାବ ଉପସ୍ଥାପନ ନ କରିବା ପର୍ଯ୍ୟନ୍ତ ଏହି ଯୁଦ୍ଧ ବିରତିକୁ ବୃଦ୍ଧି କରାଯାଇଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହେବାଜ୍ ସରିଫ ଓ ଫିଲ୍ଡ ମାର୍ସ ମାର୍ସଲ ଅସୀମ ମୁନିରଙ୍କ ଅପିଲ ଉପରେ ବିଚାର କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି । ଇରାନ ଏକ ପ୍ରସ୍ତାବ ଉପସ୍ଥାପନ ନ କରିବା ପର୍ଯ୍ୟନ୍ତ ଆକ୍ରମଣ ବନ୍ଦ କରିବାକୁ ଏମାନେ ଅନୁରୋଧ କରିଥିଲେ । ଯୁଦ୍ଧବିରତି ଘୋଷଣା ପରେ ମଧ୍ୟ ଗୁଜରାଟ ଆସୁଥିବା ଭାରତର ଦୁଇ ଜାହାଜକୁ ହରମୁଜ୍ ପ୍ରଣାଳୀରେ ଇରାନର ରିଭୋଲେସନାରୀ ଗାର୍ଡ ଆକ୍ରମଣ କରିଛନ୍ତି । (୯ ପୃଷ୍ଠାରେ)

## ଜନଗଣନାକାରୀଙ୍କୁ ସୁରକ୍ଷା ଦେବାକୁ ନିର୍ଦ୍ଦେଶ

### ପୂର୍ବାହ୍ଣ ୧୧ରୁ ଅପରାହ୍ଣ ୩ ଯାଏ ଜନଗଣନା ସ୍ଥଗିତ

ଭୁବନେଶ୍ୱର, ୨୨।୪ (ସବ୍ୟୁ): ରାଜ୍ୟରେ ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ୧୬ ଏପ୍ରିଲରୁ ୧୫ ମେ ପର୍ଯ୍ୟନ୍ତ ଆବାସ ଗଣନା ଚାଲୁ ରହିଛି । ଏହି ପରିପ୍ରେକ୍ଷୀରେ ଜନଗଣନାରେ ନିୟୋଜିତ ଅଧିକାରୀ ଏବଂ କର୍ମଚାରୀମାନେ ଘରକୁ ଘର ବୁଲି ଘରର ଅବସ୍ଥା, ପାରିବାରିକ ସୁବିଧା ଏବଂ ପରିବାର ସମ୍ବନ୍ଧିତ ବିଭିନ୍ନ ତଥ୍ୟ ସଂଗ୍ରହ କରୁଛନ୍ତି । ଜନଗଣନା କାର୍ଯ୍ୟରେ ନିୟୋଜିତ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବାକୁ (୯ ପୃଷ୍ଠାରେ)

୮ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

## ବଲାଙ୍ଗୀରରେ ହେବ ଅମ୍ବିକା କଟ୍‌ସ୍ପିନର ସ୍ପିନିଂ ୟୁନିଟ୍



ଭୁବନେଶ୍ୱର, ୨୨।୪ (ସବ୍ୟୁ) : ବଲାଙ୍ଗୀରରେ ଶ୍ରୀଅମ୍ବିକା କଟସ୍ପିନର ସ୍ପିନିଂ ୟୁନିଟ୍ ସ୍ଥାପନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପରେ ୧୨୪ କୋଟି ଟଙ୍କା ନିବେଶ ହେବ । ବଲାଙ୍ଗୀର ଏବଂ ସମଗ୍ର କେବିକେ ଅଞ୍ଚଳର ଶିଳ୍ପ ଅଭିବୃଦ୍ଧିର ଏକ ମୂଳଦୁଆ ପ୍ରସ୍ତୁତ ହେବ । ଏହି ୟୁନିଟ୍‌ରେ ୩୦୦ ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ମିଳିବାର ଆଶା ରହିଛି । ଉକ୍ତ ପ୍ରସ୍ତାବ ସମେତ ରାଜ୍ୟ କ୍ୟାବିନେଟ୍ ୮ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ କଟକ ସହରରେ କାଠଯୋଡ଼ି ନଦୀ ଉପରେ ବର୍ତ୍ତମାନର ସେତୁ ସହ ସମାନ୍ତର ଭାବେ ଉପର ପ୍ରବାହ ପକ୍ଷରେ ନୂତନ ସେତୁ ନିର୍ମାଣ କରାଯିବ । ଯାହା ତ୍ରିଶୁଳିଆ ଛକକୁ ଜୁଡ଼ିସିଆଲ୍ ଏକାଡେମିକ୍ ଛକ ସହ ସଂଯୋଗ କରିବ । ଏସ୍‌ପିଏସ୍ କନ୍‌ଷ୍ଟ୍ରକ୍ସନ୍‌ର ଏଥିଲାଗି ୧୫୮ କୋଟି ୮୮ ଲକ୍ଷ ୯୦ ହଜାର ୩୦୫ ଟଙ୍କାର ଟେଣ୍ଡରକୁ ଅନୁମୋଦନ କରାଯାଇଛି । ସ୍ୱଚ୍ଛ ଶକ୍ତି ଭିତ୍ତିଭୂମିକୁ ପ୍ରୋତ୍ସାହନ ଲାଗି ଓଡ଼ିଶା ସିଟି ଗ୍ୟାସ୍ ବିତରଣ (ସିଜିଡି) ନୀତିକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହି ନୀତି ଦ୍ୱାରା ସାରା ରାଜ୍ୟରେ ପାଇପ୍ ନ୍ୟାଚୁରାଲ ଗ୍ୟାସ (ପିଏନ୍‌ଜି) ଓ କମ୍ପ୍ରେସ୍‌ଡ ନ୍ୟାଚୁରାଲ ଗ୍ୟାସ୍ (ସିଏନ୍‌ଜି) ଭିତ୍ତିଭୂମିର ସମ୍ପ୍ରସାରଣ ତ୍ୱରାନ୍ୱିତ ହେବ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏଥିଲାଗି ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ ( ୯ ପୃଷ୍ଠାରେ)

- ଓଡ଼ିଶା ରାଜ୍ୟ ତଥ୍ୟ ନୀତି-୨କୁ ମଞ୍ଜୁରୀ
- ସିଜିଡି ନୀତିକୁ ଅନୁମୋଦନ
- କାଠଯୋଡ଼ିରେ ହେବ ଏକ ନୂତନ ସେତୁ
- ଲୋକସେବା ଅଧିକାର ନିୟମାବଳୀରେ ସଂଶୋଧନ
- ଏନ୍‌ସିଏଏଚ୍‌ପି ଅଧିନିୟମକୁ ଅନୁମୋଦନ
- ଓଡ଼ିଶା ଟ୍ରାନ୍ସପୋର୍ଟ, ଟ୍ରାଫିକ୍, ଏନ୍‌ଫୋର୍ସମେଣ୍ଟ ରୁଲ୍ ସଂଶୋଧନ




## ଇତିହାସ

୧୬୧୬ - ପ୍ରସିଦ୍ଧ କବି ତଥା ସାହିତ୍ୟକାର ୱିଲିୟମ ସେକ୍ସପିଅରଙ୍କର ନିଧନ।
୧୬୬୦ - ସ୍ୱିଡେନ୍ ଏବଂ ପୋଲାଣ୍ଡ ମଧ୍ୟରେ ଓଲିଭିଆ ଚୁକ୍ତି ସ୍ୱାକ୍ଷରିତ ।
୧୬୬୧ - ବ୍ରିଟିଶ୍ ସମ୍ରାଟ ଚାର୍ଲ୍ସ ଦ୍ୱିତୀୟଙ୍କର ଲଣ୍ଡନରେ ରାଜ୍ୟ ଅଭିଷେକ ।
୧୮୫୮ - ଭାରତର ସ୍ୱତନ୍ତ୍ରତା ସେନାନୀ ବାବୁ ବୀର କୁବେର ସିଂହଙ୍କର ନିଧନ ।
୧୯୮୧ - ସୋଭିଏତ ସଙ୍ଘର ଭୂମିଗତ ପରମାଣୁ ପରୀକ୍ଷଣ ।
୧୯୮୪ - ଏଡସ୍ ଭାଇରସ ସମ୍ପର୍କରେ ସୂଚନା ମିଳିଥିଲା ।
୧୯୯୨ - ଭାରତ ରତ୍ନରେ ସମ୍ମାନିତ ହୋଇଥିବା ସତ୍ୟଜିତ୍ ରାୟଙ୍କର ନିଧନ।
୨୦୦୫ -ୟୁଟ୍ୟୁବରେ ପ୍ରଥମ ଭିଡିଓ ଅପଲୋଡ ।

# ଜିଲ୍ଲାପାଳଙ୍କ ଅଫିସରେ ବରଯାତ୍ରୀ

ଉତ୍ତର ପ୍ରଦେଶର ବାନ୍ଦା ଜିଲ୍ଲାରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି, କନ୍ୟାଘର ପରିବର୍ତ୍ତେ ଜିଲ୍ଲାପାଳଙ୍କ ଅଫିସରେ ବରଯାତ୍ରୀ ପହଞ୍ଚିଛନ୍ତି । ସୂଚନା ଅନୁସାରେ ବିବାହ ପୂର୍ବରୁ ବିଦ୍ୟୁତ୍ କାଟ ହେବା କାରଣରୁ କୁଲଦୀପ କୁମାର ନାମକ ଜଣେ ବର ନିଜ ବରଯାତ୍ରୀଙ୍କୁ ନେଇ ସିଧାସଳଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେ ଏଭଳି ଉପାୟରେ ଏକ ଅଭିନବ ପ୍ରତିବାଦ କରିଛନ୍ତି । ସ୍ମାର୍ଟ ମିଟର ଲାଗିବା ପରଠାରୁ ବିଦ୍ୟୁତ୍ ବିଲ୍ ଦୁଇଗୁଣା ଆସୁଥିବା ଏବଂ ବିନା କୌଣସି ପୂର୍ବ ସୂଚନାରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ନେଇ ସେ ଅଭିଯୋଗ କରିଛନ୍ତି । ବିବାହ ଘରେ ସମ୍ପର୍କୀୟଙ୍କ ଗହଳି ଓ ଅନ୍ଧାର ଭିତରେ ଅତିଷ୍ଠ ହୋଇ ବର ଜଣକ ବ୍ୟାଣ୍ଡ-ବାଜା ସହ ଡିଏମ ଅଫିସ୍ ପହଞ୍ଚିବା ସହ ସେଠାରେ ଏକ ବିଦ୍ୟୁତ୍ ଖୁଣ୍ଟକୁ ପୂଜା କରି ଏହି ନିଆରା ବିରୋଧ ପ୍ରଦର୍ଶନ କରିଛନ୍ତି । ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି । ଲୋକମାନେ ତାଙ୍କର ଏହି ଅଭିନବ ପ୍ରୟାସକୁ ଖୁବ ପ୍ରଶଂସା କରିଛନ୍ତି ।





# ଦୀର୍ଘାୟୁ ଠେକୁଆ

ବ୍ରିଟେନର ଏକ ଦମ୍ପତିଙ୍କ ପୋଷା ଠେକୁଆ 'ହର୍ବି' ଦୀର୍ଘାୟୁ ହେବା କ୍ଷେତ୍ରରେ ଏକ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିଛି। ଠେକୁଆର ବୟସ ୧୫ ବର୍ଷ ୮୨ ଦିନ ବୋଲି ଗିନିଜ୍ ୱାର୍ଲ୍ଡ ରେକର୍ଡସ ପକ୍ଷରୁ ସ୍ପଷ୍ଟ କରାଯାଇଛି । ସାଧାରଣତଃ ଠେକୁଆମାନେ ଏତେ ଦିନ ପର୍ଯ୍ୟନ୍ତ ବଞ୍ଚୁନଥିବା ବେଳେ ହର୍ବି ନିଜର ସାଧାରଣ ଆୟୁଷଠାରୁ ପ୍ରାୟ ଦୁଇଗୁଣା ଅଧିକ ବଞ୍ଚି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ମାତ୍ର ୮ ସପ୍ତାହରୁ ସେ ଉକ୍ତ ମାଲିକଙ୍କ ପାଖେ ରହୁଥିବା ଜଣା ପଡିଛି । ତେବେ ହର୍ବିର ଏହି ଦୀର୍ଘଆୟୁରେ ଦମ୍ପତିଙ୍କ ଯତ୍ନ ଏବଂ ଭଲପାଇବାର ପୂର୍ଣ୍ଣ ଯୋଗଦାନ ରହିଛି। ଠେକୁଆଟିକୁ ଦୁନିଆର ସବୁଠାରୁ ବୟସ୍କ ଠେକୁଆର ମାନ୍ୟତା ଦିଆଯାଇଛି । ସୋସିଆଲ ମିଡିଆରେ ଘଟଣାଟି ଖୁବ ଭାଇରାଲ ହେବାରେ ଲାଗିଛି ।

# ସୋସିଆଲ କୋଟ୍ସ



ମୋ ବାପା ମା'କେବେ ବି ଚାହୁଁନଥିଲେ ମୁଁ ଆକ୍ଟର ହୁଏ । କାରଣ ଜଣେ ଆକ୍ଟରର ଜୀବନ କେବେ ସହଜ ହୋଇ ନଥାଏ। ହେଲେ ମୁଁ ଆକ୍ଟିଂ ଠାରୁ ଦୂରରେ ରହି ପାରିଲି ନାହିଁ ।

**ରାଜବୀର, ଅଭିନେତା**



ସବୁ ରୋଲର ନିଜର ଭିନ୍ନଭିନ୍ନ ଭାଗ୍ୟ ରହିଥାଏ । ମୋତେ ସବୁ ରୋଲ କରିବାକୁ ଭଲ ଲାଗେ । ମୋ ଅଭିନୟ କାରଣରୁ ଯଦି ଲୋକଙ୍କ ଜୀବନରେ ପରିବର୍ତ୍ତନ ଆସୁଛି, ତେବେ ସେଥିପାଇଁ ମୁଁ ଖୁସି ।

**ଦୟାଶଙ୍କର ପାଣ୍ଡେ, ଅଭିନେତା**



ଫିଲ୍ମ ଲାଇନ୍ ଆସିବା ପୂର୍ବରୁ ମୁଁ ଜାଣିଥିଲି ଅଭିନେତାଙ୍କ ବିଷୟରେ କ'ଣକ'ଣ ସବୁ ଲେଖା ହୁଏ । ଏସବୁକୁ ସହିବାକୁ ହୋଇଥାଏ । ହେଲେ ବେଳେବେଳେ ଅଧିକ ମିଛ ଲେଖା ହୋଇଥାଏ ଯାହାକୁ ପଢି ରାଗ ଆସିଥାଏ ।

**ସନ୍ନି ଦେଓଲ, ଅଭିନେତା**

# ସୁପର ଡାଡି



ଚୀନର ଜଣେ ପିଇଟି ଶିକ୍ଷକ ବାଇ ଜିୟାନ୍ ଖୁବ ଚର୍ଚ୍ଚାରେ ଅଛନ୍ତି । ଗତ ୩୦ ବର୍ଷ ଧରି ସେ ପ୍ରାୟ ୩୦୦ ଅସହାୟ ଏବଂ ପରିତ୍ୟକ୍ତ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି । ସମଗ୍ର ବିଶ୍ୱରେ ବର୍ତ୍ତମାନ ସେ 'ଚୀନର ସୁପରଡାଡି' ଭାବେ ପରିଚିତ ହୋଇପାରିଛନ୍ତି । ସୂଚନା ଅନୁସାରେ ଏକଦା ବାଇ ଜଣେ କ୍ଷୁଧାର୍ଥ ପିଲାକୁ ଦେଖିଲେ ଏବଂ ଜାଣିବାକୁ ପାଇଲେ ଯେ ତା'ର ପିତାମାତା ତାକୁ ଛାଡ଼ି ଚାଲିଯାଇଛନ୍ତି। ଏହାପରଠାରୁ ତାଙ୍କର ଏଭଳି ପିଲାଙ୍କ ପ୍ରତି ଏକ ଦୁର୍ବଳତା ଆସିଥିଲା ଏବଂ ସେ ସେମାନଙ୍କୁ ସାହାଯ୍ୟ କରିବାକୁ ମନ ବଳାଇଥିଲେ । ଏହି ଦିନ ଠାରୁ ସେ ଶିଶୁମାନଙ୍କର ଖାଇବା, ରହିବା ତଥା ପାଠପଢ଼ା ଖର୍ଚ୍ଚ ତୁଲାଇବା ପାଇଁ ଅନେକ ସମୟରେ ଋଣ କରିବା ସହ ଦିନରାତି ଅତିରିକ୍ତ ପରିଶ୍ରମ ମଧ୍ୟ କରିଛନ୍ତି। ବାଇଙ୍କର ଏହି ନିସ୍ୱାର୍ଥପର ସେବା ଓ ଦୃଢ଼ ସଂକଳ୍ପର ଫଳସ୍ୱରୂପ ଆଜି ତାଙ୍କର ପାଳିତ ୩୦୦ ଶିଶୁଙ୍କ ମଧ୍ୟରୁ ୧୦୦ରୁ ଅଧିକ ପିଲା ଉଚ୍ଚଶିକ୍ଷା ପାଇଁ ବିଶ୍ୱବିଦ୍ୟାଳୟରେ ପହଞ୍ଚିଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଆଜି ସମାଜରେ ପ୍ରତିଷ୍ଠିତ ଖେଳାଳି, ଦେଶରକ୍ଷା ପାଇଁ ସୈନିକ, ଶିକ୍ଷକ ଏବଂ ଉଚ୍ଚପଦସ୍ଥ ସରକାରୀ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି । ବାଇ ଜିୟାନ୍ଙ୍କର ଏହି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିବା ସହିତ ତାଙ୍କୁ ସାଧୁବାଦ ଜଣାଇବାରେ ଲାଗିଛନ୍ତି ।



# ୯ କୋଟିର ଜ୍ୟାକେଟ

ଦୁନିଆର ସବୁଠାରୁ ପ୍ରସିଦ୍ଧ ଜାହାଜ 'ଟାଇଟାନିକ୍' ସହ ଜଡ଼ିତ ସାମଗ୍ରୀଗୁଡିକର ନିଲାମୀ ମୂଲ୍ୟ ଆଜି ବି ଆକାଶଛୁଆଁ ହୋଇ ରହିଛି। ଯାହାର ପ୍ରମାଣ ସ୍ୱରୂପ ନିକଟରେ ବ୍ରିଟେନରେ ଅନୁଷ୍ଠିତ ଏକ ନିଲାମୀରେ ମିଳିଛି । ଏହି ଦୁର୍ଘଟଣାରୁ ବଞ୍ଚିଥିବା ମହିଳା ଲୌରା ମାବେଲ୍ ଫ୍ରାଙ୍କାଟେଲିଙ୍କ ଲାଇଫ୍ ଜାକେଟ ପ୍ରାୟ ୯ କୋଟି ଟଙ୍କାରେ ବିକ୍ରି ହୋଇଛି। ଏହି ଜାକେଟଟି କୌଣସି ସାଧାରଣ ପୋଷାକ ନୁହେଁ, ବରଂ ଏହା ସେହି ଭୟଙ୍କର ରାତିର ମୂକ ସାକ୍ଷୀ ଯେଉଁଥିରେ ଲୌରା ଏବଂ ତାଙ୍କ ସହ ବଞ୍ଚିଥିବା ଅନ୍ୟ ଲୋକମାନଙ୍କର ସ୍ୱାକ୍ଷର ରହିଛି। ଯାହା ଏହାକୁ ଅତି ସ୍ୱତନ୍ତ୍ର ଓ ଐତିହାସିକ କରିଛି ତେଣୁ ଏହାର ମୂଲ୍ୟ ଏତେ ଅଧିକ। ଲୌରା ସେହି ସମୟର ଜଣେ ପ୍ରସିଦ୍ଧ ଫ୍ୟାଶନ ଡିଜାଇନରଙ୍କ ସହ କାମ କରୁଥିଲେ ଏବଂ ସେ ଲାଇଫ୍ ବୋଟ୍ ନମ୍ବର-୧ ରେ ବସିଥିଲେ, ଯେଉଁଥିରେ ୪୦ ଜଣଙ୍କ ସ୍ଥାନ ଥିଲେ ମଧ୍ୟ ମାତ୍ର ୧୨ ଜଣ ଲୋକ ବସିଥିଲେ । ଏହି ନିଲାମୀରେ କେବଳ ଏହି ଜାକେଟ ନୁହେଁ ବରଂ ସେହି ଲାଇଫ୍ ବୋଟର ଏକ ସିଟ୍ କୁଶନ ମଧ୍ୟ ପ୍ରାୟ ୫ କୋଟି ଟଙ୍କାରେ ନିଲାମ ହୋଇଛି । ଟାଇଟାନିକ୍ ଦୁର୍ଘଟଣାର ଦଶନ୍ଧି ଦଶନ୍ଧି ପରେ ମଧ୍ୟ ଏହି ଜିନିଷଗୁଡ଼ିକ ପ୍ରତି ଲୋକଙ୍କ ଆଗ୍ରହ ରହିଥିବା ଏହି ନିଲାମୀରୁ ଜଣା ପଡିଛି ।

# ପାକିସ୍ତାନୀ ବ୍ରାଣ୍ଡରେ ଆଲିଆଙ୍କ ଫଟୋ



ପାକିସ୍ତାନୀ ପୋଷାକ ବ୍ରାଣ୍ଡ 'ବଜାୟଶା ଅଫିସିଆଲ୍' ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ଏଆଇ ନିର୍ମିତ କିଛି ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରି ବିବାଦକୁ ଆସିଛି । ଏହି ପୋଷ୍ଟରେ ଆଲିଆଙ୍କ ପୁରୁଣା ଫଟୋଗୁଡ଼ିକୁ ଡିଜିଟାଲ୍ ଏଡିଟିଂ ମାଧ୍ୟମରେ ବ୍ରାଣ୍ଡର ସିଲ୍କ ସୁଟ୍ ସହିତ ସୁପରଇମ୍ପୋଜ୍ କରାଯାଇଛି। ଗତ ୧୬ ଏପ୍ରିଲରେ ବ୍ରାଣ୍ଡ ପକ୍ଷରୁ ଶେୟାର କରାଯାଇଥିବା ଏହି ଫଟୋଗୁଡ଼ିକରେ ଆଲିଆଙ୍କ ୨୦୨୪ ଲୋରିଏଲ୍ ପ୍ୟାରିସ୍ ର୍ୟାମ୍ପ ଓ୍ୱାକ୍ ଏବଂ ୨୦୨୬ ଗୁଚି ମିଲାନ ଫ୍ୟାଶନ ୱିକ୍ ଭଳି ବିଭିନ୍ନ ଲୁକକୁ ବ୍ୟବହାର କରାଯାଇଛି । ତେବେ ବ୍ରାଣ୍ଡଟି ଦାବି କରିଛି ଯେ ଆଲିଆଙ୍କୁ ସେମାନଙ୍କର କଲେକ୍ସନ ବହୁତ ପସନ୍ଦ। ତେବେ ସୋସିଆଲ ମିଡିଆରେ କିନ୍ତୁ ଏଭଳି କାର୍ଯ୍ୟକୁ ପସନ୍ଦ କରାଯାଉନାହିଁ । ଏହି ବ୍ୟବସାୟିକ ଜାଲିଆତିକୁ ନେଇ ପ୍ରଶଂସକମାନେ କ୍ରୋଧ ପ୍ରକାଶ କରିବା ସହ କପିରାଇଟ୍ ଉଲ୍ଲଂଘନ ପାଇଁ କୋର୍ଟରେ ମାମଲା କରିବାକୁ ଚେତାବନୀ ଦେଉଥିବା ଦେଖିବାକୁ ମିଳୁଛି । ହେଲେ ଏହାର ଉତ୍ତରରେ ଉକ୍ତ ପୋଷାକ ବ୍ରାଣ୍ଡର ଉତ୍ତର ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । "ଏହାକୁ ଭାଇରାଲ୍ କରିଦିଅନ୍ତୁ ଯେପରି ଆଲିଆ ଜାଣିପାରିବେ" ବୋଲି ବ୍ରାଣ୍ଡ ପକ୍ଷରୁ ଉତ୍ତର ରଖାଯାଇଛି। ଯାହାଫଳରେ ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଏବେ ଆଲିଆ ଓ ତାଙ୍କ ଟିମକୁ ଟ୍ୟାଗ୍ କରି ଉକ୍ତ ପାକିସ୍ତାନୀ ବ୍ରାଣ୍ଡ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରୁଛନ୍ତି । ମାମଲାରେ ଆଲିଆଙ୍କର କୌଣସି ମତ ମିଳିପାରି ନାହିଁ ।

# ଛତୁ ବେସର

**ସାମଗ୍ରୀ:** ଛତୁ ୨୫୦-୩୦୦ ଗ୍ରାମ (ଭଲଭାବେ ଧୋଇ କାଟି ରଖନ୍ତୁ), ୧ଟି ଆଳୁ (ଛୋଟ ଖଣ୍ଡ କରି କଟା), ୧ଟି ଟମାଟୋ (କଟା), ୨ ଚାମଚ ସୋରିଷ, ୧ ଚାମଚ ଜିରା, ୫-୬ କୋଳା ରସୁଣ ଏବଂ ୨ଟି ଶୁଖିଲା ଲଙ୍କାକୁ ଅଳ୍ପ ପାଣି ଦେଇ ଚିକ୍କଣ କରି ବାଟି ଦିଅନ୍ତୁ। ତେଲ, ଫୁଟଣ, ୧ଟି କଟା ପିଆଜ, ହଳଦୀ ଗୁଣ୍ଡ, ଲୁଣ, ଅଳ୍ପ ଚିନି, କଟା ଧନିଆ ପତ୍ର, ଆମ୍ବୁଲ ।

**ପ୍ରଣାଳୀ:** ପ୍ରଥମେ କଟା ଛତୁରେ ଅଳ୍ପ ଲୁଣ ଓ ହଳଦୀ ଗୋଳାଇ କଡ଼ାଇରେ ଅଳ୍ପ ଭାଜି ଦିଅନ୍ତୁ ଯେପରି ଛତୁରୁ ପାଣି ମରିଯିବ। ଏହାକୁ ଏକ ପାତ୍ରକୁ କାଢ଼ି ରଖନ୍ତୁ। ସେହି କଡ଼ାଇରେ ପୁଣି ତେଲ ଗରମ କରନ୍ତୁ। ସେଥିରେ ଫୁଟଣ ଏବଂ ଶୁଖିଲା ଲଙ୍କା ପକାନ୍ତୁ। ଏହାପରେ କଟା ପିଆଜ ପକାଇ ନାଲି ହେବା ଯାଏ ଭାଜନ୍ତୁ। ଏବେ କଟା ଆଳୁ ଓ ଟମାଟୋ ପକାଇ ୨ ମିନିଟ୍ ଭାଜନ୍ତୁ। ଏହାପରେ ବାଟି ରଖିଥିବା ସୋରିଷ ବେସର ବଟା, ହଳଦୀ ଏବଂ ଲୁଣ ଦିଅନ୍ତୁ। ମସଲାରେ ଭଜା ଛତୁକୁ ମିଶାନ୍ତୁ ଏବଂ ପାଣିରେ ଧୁଆ ହୋଇଥିବା ଆମ୍ବୁଲ ପକାନ୍ତୁ। ଆବଶ୍ୟକ ଅନୁସାରେ ପାଣି ଦେଇ ଘୋଡ଼ାଇ ଦିଅନ୍ତୁ। ଆଳୁ ସିଝିବା ଯାଏ ଏହାକୁ ମଧ୍ୟମ ଆଞ୍ଚରେ ଫୁଟିବାକୁ ଦିଅନ୍ତୁ। ଝୋଳ ବହଳିଆ ହୋଇ ଆସିଲେ ଉପରେ କଟା ଧନିଆ ପତ୍ର ପକାଇ ଚୁଲିରୁ ଓହ୍ଲାଇ ଦିଅନ୍ତୁ ।



**ମେଷ:** ବ୍ୟବସାୟିକ ଲାଭ, ଦୂରଯାତ୍ରା, ତୀର୍ଥାଟନ, ଆଶାସଫଳ, ମାନସିକ ଶାନ୍ତି, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ନୂତନ ଆୟ, ବନ୍ଧୁଲାଭ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୭, ଆରାଧନା-ମା' ଭଗବତୀ।

**ବୃଷ:** ଶତ୍ରୁରେ ବିଜୟ, ବନ୍ଧୁଦର୍ଶନ, ନୂତନ କାର୍ଯ୍ୟ ଆରମ୍ଭ, ଗୃହେ ସହଯୋଗ, ବ୍ୟବସାୟରେ ସ୍ୱଳ୍ପ ଲାଭ, ସୁସମାଚାର, ସୁମିଷ୍ଟ ଭୋଜନ, ଦୂରଯାତ୍ରାରେ ସମସ୍ୟା, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ଭଗବାନ ଶଙ୍କର।

**ମିଥୁନ:** ସନ୍ତାନକଷ୍ଟ, ଆଶାରେ ବିଫଳ, ବ୍ୟବସାୟିକ କଷ୍ଟ, ନୂତନ ବନ୍ଧୁଲାଭ, ଲୋକସମ୍ପର୍କ ବୃଦ୍ଧି, ଅର୍ଥ ସମସ୍ୟା, ଶରୀର ସୁସ୍ଥ, ଦ୍ରବ୍ୟଲାଭ, ମାନସିକ ଅବସାଦ, ଦାମ୍ପତ୍ୟ ଖୁସି, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୫, ଆରାଧନା-ଗ୍ରାମଦେବତୀ।

**କର୍କଟ:** ଅପମାନଯୋଗ, ବନ୍ଧୁସମସ୍ୟା, ଅର୍ଥଚିନ୍ତା, ବ୍ୟବସାୟରେ ସ୍ୱଳ୍ପଲାଭ, ପୁରାତନ ବନ୍ଧୁଲାଭ,ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଶରୀର ସୁସ୍ଥ, ନୂତନ କାର୍ଯ୍ୟରେ ସନ୍ତୁଷ୍ଟ, ଦୂରସ୍ଥାନେ ସତର୍କ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୪, ଆରାଧନା-ଲକ୍ଷ୍ମୀନୃସିଂହ।

**ସିଂହ:** ବିଶିଷ୍ଟ କାର୍ଯ୍ୟରେ ଲାଭ, ଗୃହେ ଶୁଭକାର୍ଯ୍ୟ, ଅତିଥିସତ୍କାର, ସମ୍ପତ୍ତିଲାଭ, ବିବାଦ ସମାଧାନ, ଅର୍ଥଲାଭ, ବନ୍ଧୁଲାଭ, ଶତ୍ରୁ ପରାଜିତ, ମାନସିକ ଶାନ୍ତି, ହଠାତ୍ ଦୂରଯାତ୍ରା, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୮, ଆରାଧନା- ପ୍ରଭୁ ହନୁମାନ।

**କନ୍ୟା:** ଯାତ୍ରାକଷ୍ଟ, ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁଲାଭ, ଅଳ୍ପ ଶତ୍ରୁ ସମସ୍ୟା, ମାନସିକ ଅବସାଦ, ଦାମ୍ପତ୍ୟ ସୁଖ, ସନ୍ତାନ ଖୁସି, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୬, ଆରାଧନା-ମା' ବାଟମଙ୍ଗଳା।

**ତୁଳା:** ସମ୍ମାନଲାଭ, ଦୂରଯାତ୍ରାରେ ଲାଭ, ନୂତନ କର୍ମନିଯୁକ୍ତି, ଶୁଭଖବର, ମାନସିକ ଶାନ୍ତି, ସନ୍ତାନଲାଭ, ସମସ୍ୟା ସମାଧାନ, କଚେରୀ ମାମଲାର ସମାଧାନ, ଶରୀର ସୁସ୍ଥ, ଦ୍ରବ୍ୟଲାଭ, ଆଶା ସଫଳ, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା- ପ୍ରଭୁ ରାଧାବଲ୍ଲଭ।

**ବିଛା:** ସ୍ୱାସ୍ଥ୍ୟସମସ୍ୟା, ଆର୍ଥିକ ସାହାଯ୍ୟ, ନୂତନ କାର୍ଯ୍ୟରେ କଷ୍ଟ, ପରିବାରରେ ଶାନ୍ତି, ଶତ୍ରୁ ପରାଜିତ, ବ୍ୟବସାୟରେ ଲାଭ, ଉଚ୍ଚଆଶାରେ ବିଳମ୍ବ, ବ୍ୟକ୍ତି ସହଯୋଗ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ପ୍ରଭୁ ଜଗନ୍ନାଥ।

**ଧନୁ:** ସୁସମ୍ପର୍କ, ମାନସିକ ଶାନ୍ତି, ଅର୍ଥଲାଭ, ନୂତନ କର୍ମ ଆରମ୍ଭ, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ବ୍ୟବସାୟରେ ଲାଭ, ବାକିଦ୍ରବ୍ୟ ପ୍ରାପ୍ତି, ଅଳ୍ପ ଶତ୍ରୁ ସମସ୍ୟା, ପ୍ରତିବୃଦ୍ଧି, ନୂତନ ଆୟ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ମା' ଭୁବନେଶ୍ୱରୀ।

**ମକର:** ଗୁରୁଜନଙ୍କ ଆଶୀର୍ବାଦ, କିଛି କାର୍ଯ୍ୟରେ ବିଳମ୍ବ, ସମ୍ପର୍କରେ ଉନ୍ନତି, ସମ୍ପତ୍ତିଲାଭ, ନୂତନ ଲାଭ, ମାନସିକ ଶାନ୍ତି, ଶତ୍ରୁ ପରାଜିତ ସନ୍ତାନଖୁସି, ବିଦ୍ୟାରେ ସଫଳ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୬, ଆରାଧନା-ମା' ଗୌରୀ।

**କୁମ୍ଭ:** ବନ୍ଧୁସାହାଯ୍ୟ, ଅନୁଷ୍ଠାନରୁ ଲାଭ, ଆଶା ସଫଳ, ସୁସମ୍ବାଦ ପ୍ରାପ୍ତି, ଅର୍ଥଲାଭ, ମାନସିକ ଶାନ୍ତି, ଦ୍ରବ୍ୟଲାଭ, ବ୍ୟବସାୟିକ କଷ୍ଟ, ଯାତ୍ରାରେ ସତର୍କ, ଶତ୍ରୁ ସମସ୍ୟା, ନୂତନ କର୍ମ ଆରମ୍ଭ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା- ଶଙ୍କର ଭଗବାନ।

**ମୀନ:** ଶରୀର କଷ୍ଟ, ଯାତ୍ରାରେ ସତର୍କ, କାର୍ଯ୍ୟରେ ବିଳମ୍ବ, ବନ୍ଧୁ ସାହାଯ୍ୟ, ଋଣ କରିପାରନ୍ତି, କିଛି କାର୍ଯ୍ୟରେ ସମସ୍ୟା, ବ୍ୟବସାୟିକ ଲାଭ, ଦୂରଯାତ୍ରା, ନୂତନ କାର୍ଯ୍ୟ ଆରମ୍ଭ, ଅଳ୍ପ ଲାଭ, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ।

**ବୈଶାଖ ଶୁକ୍ଳପକ୍ଷ, ସପ୍ତମୀ**
**୨୩.୪.୨୦୨୬ ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ଓଡ଼ିଆ ଶବ୍ଦ ଅନୁଯାୟୀ ଇଂରାଜୀ ବନାନ ସଂଶୋଧନର ମତାମତ ଆହ୍ୱାନ

ଭୁବନେଶ୍ୱର, ୨୨।୪ (ସବ୍ୟୁ) : ରାଜ୍ୟର ବିଭିନ୍ନ ଜିଲ୍ଲା, ସଦର ମହକୁମା, ଉପଖଣ୍ଡ, ତହସିଲ ଏବଂ ବ୍ଲକ୍ ଗୁଡ଼ିକରେ ସରକାରୀ ଭାବେ ବ୍ୟବହୃତ ଇଂରାଜୀ ବନାନ ଯଦି ମୂଳ ଓଡ଼ିଆ ନାମର ଅପଭ୍ରଂଶ ହୋଇଥାଏ ତେବେ ସେଗୁଡ଼ିକୁ ମୂଳ ଓଡ଼ିଆ ନାମରେ ପୁନରୁଦ୍ଧାର କରିବା ପାଇଁ ଏକ ପ୍ରସ୍ତାବ ରହିଥିଲା । ସମସ୍ତ ପ୍ରସ୍ତାବଗୁଡ଼ିକ ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦ୍ୱାରା ସମୀକ୍ଷା କରାଯାଇ ସୁପାରିଶ କରାଯାଇଥିଲା । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏହି ପ୍ରସ୍ତାବ ଉପରେ ସାଧାରଣ ଜନତାଙ୍କ ମତାମତ ଓ ପରାମର୍ଶ ପାଇଁ ଆହ୍ୱାନ କରାଯାଇଛି ।

ପ୍ରସ୍ତାବ ମଧ୍ୟରେ ଅନୁଗୁଳ, ପାଲଲହଡା, ବଲାଙ୍ଗୀର, ବଙ୍ଗମୁଣ୍ଡା, ବାଲେଶ୍ୱର, ନୀଳଗିରି, ବରଗଡ, ରାଜବୋଡାସମ୍ବର, ବନ୍ତ, କଟକ, ଆଠଗଡ, ସାଲେପୁର, ବଡମ୍ବା, ଦେବଗଡ, ରିୟାମାଳ, ବ୍ରହ୍ମପୁର, ହିଞ୍ଜିଳିକାଟୁ, ଆସିକା, ସୋରଡା, ଦାଶରଥପୁର, ଧର୍ମଶାଳା, ବେଲପାହାଡ, ଧର୍ମଗଡ, ଜୁନାଗଡ, ଜୟପାଟଣା, ଲାଞ୍ଜିଗଡ, ଭବାନୀପାଟଣା, କନ୍ଧମାଳ, କେନ୍ଦ୍ରାପଡା, ଆଳି, କେନ୍ଦୁଝର, ବଡବିଲ, କେନ୍ଦୁଝରଗଡ, ଖୋରଧା, ବୋଲଗଡ, ବାଣପୁର, ଜଟଣୀ, ଜୟପୁର, ପଡ଼ିଆ, ବେତନଟୀ, ସମାଖୁଣ୍ଟା, ମୋରଡା, ରାଶଗୋବିନ୍ଦପୁର, ପାଞ୍ଚପୀଢ଼, ନୟାଗଡ, ଦଶପଲ୍ଲା, ଖଡିଆଳ, ରେଢ଼ାଖୋଲ, ସୋନପୁର, ବିନିକା, ସୁନ୍ଦରଗଡ, ବଣାଇଗଡ, କୋଇଡା, ଲେଫ୍ରିପଡା, ସବଡେଗା, ବଡଗାଁ, ଲହୁଣୀପଡାର ଇଂରାଜୀ ବନାନ ଓଡ଼ିଆ ଭାଷା ସହ ମେଳ କରାଯାଇ ସଂଶୋଧନ ହେବ ।

# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

## ୨ ଗିରଫ

ଆଠଗଡ଼,(ସବ୍ୟୁ) ଆଠଗଡ଼ ଥାନା ଅନ୍ତର୍ଗତ ଦୋରଡ ଗ୍ରାମ ରେ ଗତକାଲି ମଙ୍ଗଳବାର ପୂର୍ବ ଶତ୍ରୁତାକୁ ନେଇ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଜଣାପଡିଛି । ମଙ୍ଗଳବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବିଭୁତି ଏବଂ ବାପୁନି ବିଭିନ୍ନ ମାରଣାସ୍ତ୍ର ଧରି ସେହି ଗ୍ରାମର ଚତୁର୍ଭୁଜ ବେହେରାଙ୍କ ସ୍ତ୍ରୀ ପ୍ରତିମା ବେହେରା ଏବଂ ତାଙ୍କ ପୁଅ ଚିନ୍ମୟ ବେହେର ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଗୁରୁତର ଆହତ ଅବସ୍ଥାରେ ଗ୍ରାମବାସୀମାନେ ଉଭୟଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇ ଥିଲେ । ପୋଲିସ ପକ୍ଷରୁ ଦୋରଡ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ବିଭୂତି ଭୂଷଣ ବେହେରା (୪୩) ଏବଂ ବାପୁନି ଓରଫ ସୁନିଲ ପାତ୍ର (୩୪) ଙ୍କୁ ଗିରଫ କରିଛି । ଏ ବାବଦରେ ଆଠଗଡ଼ ଥାନା କେସ ନଂ ୧୬୨/୨୬ ରେ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

# ଟ୍ରକ୍‌ରେ ନିଆଁ, ୪ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ଠପ୍



ଭୁବନେଶ୍ୱର, (ସବ୍ୟୁ) : ଜାତୀୟ ରାଜପଥରେ ଏକ ଟ୍ରକ୍‌ରେ ନିଆଁ ଲାଗି ଜଳିଯିବା ଫଳରେ ଗାଡି ଚଳାଚଳ ୪ଘଣ୍ଟାରୁ ଉର୍ଦ୍ଧ୍ୱର୍ ସମୟ ଠପ୍ ହୋଇଯାଇଥିଲା । ଲୋକେ ନାହିଁନଥିବା ହୀନସ୍ତା ଭୋଗିଥିଲେ । ପଳାଶୁଣି ପୋଲ ପାଖରେ ଏକ ଟ୍ରକ୍‌ରେ ନିଆଁ ଲାଗିଲା । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ଯିବା ପାଇଁ ରାସ୍ତାରେ ବାଟ ପାଇନଥିଲା । ଯାହା ଫଳରେ ଟ୍ରକ୍ ସମ୍ପୂର୍ଣ୍ଣ ପୋଡିଗଲା । ନିଆଁ ଲାଗିବା ପରେ ପଳାଶୁଣିରୁ ବରମୁଣ୍ଡା ପର୍ଯ୍ୟନ୍ତ ଓ ପଳାଶୁଣିରୁ ପାହାଳ ପର୍ଯ୍ୟନ୍ତ ଜାତୀୟ ରାଜପଥରୁ ଗାଡି ପଛକୁ ପଛ ଲାଗି ରହିଲା । ଏପରିକି ଦୁଇଚକିଆଟିଏ ଯିବା ପାଇଁ ମଧ୍ୟ ବାଟ ମିଳିଲା ନାହିଁ । ଦୁଇ ପାର୍ଶ୍ୱରୁ ଘଟଣାସ୍ଥଳକୁ ଆସୁଥିବା ଅଗ୍ନିଶମ ଗାଡି ରାସ୍ତା ଜାମ୍‌ରେ ଫସି ରହିଲା । ୪ଘଣ୍ଟାରୁ ଉର୍ଦ୍ଧ୍ୱର୍ ସମୟ ପୋଲିସ ଓ ଟ୍ରାଫିକ୍ କର୍ମଚାରୀ ପରିଶ୍ରମ କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ଟ୍ରକ୍‌ରେ ନିଆଁ କିପରି ଲାଗିଲା ତାହା ସ୍ପଷ୍ଟ ହୋଇନଥିଲେ ମଧ୍ୟ ତଦନ୍ତ ଜାରି ରହିଛି । କାରଣ ପଥଚାରୀ ନାହିଁ ନଥିବା ହୀନସ୍ତା ହୋଇଥିବାରୁ ଟ୍ରକ୍‌ରେ କିପରି ନିଆଁ ଲାଗିଲା ତାହା ଜାଣିବା ଆବଶ୍ୟକ ବୋଲି ପୋଲିସ କହିଛି ।

# ପିସିସିଏଫ୍‌ଙ୍କୁ ୨୪ ଘଣ୍ଟା 'ଅଫିସ୍ ଆରେଷ୍ଟ ଚେତାବନୀ ଦେଲେ ହାଇକୋର୍ଟ

କଟକ, (ସବ୍ୟୁ): ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଥିବା ଘଟଣାରେ ହାଇକୋର୍ଟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପ୍ରିନ୍‌ସିପାଲ ଚିଫ୍ କନ୍‌ଜରଭେଟର ଅଫ ଫରେଷ୍ଟ (ପିସିସିଏଫ) ଙ୍କ ବିରୋଧରେ ଭୀଷଣ କ୍ଷୁବ୍ଧ ହୋଇଛନ୍ତି ` ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ ନହୁଏ, ତେବେ ପିସିସିଏଫଙ୍କୁ ୨୪ ଘଣ୍ଟା ପାଇଁ 'ଅଫିସ ଆରେଷ୍ଟ କରାଯିବ ବୋଲି ହାଇକୋର୍ଟ ଚେତାବନୀ ଦେଇଛନ୍ତି। ଏଥିସହିତ ଅନ୍ୟାନ୍ୟ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇପାରେ ବୋଲି ଅଦାଲତ କହିଛନ୍ତି । କଟକର ଶ୍ରୀ ଗଣେଶ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଆଗତ ଅଦାଲତ ମାମଲାର ଶୁଣାଣି କରି ଜଷ୍ଟିସ ଏସ୍. କେ. ପାଣିଗ୍ରାହୀ ଏହି ଆଦେଶ ଦେଇଛନ୍ତି। କଟକର ଶ୍ରୀ ଗଣେଶ ଇଣ୍ଡଷ୍ଟ୍ରିଜ୍‌କୁ ଅଦାଲତଙ୍କ ଆଦେଶ ସତ୍ତ୍ୱେ ଲାଇସେନ୍ସ ପ୍ରଦାନ କରାଯାଇ ନଥିଲା। ଏନେଇ ସେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ । ଏହି ମାମଲାରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ପକ୍ଷଭୁକ୍ତ କରିଥିଲେ । ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆନଯିବାରୁ ହାଇକୋର୍ଟ ଏଭଳି କଠୋର ଆଦେଶ ପ୍ରଦାନ କରିଛନ୍ତି । ଅଦାଲତ ଏହାକୁ ଶେଷ ସୁଯୋଗ ବୋଲି କହି ଆଜିଠାରୁ ୧୫ ଦିନ ମଧ୍ୟରେ ଆଦେଶର ସମ୍ପୂର୍ଣ୍ଣ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କୁ ଲାଇସେନ୍ସ ପ୍ରଦାନ ପାଇଁ ରାଜ୍ୟ ସ୍ତରୀୟ କମିଟି ବୈଠକ ତୁରନ୍ତ ଡକାଇବାକୁ ମଧ୍ୟ କୁହାଯାଇଛି । କୌଣସି ପରିସ୍ଥିତିରେ ଆଉ ସମୟ ସୀମା ବୃଦ୍ଧି କରାଯିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

# ବରିଷ୍ଠ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା

## ଅଭିଯୁକ୍ତଙ୍କ ଗିରଫ ଦାବିରେ ଏସ୍‌ପିଙ୍କୁ ଭେଟିଲେ ସାମ୍ବାଦିକ

ଖୋର୍ଦ୍ଧା, (ସବ୍ୟୁ) : ଟାଙ୍ଗୀର ବରିଷ୍ଠ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ ଓରଫ ମାଲଙ୍କୁ ଖବର ପରିବେଷଣକୁ କେନ୍ଦ୍ରକରି ଜଣେ ଅସାମାଜିକ ବ୍ୟକ୍ତି ତାଙ୍କ ଘରେ ପଶି ଆକ୍ରମଣ କରିବା, ଗାଳିମନ୍ଦ କରିବା ଓ ହତ୍ୟାଧମକ ଦେବା ଘଟଣା ପ୍ରତିବାଦରେ ବୁଧବାର ଶତାଧିକ ସାମ୍ବାଦିକ ଏସ୍‌ପିଙ୍କୁ ଭେଟି ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି। ଏହି ମର୍ମରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୭ଦିନ ଭିତରେ ଅଭିଯୁକ୍ତ କୁ ଗିରଫ କରାନଗଲେ ସମୂହ ସାମ୍ବାଦିକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସମ୍ମିଳିତ କର୍ମଜିବୀ ସାମ୍ବାଦିକ ସଂଘର ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ ହାତୀ ଚେତାବନୀ ଦେଇଛନ୍ତି। ଏହାକୁ ଜିଲ୍ଲା ପ୍ରେସ କ୍ଲବ ଓ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘର ସଦସ୍ୟମାନେ ସମର୍ଥନ ଜଣାଇଛନ୍ତି। ସୂଚନାନୁଯାୟୀ,ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ର ସଭାପତି ତଥା ବରିଷ୍ଠ ନାଗରିକ ପଦ୍ମନାଭ ବିଶ୍ୱାଳ (୮୨) ଜଣେ ଶ୍ରମଜିବୀ ବିବାହିତ ମହିଳାଙ୍କ ଆତ୍ମହତ୍ୟା ସମ୍ପର୍କିତ ଖବର ଗତ ୮ ଓ ୯ ତାରିଖରେ ପ୍ରସାରଣ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଗତ ୧୬ ତାରିଖରେ ଟାଙ୍ଗି ଥାନା ଅନ୍ତର୍ଗତ ବଡ଼ପାରି



ଅଂଚଳର ଜଣେ ଅସାମାଜିକ ବ୍ୟକ୍ତି ତାଙ୍କ ସମର୍ଥକଙ୍କ ସହ ଶ୍ରୀ ବିଶ୍ୱାଳଙ୍କ ଘରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏପରିକି ତାଙ୍କୁ ଖବର ପ୍ରସାରଣ କଲେ ହତ୍ୟାଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି। ଶ୍ରୀ ବିଶ୍ୱାଳ ଜଣେ ବରିଷ୍ଠ ନାଗରିକ ଓ ପ୍ରତିଷ୍ଠିତ ବ୍ୟକ୍ତି ହୋଇଥିବାବେଳେ ଏହି ଘଟଣା ପରେ ଶ୍ରୀ ବିଶ୍ୱାଳଙ୍କ ଦମ୍ପତି ଭୟ ଓ ଅସୁରକ୍ଷିତ ଅବସ୍ଥାରେ ରହୁଛନ୍ତି। ଶ୍ରୀ ବିଶ୍ୱାଳ ଏନେଇ ଟାଙ୍ଗୀ ଥାନାରେ ଏକ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗକୁ ୭ଦିନ ବିତିଥିଲେ ମଧ୍ୟ ପୁଲିସ ଏହା ଉପରେ ଏପର୍ଯ୍ୟନ୍ତ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇନାହିଁ କି ମାମଲା ରୁଜୁ କରିନାହିଁ, ବରଂ ଜଣେ ଦୁର୍ବୃର୍ତ୍ତ କିପରି ମାମଲାରୁ ଖସିବ ସେ ନେଇ ଥାନା ଅଧିକାରୀ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ତେଣୁ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଜିଲ୍ଲା ପ୍ରେସ କ୍ଲବ ଓ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ନିନ୍ଦା କରିବା ସହ ଗୁରୁତରଭାବେ ଗ୍ରହଣ କରିଛି। ଜଣେ ବରିଷ୍ଠ ନାଗରିକ ତଥା ବରିଷ୍ଠ ସାମ୍ବାଦିକଙ୍କୁ ଘରେ ପଶି ଆକ୍ରମଣ କରିବା ଓ ହତ୍ୟା ଧମକ ଦେବା ଘଟଣାରେ ଅଭିଯୁକ୍ତ କୁ ଗିରଫ ଓ ଶ୍ରୀ ବିଶ୍ୱାଳଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ପ୍ରଦାନ କରିବା ଦାବିରେ ଆଜି ସଂଘ ଗୁଡିକ ପକ୍ଷରୁ ଏସ୍‌ପି ବିବେକାନନ୍ଦ ଶର୍ମା ଙ୍କୁ ଭେଟି ଦାବି କରିଛନ୍ତି। ଅଭିଯୁକ୍ତ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ୭ଦିନ ପରେ ଏସ୍‌ପି ଅଫିସ ସମ୍ମୁଖରେ ସାମ୍ବାଦିକମାନେ ଧାରଣାଦେବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରି ଜଣେ ବୟସ୍କ ସାମ୍ବାଦିକଙ୍କୁ ଏଭଳି ହତ୍ୟା ଦେବା ଘଟଣାରେ ତୁରନ୍ତ ମାମଲା ରୁଜୁ କରାଯାଇ ଅଭିଯୁକ୍ତ କୁ ଗିରଫ କରାଯିବ। ଏନେଇ ଜିଲ୍ଲା ମୁଖ୍ୟାଳୟର ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

## ୫.୨୧ କୋଟି ବ୍ୟାଙ୍କ ଠକେଇ

# ଏସ୍‌ବିଆଇ କ୍ୟାସ ଇନ୍‌ଚାର୍ଜ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସୁନାଋଣ ବିଭାଗରେ ହେରାଫେରି କରି ୫.୨୧କୋଟି ଠକିଥିବା କ୍ୟାସ୍ ଇନ୍‌ଚାର୍ଜ ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି । ଏ ସମ୍ପର୍କରେ ଏସ୍‌ବିଆଇ ପକ୍ଷରୁ ଅର୍ଥନୈତିକ ଅପରାଧ ଶାଖାରେ ଅଭିଯୋଗ ହୋଇଥିଲା । ଏସ୍‌ବିଆଇ ଚିଫ୍ ମ୍ୟାନେଜର ମନୋରମା ରାଉତ ୨୦୨୫ରେ ବ୍ୟାଙ୍କକୁ ରୁଟିନ୍ ଭିଜିଟ୍‌ରେ ଯାଇଥିଲେ । ସେହି ସମୟରେ ଅଭିଯୁକ୍ତ କାହାରିକୁ କିଛି ନଜଣାଇ ଫେରାର୍ ହୋଇଯାଇଥିଲା । ଏହା ଦେଖି ଚିଫ୍ ମ୍ୟାନେଜର ସୁନାଋଣ ବିଭାଗର ଅଡିଟ୍ କରିଥିଲେ । ଅଡିଟ୍ ସମୟରେ ଜାଣିବାକୁ ପାଇଥିଲେ ଯେ, କ୍ୟାସ୍ ଇନ୍‌ଚାର୍ଜ ନକଲି ସୁନା ଓ କେତେକ ସୁନାର କାଗଜପତ୍ର ନଥାଇ ଲୋକଙ୍କୁ ଋଣ ଦେଇଛନ୍ତି । କେତେକ ସୁନାଋଣ କାଗଜପତ୍ରକୁ ଅଭିଯୁକ୍ତ କେଉଁଆଡେ ଫୋପାଡି ଦେଇଛନ୍ତି । ଅଡିଟ୍‌ରେ ଚିଫ୍ ମ୍ୟାନେଜର ଜାଣିବାକୁ ପାଇଥିଲେ ଯେ, ବଣିଆର ସୁନା ମୂଲ୍ୟାୟନ ରିପୋର୍ଟରେ ଦସ୍ତଖତ ମଧ୍ୟ ନଥିଲା । ତାକୁ ଅଭିଯୁକ୍ତ ପ୍ରଭାବିତ କରି ଲୋକଙ୍କୁ ଋଣ ଦେବାରେ ସହାୟତା କରିବାକୁ କହିଥିଲା । ଅଭିଯୁକ୍ତ ମଲ୍ଲିକ ସୁନାଋଣ ବନ୍ଧକ ରଖିବାରେ କାଗଜପତ୍ରକୁ ଠିକ୍ ଭାବରେ ନଦର୍ଶାଇ ଋଣ ପରିମାଣ ସ୍ଥିର କରି ଲୋକଙ୍କୁ ଦେଇଥିଲେ । ଏହି ଠକେଇ ସମ୍ପର୍କରେ ରିଜିଓନାଲ ମ୍ୟାନେଜର ପିୟୁଷ ରଞ୍ଜନ ସ୍ୱାଇଁ ଇଓଡବ୍ଲ୍ୟୁରେ ଏତଲା କରିଥିଲେ । ଜଗତସିଂହପୁର ଶାଖା ଓ ବାଲିଚନ୍ଦ୍ରପୁର ଶାଖାରେ ଏହି ଠକେଇ ହୋଇଥିବା ଇଓଡବ୍ଲ୍ୟୁ କହିଛି । ଠକେଇର ପରିମାଣ ସମୁଦାୟ ୫କୋଟି ୨୧ଲକ୍ଷ ୪୨ ହଜାର । ଏତଲା ଆଧାରରେ ଇଓଡବ୍ଲ୍ୟୁ ଅଭିଯୁକ୍ତ ପ୍ରଶାନ୍ତ କୁମାର ମଲ୍ଲିକକୁ ଗିରଫ କରିବା ପରେ ବୁଧବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓଙ୍କ ସହ

# ଆମେରିକୀୟ କନସୁଲ୍ ଜେନେରାଲଙ୍କ ସୌଜନ୍ୟମୂଳକ ସାକ୍ଷାତକାର

ଭୁବନେଶ୍ୱର, (ସବ୍ୟୁ) : ଆନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଆମେରିକାର କନସୁଲ୍ ଜେନେରାଲ୍ ମିସ୍ ଲୌରା ବୁଧବାର ଲୋକସେବା ଭବନଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତରେ ଅକ୍ଷୟ ଶକ୍ତି, ସେମିକଣ୍ଡକ୍ଟର ନିର୍ମାଣ ଏବଂ ଓଡ଼ିଶାର ସମୃଦ୍ଧ ପର୍ଯ୍ୟଟନ ଓ ସାଂସ୍କୃତିକ ଐତିହ୍ୟର ପ୍ରସାର ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା।ଏହି ଆଲୋଚନାର ମୁଖ୍ୟ ବିଷୟବସ୍ତୁ ଥିଲା ସ୍ଥାୟୀ ଶକ୍ତି ଆଡ଼କୁ ପରିବର୍ତ୍ତନ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଅକ୍ଷୟ ଶକ୍ତି ଏବଂ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ କ୍ଷେତ୍ରରେ ଓଡ଼ିଶାର ବର୍ଦ୍ଧିତ କାର୍ଯ୍ୟପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ଶକ୍ତି ସଞ୍ଚୟ ପାଇଁ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ ର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। ପିକ୍ ସମୟରେ ବିଦ୍ୟୁତ୍ ଉପଲବ୍ଧତା ନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଗ୍ରୀଡ୍ ସିଷ୍ଟମ୍ ଏବଂ ସୌର ପ୍ରକଳ୍ପରେ ବ୍ୟାଟେରୀ ଷ୍ଟୋରେଜ୍‌କୁ ସାମିଲ କରିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

ସେମିକଣ୍ଡକ୍ଟର ଏବଂ ଡିଜିଟାଲ୍ ଭିତ୍ତିଭୂମିରେ, ରାଜ୍ୟରେ ଭାରତର ପ୍ରଥମ ଗ୍ଲାସ ସେମିକଣ୍ଡକ୍ଟର ଚିପ୍ ନିର୍ମାଣ ପ୍ରୟାସ ଉପରେ ଆଲୋଚନା ହୋଇଥିଲା। ଏଥିସହ ଡାଟା ସେଣ୍ଟର ସ୍ଥାପନ ଏବଂ ଡିଜିଟାଲ୍ ବ୍ୟବସ୍ଥାର ଆଧୁନିକୀକରଣ ପାଇଁ ଭୂତଳ କେବୁଲ୍ ବିଛାଇବା ଯୋଜନା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଓଡ଼ିଶା ଉପକୂଳରେ ମିଳୁଥିବା ଦୁର୍ଲଭ ଖଣିଜ ସମ୍ପଦର ଅନ୍ୱେଷଣ, ଶିଳ୍ପ ଅଭିବୃଦ୍ଧି ଏବଂ ପୁଞ୍ଜିନିବେଶ ନିମନ୍ତେ ଅଞ୍ଚଳର ଯୋଗାଣ ଶୃଙ୍ଖଳା ଏବଂ ଲଜିଷ୍ଟିକ୍ସ ପରିଚାଳନା କ୍ଷମତା, ଓଡ଼ିଶାର ଉଦ୍ୟୋଗୀ ପ୍ରତିଭାକୁ ସୁଦୃଢ଼ କରିବା ପାଇଁ ପରିପକ୍ୱ ଷ୍ଟାର୍ଟଅପ୍ ଗୁଡ଼ିକ ପାଇଁ ପାଣ୍ଠି ଯୋଗାଡ଼ ଉପରେ ମଧ୍ୟ ଆଲୋଚନା ହୋଇଥିଲା।



କନସୁଲ ଜେନେରାଲ ଓଡ଼ିଶାର ସହନଶୀଳତା, ବିଶେଷ କରି ସାମୁଦ୍ରିକ ବାତ୍ୟା ପରେ ରାଜ୍ୟର ଅଭୁତପୂର୍ବ ବିଦ୍ୟୁତ୍ ବିତରଣ ଏବଂ ପୁନରୁଦ୍ଧାର କାର୍ଯ୍ୟର ପ୍ରଶଂସା କରିଥିଲେ। ଏହି ସୌଜନ୍ୟମୂଳକ ସାକ୍ଷାତକାର ଅବସରରେ ମୁଖ୍ୟ କନସୁଲଙ୍କୁ ଓଡ଼ିଶାର ଜୀବନ୍ତ ସଂସ୍କୃତି ସମ୍ପର୍କିତ ଏକ ପୁସ୍ତକ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ଉପସ୍ଥିତ ଥିଲେ।

## ସାମପୁର ଉଚ୍ଛେଦ ଘଟଣା : ଭରତପୁର ଥାନାରେ ଏତଲା, ଥଇଥାନ ଦାବି

# ମାଟି ତଳେ ଚୋରାରେ ଦଲାଲ ଯୋଗାଇଥିଲେ ବିଦ୍ୟୁତ୍ ସଂଯୋଗ

ଭୁବନେଶ୍ୱର, (ସବ୍ୟୁ) : ସାମପୁର ଉଚ୍ଛେଦ ଘଟଣାରେ ଭରତପୁର ଥାନାରେ କ୍ଷତିଗ୍ରସ୍ତ ବାସହରା ଏତଲା ଦେଇଥିବା ବେଳେ ଥଇଥାନ ଦାବି କରି ନାରାବାଜି କରିଥିଲେ । ସେମାନଙ୍କୁ ମାଟିତଳେ ବିଦ୍ୟୁତ୍ ସଂଯୋଗ ଦଲାଲ ଯୋଗାଇ ମାସିକ ଲକ୍ଷ ଲକ୍ଷ ଟଙ୍କା ବଟି ନେଉଥିଲେ । ଦଲାଲଙ୍କ ସହ ବିଦ୍ୟୁତ୍ କର୍ମଚାରୀ ମିଶି ବଟି ନେଉଥିଲେ । ସେଥିପାଇଁ ଏତଲାରେ ବିଦ୍ୟୁତ୍ କର୍ମଚାରୀଙ୍କ ନାମ ଉଲ୍ଲେଖ କରାଯାଇଛି । ସାମପୁର ମୌଜାର ୬୮ ଏକର ସରକାରୀ ଜମିକୁ ଜବରଦଖଲ କରି ଦଲାଲମାନେ ୧ଲକ୍ଷରୁ ୫ଲକ୍ଷ ପର୍ଯ୍ୟନ୍ତ ପ୍ଲଟ୍ ପିଛା ନେଇଥିଲେ । ସେହି ଜମି ବିଡିଏ ଅଧୀନରେ ଥିବାରୁ ସେଠାରେ ପାଚେରି ନିର୍ମାଣ କରାଯାଇଥିଲା । କେବଳ ପାଚେରି ନିର୍ମାଣ ନିହେଁ, ବସ୍ତି ଲୋକଙ୍କୁ ବିଦ୍ୟୁତ୍ ସଂଯୋଗ ନଦେବା ପାଇଁ ବିଭାଗକୁ ବିଡିଏ ପକ୍ଷରୁ କୁହାଯାଇଥିଲା । ହେଲେ ଦଲାଲମାନେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ହାତକରି ମାଟିତଳେ ବିଦ୍ୟୁତ୍ ସଂଯୋଗ ଯୋଗାଇଥିଲେ । ଏଥିପାଇଁ ମାସକୁ ସେମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେଇ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଦେଉଥିବା ବାସହରା ଅଭିଯୋଗ କରିଛନ୍ତି । ବିଡିଏ ଦୁଇଦିନ ପୂର୍ବରୁ ସେହି ଜମିରୁ ସବୁ ଘରକୁ ଭାଙ୍ଗି ଦେଇଛି । ବାସହରା ବିପନ୍ନମାନେ ଉପାୟଶୂନ୍ୟ ହୋଇ ବୁଧବାର ଭରତପୁର ଥାନାରେ କେତେକ ଦଲାଲ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ବିରୋଧରେ ଏତଲା କରିଛନ୍ତି । ଏତଲାରେ ଟଙ୍କା କଥା ମଧ୍ୟ ସେମାନେ ଲେଖିଥିବା ଜଣାଯାଇଛି । ଏତଲା କରିବା ସହ ଥଇଥାନ ଦାବିରେ ବାସହରା ବିପନ୍ନମାନେ ବୁଧବାର ବିକ୍ଷୋଭ କରିଛନ୍ତି । ସେମାନଙ୍କ କହିବା କଥା ଘରଦ୍ୱାର ସବୁ ହରାଇଲୁ, ଦଲାଲଙ୍କୁ ଦେଇଥିବା ଟଙ୍କା ମଧ୍ୟ ହରାଇଲୁ । ସରକାର ଦଲାଲ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି । ସରକାର ଆମ ଦାବି ଶୁଣିବାରେ ବିଳମ୍ବ କଲେ ଆଗକୁ ଆନ୍ଦୋଳନ ଉଗ୍ରରୂପ ନେବ । ବିଦ୍ୟୁତ୍ ବିଭାଗକୁ ବିଡିଏ ପକ୍ଷରୁ ବାରଣ କରାଯାଇଥିବା ବେଳେ ସେମାନେ ଟଙ୍କା ପାଇବା ଆଶାରେ ମାଟିତଳେ ବିଦ୍ୟୁତ୍ ସଂଯୋଗ ଦେଇଥିଲେ । କେତେକ ବିଦ୍ୟୁତ୍ କର୍ମଚାରୀ ଅବସର ନେଇସାରିଲେଣି । ତେଣୁ ସରକାର ଆମ କଥା ବିଚାରକୁ ନେଇ ଆମକୁ ଥଇଥାନ କରନ୍ତୁ ବୋଲି ବାସହରା ବିପନ୍ନମାନେ ଦାବି କରିଛନ୍ତି ।

10001/78/2627

ଅଂଶୁଘାତ ସତର୍କତା

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

OIPR: 10001/10003/2/26-27/0006

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

## ଆକ୍ରୋଶର ନିଆଁ ଗାଁରୁ ସହର ପର୍ଯ୍ୟନ୍ତ ବ୍ୟାପିବ

# ବିରୋଧୀଙ୍କ ରାଜନୈତିକ ଭବିଷ୍ୟତ ଧୂଳିସାତ୍ ହୋଇଯିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସଂସଦରେ ବାଧାପ୍ରାପ୍ତ କରି କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧି ଦଳଗୁଡିକ ଦେଶର ଅଧା ଜନସଂଖ୍ୟା ସହ ବିଶ୍ୱାସଘାତକତା କରିଛନ୍ତି। ମହିଳାଙ୍କ ସାମ୍ବିଧାନିକ ଅଧିକାରକୁ ହତ୍ୟା କରିଛନ୍ତି ବିରୋଧୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହିଳାଙ୍କୁ ବିଧାନସଭା ଓ ଲୋକସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦେଇ ସେମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ କରିବାକୁ ଚାହୁଁଥିବାବେଳେ ବିରୋଧୀ ଦଳ ଗୁଡିକ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଏହାକୁ ବିଫଳ କରିଛନ୍ତି। ଏହା କେବଳ "ଏକ ବିଲ୍ ର ପରାଜୟ ନୁହେଁ, ବରଂ ମା' ମାନଙ୍କ ସ୍ୱପ୍ନର ଭ୍ରୁଣହତ୍ୟା"। ଏହା ମୋଦିଙ୍କ



ଏହା କେବଳ "ଏକ ବିଲ୍ ର ପରାଜୟ ନୁହେଁ, ବରଂ ମା' ମାନଙ୍କ ସ୍ୱପ୍ନର ଭ୍ରୁଣହତ୍ୟା"

ପରାଜୟ ନୁହେଁ, ଦେଶର ସମଗ୍ର ମହିଳାଙ୍କ ପାଇଁ ଶକ୍ତ ଧକ୍କା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟରେ ମହିଳାଙ୍କ ଆର୍ଥିକ ଆତ୍ମନିର୍ଭରଶୀଳତା ପାଇଁ 'ସୁଭଦ୍ରା ଯୋଜନା' ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହାସହ ସେ ଘୋଷଣା କରିଛନ୍ତି ଯେ ଖୁବଶୀଘ୍ର 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ଆରମ୍ଭ ହେବ, ଯେଉଁଥିରେ ଜନ୍ମ ସମୟରେ ୨୦ହଜାର ଟଙ୍କା ଏବଂ ସ୍ନାତକ ଶେଷ ପରେ ୧ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବ। ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ 'ଲକ୍ଷପତି ଦିଦି' ଭାବେ ଗଢିବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ଯେଉଁ ନାରୀ ପରିବାର ଚଳାଏ, ସେ ରାଷ୍ଟ୍ରର ନୀତି ନିର୍ଦ୍ଧାରଣ ବି କରିପାରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଆଜିର ଏହି ଆକ୍ରୋଶର ନିଆଁ ଗାଁରୁ ସହର ପର୍ଯ୍ୟନ୍ତ ବ୍ୟାପିବ ଏବଂ ଏହି ଜନ ଆକ୍ରୋଶରେ ବିରୋଧୀଙ୍କ ରାଜନୈତିକ ଭବିଷ୍ୟତ ଧୂଳିସାତ୍ ହୋଇଯିବ। ମହିଳାମାନେ ଚୁପ୍ ନରହି ନିଜ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି। ବିରୋଧୀ ଦଳଙ୍କ ମହିଳା ବିରୋଧୀ ଅଭିମୁଖ୍ୟ ବିରୋଧରେ ଆଜି ରାଜ୍ୟସ୍ତରୀୟ ପଦଯାତ୍ରା ହୋଇଛି। ଆଗାମୀ ଦିନରେ ଏହାକୁ ଜିଲ୍ଲା, ମଣ୍ଡଳ ଓ ବୁଥସ୍ତର ପର୍ଯ୍ୟନ୍ତ ନିଆଯିବ। ମହିଳାମାନଙ୍କୁ ସାମ୍ବିଧାନିକ ସମ୍ମାନ ଦେବା ପାଇଁ ଶେଷ ପର୍ଯ୍ୟନ୍ତ ଲଢେଇ ଜାରୀ ରହିବ। ବିରୋଧୀମାନେ ବିଲ୍‌କୁ ପୁଣି ସମର୍ଥନ କରିବାକୁ ବାଧ ହେବେ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଓଡ଼ିଶାର ମହିଳାମାନେ ଏହାକୁ କେବେବି କ୍ଷମା ଦେବେ ନାହିଁ ବୋଲି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଛନ୍ତି। ମହିଳାମାନଙ୍କ ଆକ୍ରୋଶକୁ ସମ୍ମାନ ଓ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟିର୍ ତରଫରୁ ଆଜି ରାଜଧାନୀ ଭୁବନେଶ୍ୱରରେ ପ୍ରଦର୍ଶନୀ ପଡ଼ିଆରୁ ଲୋୟର ପିଏମ୍‌ଜି ପର୍ଯ୍ୟନ୍ତ ବିଶାଳ "ଜନ ଆକ୍ରୋଶ ମହିଳା ପଦ ଯାତ୍ରା" ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରାରେ ସମାଜରୁ ଆସିଥିବା ପ୍ରତ୍ୟେକ ବର୍ଗର ମହିଳା କଳା ପଟି ପିନ୍ଧି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେବା ବିରୋଧୀ ନେତାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପୃଥ୍ୱୀରାଜ ହରିଚନ୍ଦନ, ରବି ନାଏକ, ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ପ୍ରତାପ ଷଡଙ୍ଗୀ, ଶ୍ରୀମତୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ରାଜ୍ୟ ସାଧାରଣ ସଂପାଦିକା ଶ୍ରୀମତୀ ପୂର୍ଣ୍ଣିମା ନାୟକ, ରାଜ୍ୟ ସଂପାଦିକା ପିଙ୍କି ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ପରିଶେଷରେ ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

---

## ଜଟଣୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ

# ପ୍ରଫେସର ଶ୍ରୀରାମଚନ୍ଦ୍ର ଦାସ ସ୍ମାରକୀ ପୁରସ୍କାର ପ୍ରଦାନ

ଜଟଣୀ, (ସବ୍ୟୁ) : ଜଟଣୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବିଭାଗୀୟ ମୁଖ୍ୟ ଶ୍ରୀ ବାଳକୃଷ୍ଣ ଚୌଧୁରୀଙ୍କ ପୌରହିତ୍ୟରେ ପାଠାଗାର କକ୍ଷରେ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାସ ସ୍ମାରକୀ ପୁରସ୍କାର ଉତ୍ସବ ସହିତ +୩ ଶେଷବର୍ଷ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ସ୍ୱପ୍ନା ମଲ୍ଲିକ ଏହି ସଭାକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଜୀବନର ଲକ୍ଷ୍ୟ ହାସଲ ପାଇଁ କର୍ମନିପୁଣତା ଏବଂ ଅଧବସାୟ ନିହାତି ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ଅନୁପ କୁମାର ମହାନ୍ତି, ବିଭାଗୀୟ ଅଧ୍ୟାପିକା ଶ୍ରୀମତୀ ଶାନ୍ତିଲତା ସାହୁ ଓ ଅଧ୍ୟାପକ ଦୀପସୁନ୍ଦର ବେହେରା ମହାପୁରୁଷମାନଙ୍କ ଜୀବନରୁ ଶିକ୍ଷାଲାଭ କରି ସଫଳତା ଅର୍ଜନ କରିବା ପାଇଁ ପ୍ରେରଣାଦାୟୀ ଭାଷଣ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ବାଳକୃଷ୍ଣ ଚୌଧୁରୀ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିବା ସଙ୍ଗେସଙ୍ଗେ ତାଙ୍କୁ ଓଡ଼ିଶା ରାଜନୀତି ବିଜ୍ଞାନର ଜନକ ବୋଲି ଅଭିହିତ କରିଥିଲେ। ଉକ୍ତ ସଭାରେ ୨୦୨୪-୨୦୨୫ ଶିକ୍ଷାବର୍ଷର ରାଜନୀତି ବିଜ୍ଞାନ ସମ୍ମାନରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ସତ୍ୟସନ୍ଧାନ ପରିଡ଼ା, ମୁସ୍କାନ ଖାନମ୍ ଏବଂ ଲକ୍ଷ୍ମୀ କୁମାରୀ ଖାଟିକ୍‌ଙ୍କୁ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାସ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷବର୍ଷର ଛାତ୍ରଛାତ୍ରୀମାନେ ସେମାନଙ୍କର କଲେଜ ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। +୩ ଦ୍ୱିତୀୟ ବର୍ଷର ସେମିନାର ସେକ୍ରେଟାରୀ ଅର୍ଚ୍ଚିତା ସିଂ, ଅଭିରାମ ସାହୁ, ପ୍ରଥମ ବର୍ଷର ସେମିନାର ସେକ୍ରେଟାରୀ କାଜଲ ମିଶ୍ର ଓ ପ୍ରାଂଶୁରଞ୍ଜନ ଭଞ୍ଜ ସଭା କାର୍ଯ୍ୟ ପରିବେଷଣ କରିଥିଲେ। ଶେଷରେ ଅଧ୍ୟାପକ ଦୀପସୁନ୍ଦର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

---

## ସିଆଇଆଇ ଇଣ୍ଡିଆନ୍ ୱିମେନ୍ ନେଟୱର୍କ ଓଡ଼ିଶା ପକ୍ଷରୁ

# 'ସିଆଇଆଇ ଆଇଡବ୍ଲ୍ୟୁଏନ୍ ନୂଆ ଓଡ଼ିଶା ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ) : କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ଇଣ୍ଡିଆନ୍ ୱିମେନ୍ ନେଟୱର୍କ (ଆଇଡବ୍ଲ୍ୟୁଏନ), ଓଡ଼ିଶା ଚାପ୍ଟର ପକ୍ଷରୁ ଭୁବନେଶ୍ୱରରେ ୨୦୨୬ ଏପ୍ରିଲ ୨୧ରେ 'ସିଆଇଆଇ ଆଇଡବ୍ଲ୍ୟୁଏନ୍ ନୂଆ ଓଡ଼ିଶା ଶୀର୍ଷକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମହିଳା ନେତୃତ୍ୱ, ମହିଳା ଉଦ୍ୟୋଗୀ ଓ ତୃଣମୂଳ ସ୍ତରର ପରିବର୍ତ୍ତନକାରୀମାନେ ଏକତ୍ରିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ, ଶ୍ରୀମତୀ ଅନୁ ଗର୍ଗ, ଯୋଗଦେଇ ରାଜ୍ୟର ଅଭିବୃଦ୍ଧି ପଥରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଅର୍ଥନୈତିକ ବିକାଶରେ ମହିଳା ଉଦ୍ୟୋଗୀ ଓ ବୃତିଧାରୀମାନଙ୍କର




ଅଧିକ ସହଭାଗିତା ପାଇଁ ପ୍ରୋତ୍ସାହିତ କରିବା ସହ ମହିଳା-ପରିଚାଳିତ ଉଦ୍ୟୋଗଗୁଡ଼ିକୁ ସହାୟତା ପ୍ରଦାନ କରୁଥିବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମାବେଶୀ ଓ ସ୍ଥାୟୀ ବିକାଶ ପାଇଁ ମହିଳା ସଶକ୍ତିକରଣ ହିଁ ମୁଖ୍ୟ ଚାବିକାଠି ବୋଲି ସେ ଦର୍ଶାଇଥିଲେ। ଅନ୍ୟତମ ବିଶିଷ୍ଟ ବକ୍ତାମାନଙ୍କ ମଧ୍ୟରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଉପାଧକ୍ଷ ତଥା ଟାଟା ଷ୍ଟିଲ୍ ଏସଇଜେଡ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ, ମଣିକାନ୍ତ ନାୟକ, ସିଆଇଆଇ ଆଇଡବ୍ଲ୍ୟୁଏନ୍ ଓଡ଼ିଶା ଚାପ୍ଟରର ଅଧକ୍ଷା, ଜୁବିନା ଅଲ୍ଲୀ ଓ ସହ-ଅଧକ୍ଷା, ସ୍ନେହପ୍ରଭା ଦାସ ମହିଳା ସଶକ୍ତିକରଣ ଉପରେ ନିଜ ନିଜର ଦୃଷ୍ଟିକୋଣ ବ୍ୟକ୍ତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ପାଇଁ ସହଯୋଗ, ନୀତିଗତ ସହାୟତା ଓ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ସେମାନେ ଆଲୋକପାତ କରିଥିଲେ। "ନୂଆ ଓଡ଼ିଶା ପାଇଁ ପରିବର୍ତ୍ତନକାରୀ" ଭାବେ ପରିକଳ୍ପିତ ଏହି କାର୍ଯ୍ୟକ୍ରମରେ ନାରୀ ଶକ୍ତି ଓ ମହିଳା ନେତୃତ୍ୱଙ୍କ ରୂପାନ୍ତରଣକାରୀ ଭୂମିକାକୁ ସମ୍ମାନିତ କରାଯାଇଥିଲା।

---

# କୋଷ୍ଟାଲ ମାରାଥନ ଓଡିଶା ପର୍ଯ୍ୟଟନକୁ ଅଧିକ ଋଦ୍ଧିମନ୍ତ କରିବ: ଉପ ମୁଖ୍ୟମନ୍ତ୍ରୀ

ପୁରୀ, (ସବ୍ୟୁ) : କୋଷ୍ଟାଲ ମାରାଥନ ଓଡିଶା ପର୍ଯ୍ୟଟନକୁ ଅଧିକ ଋଦ୍ଧିମନ୍ତ କରିବ। ଏହି ମାରାଥନ ପୁରୀରେ ଆସନ୍ତା ଡିସେମ୍ବର ୧୩ ତାରିଖ ଦ୍ୱିତୀୟ ରବିବାର ଅନୁଷ୍ଠିତ ହେବାକୁ ଯାଉଛି। ମାରାଥନର ବିଜେତାଙ୍କୁ ଏକ କୋଟି ର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା।ଓଡିଶା ପର୍ଯ୍ୟଟନ ବିଭାଗ ଏବଂ ଓଏମସି ସହଯୋଗରେ ପୁରୀ କୋଷ୍ଟାଲ ମାରାଥନ ନାମରେ ଏକ ମେଗା ବା ବୃହତ ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।ସଚେତନତା ଉଦ୍ଦେଶ୍ୟରେ ବୁଧବାର ପୂର୍ବାହ୍ନରେ ପୁରୀ ବ୍ଲୁ ଫ୍ଲାଗ ବିଚ ଠାରୁ ତାଜ ହୋଟେଲ ପର୍ଯ୍ୟନ୍ତ ମାରାଥନ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଯୋଗ ଦେଇ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଦ୍ୱାରା ବାଲୁକା କଳାରେ ପ୍ରସ୍ତୁତ ଏହି ଲୋଗୋକୁ ଉଦଘାଟନ କରିଥିଲେ। ପରେ ଉପ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥି ମାନେ ପୁରୀ ବ୍ଲୁ ଫ୍ଲାଗ ବିଚ ଠାରେ ପତାକା ଦେଖାଇ ମାରାଥନ ପର୍ଯ୍ୟଟନ ବିଭାଗ ଓଏମସି ଦ୍ୱାରା ହେବାକୁ ଥିବା ଏହି କୋଷ୍ଟାଲ ମାରାଥନ ରେ ଭାଗ ନେବା ପାଇଁ ବିଭିନ୍ନ କ୍ରୀଡ଼ାବିତ ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା ।




କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେ । ମାରାଥନରେ ଅଂଶଗ୍ରହଣକାରୀ ମାନେ ପହଞ୍ଚିବା ପରେ ତାଜ ହୋଟେଲ ପରିସରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ନୂତନ ଟ୍ୟାଗ ଲାଇନ "ଥିଙ୍କ ଇଣ୍ଡିଆ, ଥିଙ୍କ ଓଡିଶା"କୁ ଉନ୍ମୋଚନ କରାଯାଇଥିବା ବେଳେ ଓଡିଶା ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିଜ ବକ୍ତବ୍ୟରେ ପର୍ଯ୍ୟଟନ ଆମ ଜୀବନ ରେଖା।ପୁରୀ ପାଇଁ ମହାପ୍ରଭୁଙ୍କ ଦର୍ଶନ ସହ ପର୍ଯ୍ୟଟନ ପାଇଁ ଲୋକ ମାନେ ଆସିଥାନ୍ତି।ତେଣୁ ଆମକୁ ଏପରି ଭାବରେ ପର୍ଯ୍ୟଟନର ବିକାଶ କରିବାକୁ ପଡିବ ଯାହା ଅଧିକ ପର୍ଯ୍ୟଟକଙ୍କୁ ଅଧିକ ଦିନ ପର୍ଯ୍ୟନ୍ତ ପୁରୀ ଓ ଓଡିଶାରେ ରହିବାକୁ ଉତ୍ସାହିତ କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଓଡିଶା ରେ ପର୍ଯ୍ୟଟନ ର ବିପୁଳ ଭଣ୍ଡାର ରହିଥିବା ବେଳେ ଏହାର ବିକାଶ ଓ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବାର ପ୍ରୟାସ ସ୍ୱାଗତଯୋଗ୍ୟ। ବୋଲି କହିଥିଲେ । ଏହି ଅବସରରେ ରାଜ୍ୟ ପର୍ଯ୍ୟଟନ ସଚିବ ବଲବନ୍ତ ସିଂ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ, ଡିଏଫଓ ଧନଜ ରାକୋସ ମଗର ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ବରିଷ୍ଠ କ୍ରୀଡାବିତ ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ।

---

## ୟୁକୋ ବ୍ୟାଙ୍କ ମହାପ୍ରବନ୍ଧକ ପ୍ରଣବ କୁମାର ବିଶ୍ୱାସ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତିର ସଂଯୋଜକ

ଭୁବନେଶ୍ୱର, (ସବ୍ୟୁ) : ପ୍ରଣବ କୁମାର ବିଶ୍ୱାସ ୟୁକୋ ବ୍ୟାଙ୍କର ଭୁବନେଶ୍ୱର କାର୍ଯ୍ୟାଳୟରେ ମହାପ୍ରବନ୍ଧକ ଓ ବ୍ୟବସାୟ ବିକାଶ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଭୂମିକାରେ ସେ ଓଡିଶା, ଛତିଶଗଡ ଓ ବିଜୟୱାଡା ଅଞ୍ଚଳରେ ବ୍ୟବସାୟିକ ବିକାଶ ପାଇଁ କାର୍ଯ୍ୟ କରିବେ। ଏଥି ସହିତ ଶ୍ରୀ ବିଶ୍ୱାସ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି (ଏସ୍‌ଏଲ୍‌ବିସି), ଓଡିଶାର ସଂଯୋଜକ ଭାବେ ମଧ୍ୟ କାର୍ଯ୍ୟ କରିବେ। ସେ ରାଜ୍ୟରେ ବ୍ୟାଙ୍କିଙ୍ଗ୍ କାର୍ଯ୍ୟକଳାପରେ ସମନ୍ୱୟ ଆଣିବା, ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଆଗେଇ ନେବା ଓ ଋଣ ଯୋଜନାକୁ ସୁଦୃଢ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଏହା ପୂର୍ବରୁ ଶ୍ରୀ ବିଶ୍ୱାସ କୋଲକାତାସ୍ଥିତ ୟୁକୋ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ କୃଷି, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ସରକାରୀ ବ୍ୟବସାୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡିକରେ କାର୍ଯ୍ୟ ନିର୍ବାହ କରିଛନ୍ତି। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ଅଭିଜ୍ଞତା ସହିତ ସେ ତାଙ୍କର ନୂତନ ଦାୟିତ୍ୱରେ ବ୍ୟାପକ ପ୍ରଶାସନିକ ଦକ୍ଷତା



ଆଣିଛନ୍ତି। ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସମାବେଶୀ ବ୍ୟାଙ୍କିଙ୍ଗ୍ ଓ ବ୍ୟବସାୟ ବିକାଶ ପ୍ରତିବଦ୍ଧତାକୁ ଆହୁରି ସୁଦୃଢ କରିବା ସହିତ ଏସ୍‌ଏଲ୍‌ବିସି ମାଧ୍ୟମରେ ଓଡିଶାର ଆର୍ଥିକ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ କରିବ ବୋଲି ଆଶା କରାଯାଉଛି।

---

## ରାଜ୍ୟରେ ୯.୮ ଲକ୍ଷ ଭୋଟର ବାଦ୍ ପଡ଼ିବା ପ୍ରସଙ୍ଗ

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଫିସ୍ ଘେରିଲା ବିଜେଡି

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାରେ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ ପୂର୍ବରୁ ଭୋଟର ତାଲିକାରୁ ୯.୮ ଲକ୍ଷ ଭୋଟରଙ୍କ ନାମ କଟିବାକୁ ନେଇ ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ଏହାକୁ ନେଇ ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଫିସ୍ ଘେରାଉ କରି ବିକ୍ଷୋଭ ଓ ପ୍ରତିବାଦ ପ୍ରଦର୍ଶନ କରିଥିଲା ବିଜୁ ଜନତା ଦଳ । ଏହି ପ୍ରତିବାଦ ସଭାରେ ବିଜୁ ମହିଳା ଜନତା ଦଳର ଅନେକ ବରିଷ୍ଠ ନେତୃତ୍ୱଙ୍କ ସହିତ ବହୁସଂଖ୍ୟାରେ ବିଜୁ ମହିଳା, ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସୀତା ସାହୁଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲା । ଅତିରିକ୍ତ ମୁଖ୍ୟ ନିର୍ବାଚନ



ଅଧିକାରୀଙ୍କ ସହ ବିଜେଡିର ପ୍ରତିନିଧି ମଣ୍ଡଳୀ ବିସ୍ତୃତ ଭାବେ ଆଲୋଚନା କରିଥିଲା । କୌଣସି ଭୋଟରଙ୍କୁ ବାଦ୍ ଦେବା ପୂର୍ବରୁ ବୁଥ୍ ଲେଭଲ୍ ଅଫିସରମାନଙ୍କ ଦ୍ୱାରା ସ୍ୱଚ୍ଛ ଓ ନିର୍ଭୁଲ ଯାଞ୍ଚ କରାଯାଉ । ସମ୍ପୂର୍ଣ୍ଣ ପାରଦର୍ଶିତା ପାଇଁ ନିର୍ବାଚନମଣ୍ଡଳୀ ଭିତ୍ତିକ ତଥ୍ୟ ପ୍ରକାଶ, ପ୍ରଭାବିତ ଜିଲ୍ଲାରେ ସ୍ୱାଧୀନ ଅଡିଟ୍ ଏବଂ ଭୋଟର ଅଧିକାର ସୁରକ୍ଷା ପାଇଁ ଅଭିଯୋଗ ନିବାରଣ ବ୍ୟବସ୍ଥା କରାଯାଉ ବୋଲି ପ୍ରତିନିଧି ମଣ୍ଡଳୀ ଦାବି କରିଥିଲା । ବିଶେଷକରି ରାଜ୍ୟ ବାହାରକୁ କାମ କରିବାକୁ ଯାଉଥିବା ମହିଳା ଏବଂ ପୁରୁଷ ମାନଙ୍କ ନାମ ଯେପରି ଭୋଟର ତାଲିକାରୁ ବାଦ୍ ନପଡେ, ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ ଅଛି ବୋଲି ପ୍ରତିନିଧି ମଣ୍ଡଳୀ କହିଥିଲେ । କୌଣସି ଯୋଗ୍ୟ ନାଗରିକ ତାଙ୍କର ସାମ୍ବିଧାନିକ ଭୋଟ ଅଧିକାରରୁ ଯେପରି ବଞ୍ଚିତ ହେବେ ନାହିଁ, ସେଥିପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ହସ୍ତକ୍ଷେପ ଦାବି କରିଛି ବିଜୁ ଜନତା ଦଳ । ବିଜେଡିର ଏହି ପ୍ରତିନିଧି ମଣ୍ଡଳୀରେ ବିଜୟ ନାୟକ, ଡ଼ ପ୍ରିୟବ୍ରତ ମାଝୀ, ସୁମିତ୍ରା ଜେନା, ମିନତୀ ବେହେରା, ଗୀତାଞ୍ଜଳି ବସ୍ତିଆ, ଅଲିଅଲୀ ମଲ୍ଲିକ, ସଂଯୁକ୍ତା ମହାନ୍ତି, ମାନସୀ ସୁନ୍ଦରରାୟ, ରିଜ୍ୱାନା ବେଗମ, ସ୍ନେହାଞ୍ଜଳି ମହାନ୍ତି, ଇଲା ସ୍ୱାଇଁ, ଜ୍ୟୋସ୍ନାମୟୀ ପରିଡ଼ା, ଅମରଜିତ ସେନାପତି ପ୍ରମୁଖ ବହୁ ନେତା ସାମିଲ ଥିଲେ ।

---

# ଟ୍ରକ ଧକ୍କାରେ ମହିଳାଙ୍କ ମୃତ୍ୟୁ

## ହତ୍ୟା ଅଭିଯୋଗ କଲା ପରିବାର

ଆଠଗଡ଼ ,(ସବ୍ୟୁ): ମଙ୍ଗଳବାର ଦିନ ଆଠଗଡ଼ ଥାନା ଅନ୍ତର୍ଗତ ମେଘା ପଞ୍ଚାୟତ କଦମ୍ବ ପାଟଣା ଠାରେ ହୋଇଥିବା ଟ୍ରକ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିଲା । ହେଲେ ଏହାକୁ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମୃତକ ପୁଅ ବୁଧବାର ଦିନ ଆଠଗଡ଼ ଥାନା ରେ ଅଭିଯୋଗ କରିଛନ୍ତି । ମଙ୍ଗଳବାର ଦିନ ଦ କଦମ୍ବ ପାଟଣା ଗ୍ରାମର ଭ୍ରମରବର ପତ୍ରୀ ସ୍ତ୍ରୀ ହୀନ ପତ୍ରୀ (୭୦) ବିଶେଶ୍ୱର ମହାଦେବ ମନ୍ଦିରୁ ଧୂପ ଦେଇ ଫେରୁଥିବା ସମୟରେ ଏକ ୧୪ ଚକିଆ ଟ୍ରକ ତାଙ୍କୁ ଧକ୍କାଦେଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଜବତ କରିବା ସହ ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡ଼ାକ୍ତରଖାନାକୁ ଆଣିଥିଲା । ହେଲେ ବୁଧବାର ଦିନ ମୃତକଙ୍କ ପୁଅ ଦାମୋଦର ପତ୍ରୀ ତାଙ୍କ ମାଆଙ୍କୁ ସୁପରିକଳ୍ପିତ ଭାବରେ ହତ୍ୟା କରା ଯାଇଥିବା ଅଭିଯୋଗ କରିଛନ୍ତି । ଧକ୍କା ଦେଇଥିବା ଟ୍ରକ ଡ୍ରାଇଭର ସେହି ଗ୍ରାମର ବିମ୍ବାଧର ବେହେରାଙ୍କ ପୁଅ ପୀତବାସ ବେହେରା ପୂର୍ବରୁ ତାଙ୍କ ମାଆଙ୍କୁ ଗାଡ଼ି ଚଢ଼ାଇ ମାରି ଦେବାକୁ ଧମକ ଦେଇଥିଲା । ତେଣୁ ସୁପରିକଳ୍ପିତ ଭାବରେ ଏହି ହତ୍ୟାକାଣ୍ଡ ହୋଇଥିବା ଅଭିଯୋଗ ହୋଇଛି । ଆଠଗଡ଼ ଥାନା କେସ ନଂ ୧୬୩/୨୬ ରେ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରା ଯିବା ସହିତ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରି ଥିବା ଜଣାପଡିଛି ।

---

# ପିଆର୍‌ଏସ୍‌ଆଇ ଭୁବନେଶ୍ୱର ଶାଖା ପକ୍ଷରୁ ଜାତୀୟ ଜନସମ୍ପର୍କ ଦିବସ ୨୦୨୬ ପାଳିତ

ଭୁବନେଶ୍ୱର, (ସବ୍ୟୁ) : ପବ୍ଲିକ ରିଲେସନ୍ସ ସୋସାଇଟି ଅଫ ଇଣ୍ଡିଆ (ପିଆରଏସଆଇ) ର ଭୁବନେଶ୍ୱର ଶାଖା ପକ୍ଷରୁ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ସହିତ ଜାତୀୟ ଜନସମ୍ପର୍କ ଦିବସ ୨୦୨୬ ପାଳନ କରାଯାଇଛି। ଭୁବନେଶ୍ୱର ସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗାଯୋଗ ଏବଂ ଜନସମ୍ପର୍କ ପ୍ରଫେସନାଲ, ଶିକ୍ଷାବିତ୍, ଛାତ୍ରଛାତ୍ରୀ, ସାମ୍ବାଦିକ ତଥା ଏହି କ୍ଷେତ୍ରର ଅନେକ ବରିଷ୍ଠ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଏଥିରେ ଉଦବୋଧନ ଦେଇ ଜିନ୍ଦଲ ଷ୍ଟିଲର ସଭାପତି ତଥା ଓଡିଶା କର୍ପୋରେଟ୍ କମ୍ୟୁନିକେସନ ମୁଖ୍ୟ ପ୍ରଶାନ୍ତ ହୋତା କହିଥିଲେ ଯେ, "ବିକଶିତ ଓଡ଼ିଶାରେ ଜନସମ୍ପର୍କ ପ୍ରଫେସନାଲମାନଙ୍କର ଏକ ବଡ଼ ଭୂମିକା ରହିଛି କାରଣ ସେମାନେ ଏକ ଅନନ୍ୟ ବ୍ରାଣ୍ଡ ଓଡ଼ିଶା ସୃଷ୍ଟି କରିବାରେ ସାହାଯ୍ୟ କରିପାରିବେ। ଜନସମ୍ପର୍କ କେବଳ କମ୍ପାନୀଗୁଡ଼ିକର ଛବିକୁ ସୁଦୃଢ଼ ରଖିବା ବିଷୟରେ ନୁହେଁ, ଏହା ଲୋକମାନଙ୍କ ସହିତ ସମ୍ପର୍କର



ସୁପରିଚାଳନା ତଥା ଦୃଢ଼ ସମ୍ପର୍କ ନିର୍ମାଣ କରିବାର ବିଷୟ ଅଟେ।" ଜନସମ୍ପର୍କ କ୍ଷେତ୍ର ଉପରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ପ୍ରଭାବ ନେଇ ସେ କହିଥିଲେ ଯେ ଜନସମ୍ପର୍କ ପେଶାଦାରମାନଙ୍କୁ ଏଆଇକୁ ନେଇ ଅସୁରକ୍ଷିତ ମଣିବାର କିଛି ନାହିଁ କାରଣ ଏଆଇ କେବଳ ଏକ ଉପକରଣ, ଏହା ସ୍ୱପ୍ନ ଦେଖିପାରିବ ନାହିଁ ଏବଂ ମାନବୀୟ ସମ୍ପର୍କର ସୁପରିଚାଳନା କରିପାରିବ ନାହିଁ। ଏହି ଆଲୋଚନାଚକ୍ରରେ ଏକ ଶୈକ୍ଷିକ ଦୃଷ୍ଟିକୋଣ ପ୍ରଦାନ କରି ଆଇଆଇଏମସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଆନନ୍ଦ ପ୍ରଧାନ କହିଥିଲେ ଯେ "ସାମ୍ବାଦିକତା ପରି ଜନସମ୍ପର୍କ କ୍ଷେତ୍ରରେ ମଧ୍ୟ ନୈତିକତା ରକ୍ଷା କରିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ନୈତିକତା ବିନା ଜନସମ୍ପର୍କ କେବଳ ପ୍ରଚାରଭାବେ ପରିଗଣିତ ହେବ। ସମାବେଶକୁ ସମ୍ବୋଧିତ କରି ବରିଷ୍ଠ ସାମ୍ବାଦିକ ତଥା ଡିଜିଟାଲ୍ ନ୍ୟୁଜ୍ ପ୍ଲାଟଫର୍ମ ଓଡ଼ିଶା ବାଇଟ୍ସ ଏବଂ ଓଡ଼ିଶା ସମ୍ବାଦର ସମ୍ପାଦକ ସନ୍ଦୀପ ମିଶ୍ର କହିଥିଲେ ଯେ "ଜନସମ୍ପର୍କ ପ୍ରଫେସନାଲମାନେ ବାର୍ତ୍ତା ପ୍ରସ୍ତୁତ କରନ୍ତି ଏବଂ ପ୍ରସାରିତ କରନ୍ତି, ଯାହା ପ୍ରାୟତଃ ବିଭିନ୍ନ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ଜନସାଧାରଣଙ୍କ ନିକଟରେ ପହଞ୍ଚିଥାଏ। ଜନସମ୍ପର୍କ ବୃତ୍ତିରେ ରହିଥିବା ବ୍ୟକ୍ତିବିଶେଷ ସେମାନଙ୍କର ପରିଧିକୁ ବିସ୍ତାର କରିବା ଆବଶ୍ୟକ । ଏହି ଆଲୋଚନାଚକ୍ରରେ ପିଆରଏସଆଇ ଭୁବନେଶ୍ୱର ଶାଖାର ଅଧକ୍ଷ ସୁଧି ରଞ୍ଜନ ମିଶ୍ର ଅଧକ୍ଷତା କରିଥିବାବେଳେ ପିଆରଏସଆଇ ଭୁବନେଶ୍ୱର ଶାଖାର ସଚିବ କୃଷ୍ଣଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

---

## ମୃତ ସରକାରୀ କର୍ମଚାରୀଙ୍କ ୨୫ ବର୍ଷୀୟ

# ଭିନ୍ନକ୍ଷମ ପୁଅ ପରିବାର ପେନ୍‌ସନ୍ ହକ୍‌ଦାର : ହାଇକୋର୍ଟ

କଟକ, (ସବ୍ୟୁ): ଯଦି ଜଣେ ମୃତ ସରକାରୀ କର୍ମଚାରୀଙ୍କ ପୁଅ ଭିନ୍ନକ୍ଷମ ହୋଇଥାନ୍ତି ଏବଂ ତାଙ୍କ ବୟସ ୨୫ବର୍ଷରୁ ଅଧିକ ହୋଇଥାଏ ସେ କ୍ଷେତ୍ରରେ ସେ ପରିବାର ପେନ୍‌ସନ୍ ପାଇବାକୁ ହକ୍‌ଦାର୍ ହୋଇପାରିବେ ବୋଲି ଜଣିକିଆ ବିଚାରପତି ଦେଇଥିବା ଆଦେଶକୁ ହାଇକୋର୍ଟ କାଏମ୍ ରଖିଛନ୍ତି ଔ ରାଜ୍ୟ ସରକାରଙ୍କ ଅପିଲ୍‌କୁ ଖାରଜ କରିବା ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ.ଏସ୍. ଦୀକ୍ଷିତ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ଜଣିକିଆ ବିଚାରପତି ଦେଇଥିବା ଆଦେଶକୁ ୬ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି । ଯଦି ଏହି ଧାର୍ଯ୍ୟ ସମୟ ମଧ୍ୟରେ ଆଦେଶ କାର୍ଯ୍ୟକାରୀ ନହୁଏ ତାହେଲେ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଅଦାଲତ ଅବମାନନା ପ୍ରୋସିଡିଂ ଚାଲିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାରୁ ଜଣାଯାଇଛି ଯେ, ସରକାରୀ ଚାକିରି କରିଥିବା ପିତାଙ୍କ ଦେହାନ୍ତ ପରେ ପରିବାର ପେନ୍‌ସନ୍ ପାଇଁ ଅଶ୍ୱିନୀ ମହାକୁଳ ଏବଂ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେ ମାନସିକ ଭିନ୍ନକ୍ଷମ । ତେଣୁ ଏହି ପେନ୍‌ସନ୍ ପାଇଁ ଅଦାଲତ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ୨୦୨୩ ମାର୍ଚ୍ଚ ୨୪ ତାରିଖରେ ମାମଲାର ରାୟ ପ୍ରକାଶ କରି ଆବେଦନକାରୀଙ୍କୁ ପରିବାର ପେନ୍‌ସନ୍ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ବିରୋଧରେ ରାଜ୍ୟ ସରକାର ଅପିଲ୍‌ରେ ହାଇକୋର୍ଟକୁ ଆସିଥିଲେ । ଏହାକୁ ପ୍ରତିପକ୍ଷଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ, ଯଦି ଜଣେ ବ୍ୟକ୍ତିଙ୍କର ବୟସ ୨୫ବର୍ଷରୁ ଅଧିକ ହୋଇଥିବ ଏବଂ ସେ ଭିନ୍ନକ୍ଷମ ହୋଇଥିବେ ତାହେଲେ ତାଙ୍କୁ ପରିବାର ପେନ୍‌ସନ୍ ମିଳିପାରିବ। ହାଇକୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରି କହିଛନ୍ତି ଯେ, ପେନ୍‌ସନ୍ ରୁଲ୍ ଅନୁଯାୟୀ ଯଦି କୌଣସି ମୃତ ସରକାରୀ କର୍ମଚାରୀଙ୍କର ଅବିବାହିତ ପୁଅ ଅବା ଝିଅ କିମ୍ବା ବିଧବା ଝିଅ ଅବା ଛାଡ଼ପତ୍ର ପାଇଥିବା ଝିଅ ମାନସିକ ଭାବେ ଭିନ୍ନକ୍ଷମ ହୋଇଥାନ୍ତି ଏବଂ ୨୫ବର୍ଷ ବୟସ ପରେ ସେ ରୋଜଗାର କରିବାକୁ ଅକ୍ଷମ ହୋଇଥାନ୍ତି ସେହିଭଳି କ୍ଷେତ୍ରରେ ସେମାନେ ପରିବାର ପେନ୍‌ସନ୍ ପାଇପାରିବେ। ଯଦିଓ ପ୍ରତିପକ୍ଷଙ୍କ ଯୁକ୍ତିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା କିନ୍ତୁ ଏହି ଆଇନରେ କେଉଁଠି ସମସ୍ୟା ରହିଛି ତାହା ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇ ପାରିନଥିଲା । ଯେତେବେଳେ ଜଣେ ମୃତ ସରକାରୀ କର୍ମଚାରୀଙ୍କ ପିଲାଙ୍କ ସ୍ୱାର୍ଥକୁ ଏହି ଆଇନ ବଳରେ ସୁରକ୍ଷା ଦିଆଯାଇଛି ସେଠି ତଥା ଏକ ଜନମଙ୍ଗଳ ରାଷ୍ଟ୍ରରେ ପେନ୍‌ସନ୍ ଦେବାକୁ ମନା କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ଅପରପକ୍ଷରେ ରାଜ୍ୟ ସରକାର ଏହି ମାମଲାକୁ ୪୨୮ ଦିନ ବିଳମ୍ବରେ ମଧ୍ୟ ରୁଜୁ କରିଥିବାରୁ ହାଇକୋର୍ଟ ଏତେ ବିଳମ୍ବରେ ମାମଲା ରୁଜୁ ହୋଇଥିବାରୁ ଏହାକୁ ଅଗ୍ରାହ୍ୟ କରି ଦେଇଛନ୍ତି।

# ମାଉସୀ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା



ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ବୁଢିବାହାଲ ଗାଁର ନବ ନିର୍ମିତ ମାଉସୀ ମା ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅବସରରେ ବୁଧବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପ୍ରଥମେ ଶତାଧିକ ପୁରୁଷ ମହିଳା ଏକତ୍ରିତ ହୋଇ ସଙ୍କୀର୍ତ୍ତନ ଦଳ ସହିତ ଗାଁ ପୋଖରୀରୁ ଗଙ୍ଗା ଆବାହନ ସହିତ କଳସ ଶୋଭାଯାତ୍ରାରେ ମାଉସୀ ମା ମନ୍ଦିର ନିକଟରେ ପହଞ୍ଚି ଥିଲେ। ପବିତ୍ର ବେଦ ମନ୍ତ୍ର ସହିତ ଅଧିବାସ କାର୍ଯ୍ୟ, ଦଧି ନଉତି ସ୍ଥାପନ ଆଦି ଅନୁଷ୍ଠିତ ହୋଇଥିଲା। ତିନି ଦିନ ଧରି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ପୂଜା କର୍ତ୍ତା ରୁପେ କହ୍ନେଇ ସଗର ସପନ୍ୀକ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏହି ଉତ୍ସବରେ ଗ୍ରାମ୍ୟ କମିଟି, ଗ୍ରାମବାସୀ ସହଯୋଗ କରିଛନ୍ତି ।

# ଚାଷୀଙ୍କ ଉଠା ଜଳସେଚନ ବିଭାଗ କାର୍ଯ୍ୟାଳୟ ଘେରାଉ

# ଆନ୍ଦୋଳନ ତୀବ୍ର ହେବା ଚେତାବନୀ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲାରେ ଜଳସେଚନ ସମସ୍ୟାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ଦିନରୁ ପଡ଼ି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଆଜି ଶତାଧିକ ଚାଷୀ ନୂଆପଡ଼ା ସ୍ଥିତ ଓଡ଼ିଶା ଉଠା ଜଳସେଚନ ନିଗମ (ଓ ଏଲ ଆଇ ସି) ର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ୟାର ମୁଖ୍ୟ କାରଣ,

ଅଭିଯୋଗ ଅନୁଯାୟୀ, ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଭୀର ନଳକୂପ ଖନନ କରାଯାଇଥିଲେ ହେଁ ବିଦ୍ୟୁତ ସଂଯୋଗ ଅଭାବରୁ ସେଗୁଡ଼ିକ ଅଚଳ ହୋଇ ପଡ଼ିଛି। ଅନେକ ସ୍ଥାନରେ ସୌର ଶକ୍ତି ଚାଳିତ ପ୍ରକଳ୍ପ ଗୁଡ଼ିକ ଅଧାପନ୍ତରିଆ ହୋଇ ରହିଥିବାରୁ ଚାଷୀମାନେ ଚଳିତ ଚାଷ ଋତୁରେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ସେମାନେ ବ୍ୟାପକ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଥିବା ଦାବିପତ୍ରରେ ଦର୍ଶାଯାଇଛି। ଚାଷୀଙ୍କ ପ୍ରମୁଖ ୭ ଦଫା ଦାବି ରହିଛି । ତନ୍ମଧ୍ୟରୁ ସମସ୍ତ ଅଚଳ ବୋରୱେଲକୁ ତୁରନ୍ତ ବିଦ୍ୟୁତ ସଂଯୋଗ ପ୍ରଦାନ। ବିଦ୍ୟୁତ ସଂଯୋଗ ସମ୍ଭବ ନଥିବା ସ୍ଥାନରେ ଯଥାଶୀଘ୍ର ସୌର ପମ୍ପ ସ୍ଥାପନ। ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକର ତୁରନ୍ତ ସମାପ୍ତି। ଖନନ ସରିଥିବା ସମସ୍ତ ବୋରୱେଲକୁ କାର୍ଯ୍ୟକ୍ଷମ କରିବା।କାର୍ଯ୍ୟରେ ଅବହେଳା



କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ। ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ। ଚାଷୀଙ୍କ ପାଇଁ ଏକ ସ୍ଥାୟୀ ଓ ନିରନ୍ତର ଜଳସେଚନ ବ୍ୟବସ୍ଥା ନିଶ୍ଚିତ କରିବା।

ଚାଷୀ ପ୍ରତିନିଧି ରବି ମଙ୍ଗରାଜଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିବା ଏହି ସ୍ମାରକପତ୍ରରେ ସ୍ପଷ୍ଟ କରାଯାଇଛି ଯେ, ଯଦି ପ୍ରଶାସନ ଦାବିଗୁଡ଼ିକୁ ତୁରନ୍ତ ଗ୍ରହଣ ନକରେ, ତେବେ ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ। ଏଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ଦାବିପତ୍ରର ଏକ ନକଲ ନୂଆପଡ଼ା ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି। ବର୍ତ୍ତମାନ ସମସ୍ତଙ୍କ ନଜର ଉଠା ଜଳସେଚନ ବିଭାଗ ଉପରେ, କେବେ ଏବଂ କିଭଳି ଭାବରେ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ କରାଯାଉଛି। ବିକ୍ଷୋଭ ପ୍ରଦର୍ଶନ ଓ ଘେରାଉ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ଘାସି ରାମ ମାଝି, ଜିଲ୍ଲା ପରିଷଦ ସଭ୍ୟ ଭରତ ଲାଲ ରାଉତ ସମେତ ଜିଲ୍ଲାର ଶତାଧିକ ଚାଷୀ ସାମିଲ ଥିଲେ।

## ସ୍କାଉଟ୍ସ ମାଷ୍ଟର ଓ ଗାଇଡ୍ସ କ୍ୟାପଟେନଙ୍କ ବେସିକ ତାଲିମ ଶିବିର ଉଦ୍‌ଯାପିତ

ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଗତ ଏପ୍ରିଲ ୧୫ତାରିଖରୁ ଏପ୍ରିଲ ୨୧ତାରିଖ ପର୍ଯ୍ୟନ୍ତ ବଲାଙ୍ଗିର ଜିଲ୍ଲା ଭାରତ ସ୍କାଉଟ ଗାଇଡ଼ ପକ୍ଷରୁ ଚାଲିଥିବା ୭ଦିନିଆ ବେସିକ କୋର୍ସ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଶିବିରରେ ଶିବିରାର୍ଥୀ ମାନେ ସ୍କାଉଟ ଓ ଗାଇଡ଼ର ମୂଳନୀତି,ଶିଷ୍ଟାଚାର, ନେତୃତ୍ୱ କୌଶଳ,ସାମାଜିକ ସେବା ସମ୍ବନ୍ଧୀୟ ପ୍ରଶିକ୍ଷଣ ଗ୍ରହଣ କରିବା ସହ ବିଭିନ୍ନ ପ୍ରାକ୍ତିକାଲ କାର୍ଯ୍ୟକ୍ରମ,ଦଳୀୟ କାର୍ଯ୍ୟ,ଆପତ୍କାଳୀନ ସହାୟତା ସମ୍ପର୍କରେ ଶିକ୍ଷା ଗ୍ରହଣ କରିଥିଲେ। ବିଶେଷ କରି ପ୍ରବଳ ଗ୍ରୀଷ୍ମ ତାପ ରୁ ପଥିକ ମାନଙ୍କ ତୃଷ୍ଣା ନିବାରଣ ପାଇଁ ଦିନ ବେଳା ବିଦ୍ୟାଳୟ ସମ୍ମୁଖରେ ଦହିପାଣି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ପ୍ରତ୍ୟେକ ଦିନ ରାତ୍ରିକାଳୀନ କ୍ୟାମ୍ପ ଫାୟାର କାର୍ଯ୍ୟକ୍ରମରେ ଶିବିରାର୍ଥୀମାନେ ଗୀତ,ନାଚ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ପରିବେଶକୁ ଉତ୍ସବ ମୁଖର କରୁଥିଲେ। ଉଦଯାପନୀ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା ସଭାପତିତ୍ୱ କରି ନିଜ ବକ୍ତବ୍ୟରେ ଶିବିରରେ ଅର୍ଜିତ ଜ୍ଞାନ ଓ କୌଶଳକୁ ବିଦ୍ୟାଳୟରେ ପ୍ରୟୋଗ କରି ଛାତ୍ରଛାତ୍ରୀଙ୍କୁ ଉତ୍ତମ ନାଗରିକ ଭାବେ ଗଢି ତୋଳିବାକୁ ପ୍ରେରଣା ଦେଇଥିଲେ । ମୁଖ୍ୟ ଅତିଥି ଭାବେ ସମାଜସେବୀ ଡ଼. ଶ୍ରୀକର ମିଶ୍ର ଯୋଗଦାନ କରି ଆଜିର ଯୁବ ପିଢ଼ିକୁ ସଠିକ ମୂଲ୍ୟବୋଧ ଦେବାରେ ସ୍କାଉଟ ଓ ଗାଇଡ଼ର ଭୂମିକା ଅପରିହାର୍ଯ୍ୟ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ ନିଜ ବକ୍ତବ୍ୟରେ ସମାଜ ସେବା,ପରିବେଶ ସୁରକ୍ଷା ଓ ଦେଶପ୍ରେମର ମୂଲ୍ୟବୋଧକୁ ଅନୁସରଣ କରି ଆଗକୁ ବଢିବାକୁ ଆହ୍ୱାନ ଦେଇଥିଲେ। ସ୍କାଉଟ ମାଷ୍ଟର ଅଜିତ ମିଶ୍ର ଓ ଗାଇଡ଼ କ୍ୟାପ୍ଟେନ ଜିନିମା ନନ୍ଦ ନିଜ କ୍ୟାମ୍ପ ଅନୁଭୂତି କହିଥିଲେ। ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା,ସେବାଶ୍ରୀ ଭୋଇ, ବଲାଙ୍ଗିର ବିଇଓ ନୀଳମଣି ପଟେଲ, ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ସମ୍ପାଦକ ପ୍ରଦୀପ ପାତ୍ର,କୋର୍ସ ଲିଡର ପୀତବାସ ପଟ୍ଟନାୟକ,ପ୍ରିୟଦର୍ଶିନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। କୋର୍ସ ସହଯୋଗୀ ଭାବେ ସୁରଜିତ ସେନ, ନୀଳାଞ୍ଚଳ ଟିଗୁନ,ବସନ୍ତ ମେହେର, ଜୟଶ୍ରୀ ପୋଡ଼,ଦେବାଶିଷ ମେହେର, କସ୍ତୁରୀ ରଥ,ହେମନ୍ତ ପ୍ରଧାନ ସହଯୋଗ କରିଥିଲେ। ତାଲିମ ଶିବିରରେ ୭୦ଜଣ ସ୍କାଉଟ ମାଷ୍ଟର ଓ ୫୫ଜଣ ଗାଇଡ଼ କ୍ୟାପ୍ଟେନ ଯୋଗ ଦେଇଥିଲେ। ଶିବିରରେ ସଫଳତାର ସହ ଅଂଶ ଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ସୁବର୍ଣ୍ଣପୁର ଜିଲ୍ଲାରେ ହାଇଟେକ୍ ପଟ୍ଟା ବଣ୍ଟନ ଆରମ୍ଭ

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କ ପାଇଁ ଖୁସୀ ଖବର । ଦୀର୍ଘ ୧୦ ବର୍ଷ ହେବ ହାଇଟେକ୍ ସର୍ଭେ ନାମରେ ଲାଗି ରହିଥିବା ଜମି ପଟ୍ଟା ସମସ୍ୟାର ଅନ୍ତ ହୋଇଛି । ବୁଧବାର ଠାରୁ ଜିଲ୍ଲାବାସୀଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଥିବା ନେଇ ଜିଲ୍ଲାପାଳ ନୃପରାଜ ସାହୁ ସୂଚନା ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସୂଚନା ଦେଇଛନ୍ତି ଯେ ଜିଲ୍ଲାବାସୀଙ୍କ ଦୀର୍ଘ ଦିନର ଦାବିକୁ ପ୍ରଶାସନ ଗୁରୁତର ସହ ନେଇ ସରକାରଙ୍କ ଠାରେ ଉପସ୍ଥାପନ କରିଥିବା ବେଳେ ରାଜ୍ୟ ସରକାର ମଧ୍ୟ ଏହି ଦିଗରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ହାଇଟେକ୍ ସର୍ଭେକୁ ଶୀଘ୍ର ସାରିବା ସହ ଜମି ପଟ୍ଟା ବଣ୍ଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି । ତେବେ ଜିଲ୍ଲାର ସମସ୍ତ ୬ ଗୋଟି ବ୍ଲକର ବିଭିନ୍ନ ସ୍ଥାନରେ ଏ ନେଇ ସ୍ୱତନ୍ତ୍ର କ୍ୟାମ୍ପ ମାଧ୍ୟମରେ ପଟ୍ଟା ବଣ୍ଟନ ନେଇ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସୋନପୁର ଉପ ଜିଲ୍ଲାପାଳ ସୌମ୍ୟାରୂପା ରଥ, ବୀରମହାରାଜପୁର ଉପ ଜିଲ୍ଲାପାଳ ସୁରେନ୍ଦ୍ର ମେହେର ଉପସ୍ଥିତ ଥିବା ବେଳେ ଗଣମାଧ୍ୟମକୁ ସମସ୍ତ ସୂଚନା ପ୍ରଦାନ କରିଥିଲେ । ରାଜସ୍ୱ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ କାଳରେ ମଧ୍ୟ ଏ ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ରାଜସ୍ୱ ମନ୍ତ୍ରୀ ମଧ୍ୟ ଏହାକୁ ଶୀଘ୍ର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

## କୁଟ୍ରୁମାଳୀ ଏବଂ ସିଜିମାଳି ଖଣି ଅଞ୍ଚଳକୁ ରେଳ ପ୍ରକଳ୍ପ ପାଇଁ ବିଜ୍ଞପ୍ତି ପ୍ରକାଶ

ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲାର କାଶିପୁର ପୁଣି ଚର୍ଚ୍ଚାରେ ଟିଁକିରୀ ରେଳଷ୍ଟେସନ ଠାରୁ କୁଟ୍ରୁମାଳୀ ଏବଂ ସିଜିମାଳି ଅଞ୍ଚଳକୁ ରେଳ ପ୍ରକଳ୍ପ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀର୍ଘ ଏକ ମାସ ହେଲା ସିଜିମାଳି ଖଣି ଖନନ ରାସ୍ତା ନିର୍ମାଣ ପାଇଁ ସାଧାରଣ ଲୋକ ସହ ପୁଲିସ ଖଣ୍ଡ ଯୁଦ୍ଧ ହୋଇଥିବା ନେଇ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ବିରୋଧୀ ଦଳ ଏବଂ ସରକାରୀ ଦଳର ରାଜନୈତିକ ନେତା ମାନେ ଘଟଣା ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ତଥାପି ସେଠାକାର ଲୋକଙ୍କ ଶାନ୍ତ ପଡିନଥିବା ବେଳେ ଆଜି ପୁଣି ପୂର୍ବତଟ ରେଳପଥ ନିର୍ମାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଖଣି ଅଞ୍ଚଳକୁ ରେଳ ପରିବହନ ନିମନ୍ତେ ରେଳ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ୱାଲଟିୟର ଡିଭିଜନ ଅନ୍ତର୍ଗତ ଟିଁକିରି ରେଳଷ୍ଟେସନ ଠାରୁ କୁଟ୍ରୁମାଳି ଏବଂ ସିଜିମାଳି ବକ୍ସାଇଟ ଖଣିକୁ ସଂଯୋଗ କରୁଥିବା ନୂତନ ବିଜି ଲାଇନ ନିମନ୍ତେ ସରକାରୀ ଗେଜେଟରେ ଚଳିତ ଏପ୍ରିଲ ମାସ ୨୧ ତାରିଖରେ ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଏସ ଓ ୧୯୮୩(ଇ) ରେଳବାଇ ଆଇନ ୧୯୮୯ ଧାରା-୨ର ଧାରା (୩୭କ) ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି କେନ୍ଦ୍ର ସରକାର ଏଠାରେ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବେ ସୂଚିତ କରାଯାଇଛି । ଏହି ଗେଜେଟରେ ବିଜ୍ଞପ୍ତି ପ୍ରକାଶନ ତାରିଖରୁ ପ୍ରଭାବଶାଳୀ ହେବ। ତେବେ ଖଣି ଅଞ୍ଚଳକୁ ଯାଇ ବିରୋଧୀ ଦଳ ଏବଂ ସରକାରୀ ଦଳର ରାଜନୈତିକ ନେତାମାନେ ଦେଇଥିବା ପ୍ରତିଶ୍ରୁତି କିଭଳି ପାଳନ କରିବେ ତାହା ଆଗାମୀ ଦିନରେ ଜଣାପଡିବ। ଏନେଇ ଖଣି ଅଞ୍ଚଳର ସ୍ଥାନୀୟ ବାସିନ୍ଦାଙ୍କୁ ପଚାରିବାରୁ କହିଛନ୍ତି ନିଶ୍ଚିତ ପୁଣି ସିଜିମାଳି ଅଞ୍ଚଳରେ ଆନ୍ଦୋଳନ ଆରମ୍ଭ ହେବାର ସମ୍ଭାବନା ନେଇ ଆଲୋଚନା ହେଉଛି।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

## ୧୧ ଯୋଡ଼ି ନବଦମ୍ପତିଙ୍କ ସାମୁହିକ ବିବାହ

ବୌଦ୍ଧ, (ସବ୍ୟୁ): ବୌଦ୍ଧ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ସ୍ଥାନୀୟ ଚନ୍ଦ୍ରଚୂଡ଼ ମନ୍ଦିର ପରିସରରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଏଗାର ଯୋଡ଼ି ନବଦମ୍ପତ୍ତିଙ୍କ ସାମୁହିକ ବିବାହ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା।

ସମାରୋହରେ ବୌଦ୍ଧ ବିଧାୟକ ତଥା ବିଧାନସଭା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ,ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଉପସ୍ଥିତ ରହି ଉଭୟେ ନବଦମ୍ପତ୍ତି ମାନଙ୍କୁ ଆର୍ଶିବାଦ ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ପ୍ରତ୍ୟେକ ଦମ୍ପତ୍ତିଙ୍କୁ ମୋଟ ୬୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଛି। ସେଥିରୁ ୪୫ହଜାର ଟଙ୍କାର ଚେକ୍ ପ୍ରତି ଦମ୍ପତ୍ତିଙ୍କୁ ପ୍ରଦାନ କରିବା ସହିତ ଅନ୍ୟାନ୍ୟ ଉପହାର ମଧ୍ୟ ଭେଟି ଦେଇଥିଲେ । ସମାରୋହରେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ବ୍ଲକ୍ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ,ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ , ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନା ସହିତ ବରକନ୍ୟାଙ୍କୁ ଅଭିନନ୍ଦନ ଜଣାଇଥିଲେ । ବିବାହରେ ବର ଓ କନ୍ୟା ପକ୍ଷର ପିତାମାତାଙ୍କ ସହିତ ବନ୍ଧୁ ବାନ୍ଧବ ମଧ୍ୟ ଉପସ୍ଥିତ ଥିଲେ । ଶେଷରେ ସମସ୍ତ ସାମୁହିକ ପ୍ରସାଦ ସେବନ କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ମାନଙ୍କୁ ସୂଚନା ଦେଇ ମୁଖ୍ୟ ସଚେତକ ଶ୍ରୀ ପ୍ରଧାନ କହିଲେ ଯେ ଜିଲ୍ଲାରେ ଆଗାମୀ ଦିନରେ ଏହି ଜନ କଲ୍ୟାଣକାରୀ ଯୋଜନାକୁ ଆହୁରି ବ୍ୟାପକ କରାଯିବ । ସମାଜର ଦୁର୍ବଳ ଶ୍ରେଣୀର ବିବାହଯୋଗ୍ୟା କନ୍ୟା ମାନଙ୍କୁ ବହୁ ମାତ୍ରାରେ ଏଥିରେ ସାମିଲ୍ କରି ସେମାନଙ୍କ ପିତାମାତା ମାନଙ୍କୁ ଚିନ୍ତାମୁକ୍ତ କରିବା ସହିତ ଯୋଜନାର ସଫଳ ରୂପାୟନ କରାଯିବ ।

## ସିଡିଏମ୍ ପିଏଚଓ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ାଉ ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଲେ ସେକ୍ସନ ଅଫିସର

ଝାରସୁଗୁଡା,(ସବ୍ୟୁ): ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍ (ପିଏଚଓ) କାର୍ଯ୍ୟାଳୟର ଜଣେ ସେକ୍ସନ ଅଫିସରଙ୍କୁ ଲାଞ୍ଚ ଗ୍ରହଣ ସମୟରେ ଭିଜିଲାନ୍ସ ବିଭାଗ ଧରିଥିଲା । ଅଭିଯୁକ୍ତ ହେଲେ ଅନୀତ କୁମାର ଗୁରୁ । ସୂଚନାନୁସାରେ, ଜଣେ ଜିଏନଏମ୍ (ଜେନେରାଲ୍ ନର୍ସିଂ ଏଣ୍ଡ ମିଡ଼ୱାଇଫେରୀ) ଟ୍ରେନିଂ ସ୍କୁଲର ଶିକ୍ଷକଙ୍କଠାରୁ ୨,୫୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଜିଏନଏମ୍ ଛାତ୍ରଛାତ୍ରୀମାନଙ୍କୁ ପିଏଚସି ଓ ସିଏଚସି ସ୍ତରରେ ପ୍ରାୟୋଗିକ ପ୍ରଶିକ୍ଷଣ ଦେବା ପାଇଁ ଅନୁମତି ଆବଶ୍ୟକ ଥିଲା। ଏହି କାମକୁ ସହଜ କରିବା ନାମରେ ଅଭିଯୁକ୍ତ ଅଧିକାରୀ ଟଙ୍କା ଦାବି କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଶିକ୍ଷକ ଜଣକ ଭିଜିଲାନ୍ସ ବିଭାଗକୁ ଅଭିଯୋଗ କରିଥିଲେ। ପୂର୍ବ ଯୋଜନାମୂଳକ ଭାବେ ଭିଜିଲାନ୍ସ ଟିମ୍ ଆଜି ଚଢ଼ାଉ କରି ଟଙ୍କା ଗ୍ରହଣ ସମୟରେ ଅଭିଯୁକ୍ତଙ୍କୁ କାବୁ କରିଥିଲା ଏବଂ ଲାଞ୍ଚ ରାଶି ଜବତ କରିଛି। ଏ ସମ୍ପର୍କରେ ରାଉରକେଲା ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଥିବାବେଳେ, ଦୁର୍ନୀତି ନିବାରଣ ଆଇନରେ ତଦନ୍ତ ଚାଲିଛି। ଗିରଫ ପରେ ଅଭିଯୁକ୍ତଙ୍କ ସଂପୃକ୍ତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ସମ୍ପତ୍ତି ତଦନ୍ତ ଜାରି ରହିଛି।

## ଭାର୍ଗବୀ ଆଚାର୍ଯ୍ୟଙ୍କ ବିୟୋଗରେ ଶୋକ

ବରଗଡ,(ସବ୍ୟୁ) : ଗତ ମଙ୍ଗଳବାର ଗର୍ଭଣା ଗ୍ରାମର ଧର୍ମପାଣା ମହିଳା ଭାର୍ଗବୀ ଆଚାର୍ଯ୍ୟ (୯୪) ଙ୍କ ପରଲୋକ ହୋଇଛି । ଶେଷ ସମୟରେ କନିଷ୍ଠ ପୁତ୍ର ଜଣାଶୁଣା ବ୍ୟଙ୍ଗ କବି ତଥା ବରିଷ୍ଠ ଆଇନଜୀବୀ ନୀତିଶ ଚନ୍ଦ୍ର , ତାଙ୍କ ଧର୍ମପତ୍ନୀ ମିନତୀ , ସାନ ଝିଅ ରେଣୁ , ଜ୍ୱାଇଁ ଦିଲୀପ ମହାପାତ୍ର, ଜ୍ୟେଷ୍ଠ ପୁତ୍ର ବରିଷ୍ଠ ଆଇନଜୀବୀ ରତିଶ ଚନ୍ଦ୍ର ତାଙ୍କ ଧର୍ମପତ୍ନୀ ଭୂମିସୁତା, ନାତି ସାମ୍ବାଦିକ ବିଜୟ , ନାତୁଣୀ ସମର୍ପିତା , ସମ୍ଭାବନା , ଶତାବ୍ଦୀ ମହାପାତ୍ର , ସ୍ୱାତି ତ୍ରିପାଠୀ, ପୁତୁରା ବରିଷ୍ଠ ଆଇନଜୀବୀ ଦ୍ୟୁତିଶ ,ପୁତୁରା ସଂଜୀବ ନାତି ଆକାଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ସମ୍ବଲପୁର ଗ୍ରୀଷ୍ମ ପ୍ରବାହ ଜାରି : ୨୭ ପର୍ଯ୍ୟନ୍ତ ବଢ଼ିଲା ସ୍କୁଲ ଛୁଟି ଅବଧି

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆସନ୍ତା ୨୭ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକୁ ଛୁଟି ଘୋଷଣା କରିଛନ୍ତି। ଛୋଟ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଏହି ପଦକ୍ଷେପ ନିଆଯାଇଥିବା ବେଳେ ପରବର୍ତ୍ତୀ ସମୟରେ ପରିସ୍ଥିତି ଅନୁଧ୍ୟାନ କରି ଆଗାମୀ ନିଷ୍ପତି ନିଆଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବରୁ ଏପ୍ରିଲ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର ଛୁଟି ହୋଇଥିଲା। ତେବେ ସ୍ଥିତିରେ କୌଣସି ସୁଧାର ଆସିନଥିବା ବେଳେ ଏହାର ଅବଧିକୁ ବୃଦ୍ଧି କରାଯାଇଛି। ପରବର୍ତ୍ତୀ ସମୟରେ ପାଣିପାଗ ସ୍ଥିତିର ସମୀକ୍ଷା କରି ଆଗାମୀ ନିଷ୍ପତି ନିଆଯିବ ବୋଲି ଜଣାପଡିଛି ।

## ଝାରସୁଗୁଡ଼ା ଜିଲ୍ଲା ଜୁନିୟର ବାଳିକା ହକି ଦଳର ରାଉରକେଲା ଯାତ୍ରା

ଝାରସୁଗୁଡ଼ା,(ସବ୍ୟୁ): ହକି ଆସୋସିଏସନ ଅଫ ଓଡିଶା ତରଫରୁ ଆରମ୍ଭ ହୋଇଥିବା ଆନ୍ତଃ ଜିଲ୍ଲା ହକି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲା ଜୁନିୟର ବାଳିକା ହକି ଦଳ ଆଜି ସକାଳ ୯ଟାରେ ଟ୍ରେନ ଯୋଗେ ରାଉରକେଲା ଯାତ୍ରା କରିଛନ୍ତି । ଏହି ଟିମ ୨୩ ତାରିଖ ସକାଳେ ନିଜର ପ୍ରଥମ ମ୍ୟାଚ ଖେଳିବେ । ଏହି ଜୁନିୟର ଦଳରେ ରାଜେଶ୍ୱରୀ ନାୟକ କ୍ୟାପଟେନ ଥିବା ବେଳେ ପ୍ରିନ୍ସି ନାଏକ, ଆରୁଷି ସାହୁ, ମାମା ପ୍ରଧାନ, ରଶ୍ମିତା ବାଘ,ସ୍ନେହା ବାଘ, ଅଙ୍କିତା କିସାନ, ଲିସା ମିଞ୍ଜ, ରିୟା ମାଝୀ,ପାଲାକ ସିଂହ,ଏଞ୍ଜଲ ମିରିଗ,ନମ୍ରତା ସାହୁ,ଅର୍ଚ୍ଚନା ସାହୁ,ବିଷ୍ଣୁପ୍ରିୟା ଦେହେରୀ ଓ ଲିଜା ନାଏକ ପ୍ରତିନିଧିତ୍ୱ କରୁଛନ୍ତି । ଦଳର ମ୍ୟାନେଜର ଭାବରେ ସକୁନ୍ଦ ନାଏକ ଓ କୋଚ ଭାବରେ ମଧୁମିତା ଖାଲଖୋ ଯାତ୍ରା କରିଛନ୍ତି । ସକାଳେ ଏହି ଦଳକୁ ଝାରସୁଗୁଡ଼ା ରେଳଷ୍ଟେସନରେ ଓଡିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି,କ୍ଲେମେଣ୍ଟ ରୋନାଲ୍ଡ, ଭେଟି ଶୁଭେଚ୍ଛା ଜଣାଇଛନ୍ତି । ଜିଲ୍ଲା କ୍ରୀଡ଼ା ଅଧିକାରି ଅମ୍ରିତ ଆଚାର୍ଯ୍ୟ,ଜିଲ୍ଲା ହକି ଆସୋସିଏସନ ସଭାପତି ତଥା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ, ସଂପାଦକ ବ୍ରଜବନ୍ଧୁ ଭୋଇ,ସଦସ୍ୟ ପ୍ରଜ୍ୱଳ ପଟେଲ ଜିଲ୍ଲାକ୍ରୀଡା ଶିକ୍ଷା ଅଧିକାରୀ ସୁଶାନ୍ତ ବେହେରା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

## ପୂର୍ବତନ ବିଧାୟକ -ସ୍ୱତନ୍ତ୍ର ଉନ୍ନୟନ ଅଧ୍ୟକ୍ଷଙ୍କ ଆଲୋଚନା

କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲାର ନବ ନିଯୁକ୍ତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭାବେ ଡମ୍ବରୁଧର କହଁର ଯୋଗଦେବା ପରେ କନ୍ଧମାଳ ବ୍ଲକ ଗସ୍ତ କରି ବିଭିନ୍ନ ବ୍ୟକ୍ତି ବିଶେଷ, ରାଜନେତା ଏବଂ ଅନୁସୂଚିତ ଜାତି, ଜନଜାତି ସମାଜର ବ୍ୟକ୍ତି ବିଶେଷଙ୍କୁ ଭେଟି ସ୍ଥାନୀୟ ଅଞ୍ଚଳର ସମସ୍ୟା ବିଷୟରେ ବୁଝିବା ସହିତ ପରାମର୍ଶ ଓ ଆଶୀର୍ବାଦ କାମନା କରିଛନ୍ତି । ଏହି ପରିପ୍ରେକ୍ଷୀରେ କନ୍ଧମାଳ ଠାରେ ପୂର୍ବତନ ବିଧାୟକ ତଥା ବୌଦ୍ଧ ଜିଲ୍ଲା ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ଅଧ୍ୟକ୍ଷ ଭଗବାନ କହଁରଙ୍କୁ ସାକ୍ଷାତକରୀ ଅଞ୍ଚଳର ବିକାଶ ତଥା ଆଦିବାସୀ ମାନଙ୍କ ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି । ଡମ୍ବରୁ କହଁର କହିଛନ୍ତି ଯେ ଦଳମତ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସାମୁହିକ ଭାବେ କାମ କରିବା ଉଚିତ । ତେବେ ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହୋଇ ପାରିବ ବୋଲି ଗଣମାଧ୍ୟମକୁ କହିଛନ୍ତି ।

# ବିଶ୍ୱ ଧରିତ୍ରୀ ଦିବସ ପାଳିତ




ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଅନ୍ତର୍ଗତ ଗୁଣପୁର ଠାରେ ୫୬ତମ ବିଶ୍ୱ ଧରିତ୍ରୀ ଦିବସ ୨୦୨୬ କଳାହାଣ୍ଡି ଏଜେନସି ଫର ଏନଭାରମେଣ୍ଟ ଏଣ୍ଡ ୱାଇଲଡ (କେଫ୍ୟୁ ) ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଧରିତ୍ରୀ ଦିବସ ଅବସରରେ ଅନୁଷ୍ଠିତ ଜନ ସଚେତନତା ସଭାରେ ଗୁଣପୁର ଆଞ୍ଚଳିକ ବିକାଶ ପରିଷଦର ସଭାପତି ରଥ ଦୁରିଆ, ଶାସ୍ତ୍ରିଜୀ ଯୁବକ ସଂଘର ସଭାପତି ଗୁଣନିଧି ନାଏକ ଓ ପ୍ରକୃତି ବନ୍ଧୁ ଡୋଳାମଣି ସାହୁ ଉପସ୍ଥିତ ରହି ବିଶ୍ୱ ଧରିତ୍ରୀ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଆୟୋଜିତ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ର କୃତୀ ପ୍ରତିଯୋଗୀ ମାନଙ୍କୁ କେଫ୍ୟୁ ପକ୍ଷ୍ୟରୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇ ଥିଲା । ପ୍ରବନ୍ଧ ପ୍ରତିଯୋଗିତାରେ ଆଦ୍ୟାଶା ସିଂ, ଲିଜା ନାଏକ ଓ ଶିବାନୀ ନାଏକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଚିତ୍ରାଙ୍କନ ପ୍ରତି ଯୋଗିତାରେ କ୍ଷିତି ସାହୁ, ଦଶମୀ ମାଝୀ ଓ ମାମୁନି ମାଝୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ଗ୍ରହଣ କରିଥିଲେ । ଗୁଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ନାଏକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ପ୍ରକୃତି ବନ୍ଧୁ ଡୋଳାମଣି ସାହୁ ସଭାରେ ସଭାପତିତ୍ୱ କରିଥିବାବେଳେ ଶାସ୍ତ୍ରିଜୀ ଯୁବକ ସଂଘର ସଭାପତି ଗୁଣନିଧି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ଲାଷ୍ଟିକ ସଂଗ୍ରହ କରି ପରିବେଶ ସୁରକ୍ଷା କରୁଛନ୍ତି ପ୍ରକୃତି ବନ୍ଧୁ ସରୋଜ

କୁଚିଣ୍ଡା,(ସବ୍ୟୁ): କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡର କୁଡାପଡା ଗାଁ ପ୍ରକୃତି ବନ୍ଧୁ ସରୋଜ ମେହେର ପ୍ରକୃତିର ସୁରକ୍ଷା ପାଇଁ ସବୁ ବେଳେ କାମ କରି ଆସୁଛନ୍ତି । ପରିବେଶ ପାଇଁ ଗଛ, ଜଙ୍ଗଲରେ ବାସ କରୁଥିବା ପକ୍ଷୀଙ୍କ ପାଇଁ ଜଳ ଛତ୍ର, ପରିବେଶର ଜୀବଜନ୍ତୁଙ୍କୁ କ୍ଷତି ନ କରୁଥିବା ଫସଲ , ପରିବେଶରେ ବାସ କରୁଥିବା ଜୀବଜନ୍ତୁ ସୁରକ୍ଷା ରଖିବା ପାଇଁ ସବୁ ବେଳେ କାର୍ଯ୍ୟ କରି ଆସୁଛନ୍ତି । ସେହିପରି ଏବେ ଗ୍ରୀଷ୍ମ ସମୟରେ ବହୁ ମାତ୍ରା ରେ ଦୁକାନ ବଜାରରେ ପାଣି ବୋତଲ ଥଣ୍ଡା ବୋତଲ ବିକ୍ରି ଚାଲିଛି । ଲୋକେ ପର୍ଯ୍ୟଟ ସ୍ଥଳୀ, ମନ୍ଦିର ପରିସର,ସମୁଦ୍ର ପାଖରେ ପିଇ ସେହି ପ୍ଲାଷ୍ଟିକ ବୋତଲକୁ ସେହିଠାରେ ପକାଇ ଦେଉଛନ୍ତି। ବୋତଲ ପରିବେଶ ତଥା ସମାଜ ପାଇଁ କ୍ଷତିକାରକ ଅଟେ । ଏହି ପ୍ଲାଷ୍ଟିକ ଖାଇ ଗାଈ ଗୋରୁ ମରିଯାଉଛନ୍ତି । ସେହିପରି ମଣିଷ ମାନଙ୍କୁ ବିଭିନ ରୋଗ ଆକ୍ରମଣ କରୁଛି,ଏବେ ଗ୍ରୀଷ୍ମ ସମୟରେ



ଅଧକ ଭାବରେ ପ୍ଲାଷ୍ଟିକ ବୋତଲ ଛୁଆ ଠାରୁ ବୁଢ଼ା ଆଏ ବ୍ୟବହାର କରୁଛନ୍ତି । ଏହି ପ୍ଲାଷ୍ଟିକ ବୋତଲ ନାଳ, ଖେଳ ପଡିଆରେ ବର୍ଷ ବର୍ଷ ଧରି ପଡି ଥାଏ । ନଷ୍ଟ ହେବାକୁ ୫ବର୍ଷ ଲାଗି ଥାଏ । ପ୍ଲାଷ୍ଟିକ ବ୍ୟବହାର ଦିନକୁ ଦିନ ବଢି ବଢି ଚାଲିଛି ତାକୁ ଲକ୍ଷ୍ୟ କରି ପ୍ରକୃତି ବନ୍ଧୁ ସରୋଜ ମେହେର ୧ ଲିଟର ଓ ୨ ଲିଟର ପାଣି ବୋତଲ ବିଭିନ୍ନ ସ୍ଥାନରୁ ସଂଗ୍ରହ କରୁଛନ୍ତି । ସମାଜ ଓ ପରିବେଶକୁ ସୁସ୍ଥ ରଖିବା ପାଇଁ ତାଙ୍କର ଚେଷ୍ଟା ଲାଗି ରହିଛି ।ଏହି ପ୍ଲାଷ୍ଟିକକୁ କମ କରିବାକୁ ହେଲେ ପ୍ଲାଷ୍ଟିକ କମ ବ୍ୟବହାର କରିବାକୁ ହେବ। ତା ସହିତ ଯାହା ପ୍ଲାଷ୍ଟିକ ବୋତଲ ଆଣୁଛୁ । ତାହାକୁ ଘରର ଉପକରଣରେ ଯେମିତିକି ଛୋଟ ଛୋଟ ଖେଳନା ତିଆରି କରିବା ବୋତଲରେ ଗଛ ଲଗାଅ, ତାଙ୍କୁ ସଂଗ୍ରହ କରି ପୋଡି ଦେବା ଏମିତି କଲେ ପ୍ଲାଷ୍ଟିକ ଧୀରେ ଧୀରେ ହ୍ରାସ ପାଇବ ବୋଲି ପ୍ରକୃତି ବନ୍ଧୁ କହିଛନ୍ତି ।

# ସୁବର୍ଣ୍ଣପୁରରେ ସିଏମ୍ ଟ୍ରଫି ଉଦ୍‌ଘାଟିତ

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡା ବିଭାଗ ସହଯୋଗରେ ୧୪ ବର୍ଷ ରୁ କମ ମୁଖ୍ୟ ମନ୍ତ୍ରୀ ଟ୍ରଫି ଅନ୍ତଃ କ୍ଲବ ଓ ଅନ୍ତଃ ଜିଲ୍ଲା କବାଡି,ଖୋ ଖୋ, ଭଲିବଲ ଚାମ୍ପିୟନସିପ -୨୦୨୬ ଉଦଘାଟିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ ଟ୍ରଫିକୁ ଉଦଘାଟନ କରିଥଲେ । ସମ୍ମାନିତ ଅତିଥି ଭାବେ ପୌରପରିଷଦ ଅଧକ୍ଷା ତାମସୀ ତାମସ୍ମିତା ନାଏକ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, କ୍ରୀଡ଼ାବିତ୍ ଗୋରେଖନାଥ ସାହୁ,କଇଁରୁ ସ୍ବାଇଁ, ରାମକୁମାର ସାହୁ, ସାଂସଦ ପ୍ରତିନିଧି ସ୍ୱରୂପ ପାତ୍ର , କ୍ରୀଡ଼ାବି ଚିତ୍ତରଞ୍ଜନ ତରାସିଆ, ଆଦିତ୍ୟ କିଶୋର ଦାନୀ, ଗଣେଶ ମେହେର, କାଉନସିଲର ଗଙ୍ଗା ତରିଆ,ସୁକାନ୍ତ ସାହୁ, ରାମଧୂନ କ୍ଲବର ଶେଷଦେବ ମେହେର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପିୟୁଷ ପଣ୍ଡା ଓ ସଞ୍ଜୟ ସାହୁ ଏହାକୁ ସଂଯୋଜନା କରିଥିଲେ। ଜିଲ୍ଲା ର ୬ଟି ବ୍ଲକର ଭଲିବଲ, କବାଡି ,ଖୋ ଖୋରେ ତିନି ଗୋଟି ଇଭେଣ୍ଟରେ ବାଳକ ବାଳିକା ବିଭାଗର ଦୁଇଟି ଲେଖାଏଁ ଟିମ୍ , ସମୁଦାୟ ୩୬ ଗୋଟି ଟିମ୍ ଭାଗ ନେଇଥିଲେ।ସୁବର୍ଣ୍ଣପୁର ପୌରପରିଷଦରୁ ୧୨ ଗୋଟି ଟିମ୍ ସହିତ ସମୁଦାୟ ୪୮ ଗୋଟି ଟିମ୍ ସିଏମ ଟ୍ରଫି ରେ ଭାଗ ନେଇଥିଲେ। ପି ଇଟି ସଞ୍ଜୟ ସାହୁ,ଭୁକୁଲୁ ବକ୍ସି , ରାଜେଶ ଥନାପତି,କଲିମ ମହମ୍ମଦ, ବିପ୍ରଚରଣ ପେରା , ସଂଧ୍ୟାରାଣୀ କ୍ଷେତି,ସଞ୍ଜିବ ସାହୁ, ପ୍ରତିଭା ଭୋଇ, ଶେଷଦେବ ପ୍ରଧାନ, ଅଭିନନ୍ଦନ ପୂଜାରୀ, ଯଶୋବନ୍ତ ପୁଟେଲ୍,ଜଗନ ସେନାପତି ଖେଳ ପରିଚାଳନା



କରିଥିଲେ। ଭଲିବଲ ବାଳକ ରେ ଆରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଚାମ୍ପିଅନ ହୋଇଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟ ସୋନପୁର ରନର୍ସ୍ ଅଫ , ବାଳିକା ଭଲିବଲ୍ ରେ ସରକାରୀ ବାଳିକା ହାଇସ୍କୁଲ ତରଭା ଚାମ୍ପିଅନ ହୋଇଥିବା ବେଳେ ସୋନପୁର ବ୍ଲକ ରନର୍ସ ଅଫ, ବାଳକ କବାଡ଼ି ରେ ହାଇସ୍କୁଲ ମେଘେଲା ବିଜେତା ଓ ସାଇ କୃପା ଶିକ୍ଷା ନିକେତନ ସୋନପୁର ଉପ ବିଜେତା , ବାଳିକା କବାଡ଼ି ରେ ସରକାରୀ ବାଳିକା ହାଇସ୍କୁଲ ତରଭା ଚାମ୍ପିଅନ ଠୋଇଛି ।

ସୋନପୁର ବ୍ଲକ ଉପ ବିଜେତା , ଖୋ ଖୋ ବାଳକ ରେ ସାଇ କୃପା ଶିକ୍ଷା ନିକେତନ ବିଜେତା ଓ ସୋନପୁର ବ୍ଲକ ଉପ ବିଜେତା, ଖୋ ଖୋ ବାଳିକାରେ ସରକାରୀ ବାଳିକା ହାଇସ୍କୁଲ ତରଭା ବିଜେତା ଓ ସୋନପୁର ବ୍ଲକ ଉପ ବିଜେତା ହୋଇ ଅତିଥି ମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଏହି ପ୍ରତିଯୋଗୀତାରେ ମନୋନୀତ ହୋଇ ଏଇ ଖେଳାଳି ମାନେ ଜିଲ୍ଲା ସ୍ତରୀୟ ଖେଳ ପ୍ରତିଯୋଗିତା ରେ ଭାଗ ନେବେ ବୋଲି କ୍ରୀଡା ସଂଘ ପକ୍ଷରୁ ସୂଚନା ମିଳିଛି । କ୍ରୀଡା ସଂଘର ସଭ୍ୟ ବିକାଶ ପଣ୍ଡା, ଜିଲୁ ସାହୁ , ଚନ୍ଦନ ସାହୁ,ବୁବୁନ ନାଏକ, ବିକାଶ ପାଢୀ, ଚୈତ୍ୟନ୍ୟ ନାଏକ, ନେପାଳ ଦାଣ୍ଡିଆ, ସୋମନାଥ ସାହୁ, ସୋମନାଥ ମିଶ୍ର, ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।

# ଦୁଙ୍ଗେରିପଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ଦାବି



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଠେମରା ନିକଟସ୍ଥ ଦୁଙ୍ଗେରିପଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ଦାବିରେ ବହୁଜନ ସମାଜ ପାର୍ଟି ପକ୍ଷରୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବୀ ପୂରଣ ନହେଲେ ଏକ ବଡ ଧରଣର ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି। ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଏହି ବିଦ୍ୟାଳୟରେ ଦୀର୍ଘଦିନ ଧରି ଶିକ୍ଷକ ଅଭାବ ସମସ୍ୟା ଲାଗି ରହିଛି। ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଗ୍ରାମୀଣ ଓ ପଛୁଆ ଅଞ୍ଚଳର ଶିଶୁମାନଙ୍କ ପାଇଁ ପ୍ରାଥମିକ ଶିକ୍ଷା ଭବିଷ୍ୟତ ଗଢ଼ିବାର ମୂଳ ଭିତ୍ତି ହେବା ସତ୍ତ୍ୱେ ଏହି ଗୁରୁତର ସମସ୍ୟା ଦୀର୍ଘ ସମୟ ଧରି ଚିନ୍ତା କାରଣ ପାଲଟିଛି। ତେବେ ଏକ ମାତ୍ର ଶିକ୍ଷକ ଅବସର ନେବା ପରେ ଏପର୍ଯ୍ୟନ୍ତ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ ଛାତ୍ରଛାତ୍ରୀମାନେ ସ୍କୁଲ ଯାଇ ଫେରି ଆସୁଛନ୍ତି । ତେବେ ତୁରନ୍ତ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରାଯାଇ ଛାତ୍ରଛାତ୍ରୀଙ୍କ ଶିକ୍ଷା ଅଧିକାର ସୁନିଶ୍ଚିତ କରାଯାଉ ବୋଲି ବହୁଜନ ସମାଜ ପାର୍ଟିର ଜିଲ୍ଲା ପ୍ରଭାରୀ ଅନିଲ ନାୟକ, ଅନୁସୟା ନାୟକ, ଝଙ୍କେତନ୍ ଦୀପ ,ଇନ୍ଦୁ ବାଗ, କୈଳାଶ ଲୁହା, କୁମେଶ ବାଗ, ପିଙ୍କି ବିଭାର, ମୁଳ ନିବାସୀ ସେନାର ହେମନ୍ତ ଗର୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍ଦ୍ରାବତୀ ଉଠା ଜଳସେଚନ ଅଞ୍ଚଳରେ ଧାନ ବିକ୍ରି ପଞ୍ଜିକରଣରୁ ବଞ୍ଚିତ ଚାଷୀଙ୍କ ଆନ୍ଦୋଳନ



କୋକସରା,(ସବ୍ୟୁ): ମେଗା ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ରବି ଧାନ ଚାଷ କରିଥିବା କୋକସରା, ଜୟପାଟଣା ଓ ଧର୍ମଗଡ଼ ବ୍ଲକର ଚାଷୀମାନେ ଧାନ ବିକ୍ରି ପଞ୍ଜିକରଣରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ଚାଷୀ ସମୂହ ବିଭିନ୍ନ ସମୟରେ ଦାବିପତ୍ର ଦେବା ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ଯାହାକୁ ନେଇ ବୁଧବାର କୋକସରାଠାରେ ଅଞ୍ଚଳର ଶହ ଶହ ଚାଷୀଙ୍କ ସମେତ ବିରୋଧୀ ଦଳର ନେତା ମାନେ ସରକାର ବିରୋଧରେ ଜୋରଦାର ଗର୍ଜିଛନ୍ତି। କୃଷକ ସଚେତନ ମଞ୍ଚ କୋକସରା ପକ୍ଷରୁ ଅଞ୍ଚଳର ଶତାଧିକ ଚାଷୀ ଏକତ୍ରିତ ହେବାପରେ ଚାଷୀ ନେତା ଶିବ ପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ କୋକସରା ଜଗନ୍ନାଥ ମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ତହସିଲ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ପରେ ସ୍ଥାନୀୟ ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ଏକ ପ୍ରତିବାଦ ସଭା କରାଯାଇଥିଲା। କୃଷକ ସଚେତନ ମଞ୍ଚର ଉପସଭାପତି ମୀନକେତନ ପ୍ରଧାନୀ ପ୍ରତିବାଦ ସଭାର ସଭାପତିତ୍ୱ କରିଥିଲେ। ପ୍ରତିବାଦ ସଭାରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ ପ୍ରମୁଖ ସାମିଲ ଥିଲେ। ଇନ୍ଦ୍ରାବତୀ ବାମ ଓ ଦକ୍ଷିଣ କେନାଲ ଅଞ୍ଚଳର ଧାନ କ୍ରୟ ପାଇଁ ସରକାର ଅନଲାଇନ ଯୋଗେ ପଞ୍ଜିକରଣ ବ୍ୟବସ୍ଥା କରିଥିବା ବେଳେ ମେଗା ଉଠାଜଳସେଚନ ଅଞ୍ଚଳର ଚାଷ ପାଇଁ ଡିପିଆରରେ ବ୍ୟବସ୍ଥା ନଥିବା ଆଳରେ ଧାନ ବିକ୍ରୟ ବ୍ୟବସ୍ଥାରୁ ଚାଷୀଙ୍କୁ ବଞ୍ଚିତ କରିଥିବା ଅଭିଯୋଗ କରିବା ସହ ରାଜ୍ୟ ସରକାର ଉପରେ ଜୋରଦାର ବର୍ଷିଥିଲେ। ଆଗକୁ ଚାଷୀଙ୍କ ଧାନ ବିକ୍ରି ପଞ୍ଜୀକରଣ କରା ନଗଲେ ସରକାର ବିରୋଧରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଗୋବର୍ଦ୍ଧନ ବାଗ, ପ୍ରମୁଖ ସାମିଲ ହୋଇ ସରକାର ଏହାର ତୁରନ୍ତ ବିଚାର କରି ଧାନ ବିକ୍ରି ପାଇ ପଞ୍ଜିକରଣ କରନ୍ତୁ ବୋଲି ଦାବି କରିଥିଲେ। ଏହା ପରେ ଚାଷୀମାନେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋକସରା ତହସିଲଦାର ଚୋଡ଼ଗଙ୍ଗ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେଛ ପ୍ରକାଶ ଯେ' କୋକସରା, ଜୟପାଟଣା ଓ ଧର୍ମଗଡ଼ ବ୍ଲକ ଅଞ୍ଚଳର ପ୍ରାୟ ୧୫ ହଜାର ଚାଷୀ ୧୮ ହଜାର ୮ ଶହ ୫୫ ହେକ୍ଟର ଜମିରେ ମେଗା ଉଠା ଜଳସେଚନ ମାଧ୍ୟମରେ ରବି ଧାନ ଚାଷ କରିଥିବା ସୂଚନା ରହିଛି। ତେବେ ଏହି ସବୁ ଅଞ୍ଚଳରେ ପ୍ରାୟ ୧୩ ଲକ୍ଷ କ୍ୱିଣ୍ଟାଲ ଧାନ ଉତ୍ପାଦନ ହେବାର ସମ୍ଭାବନା ରହିଛି। ଚାଷୀ ବ୍ୟାଙ୍କ, ସମବାୟ ଓ ବିଭିନ୍ନ ଲୋକଙ୍କ ଠାରୁ ଧାର କରଜ କରି ଓ ପାଖରେ ଯାହା ସଞ୍ଚୟ ଥିଲା ଚାଷରେ ସବୁ ଖର୍ଚ୍ଚ କରି ଦେଇଛନ୍ତି। ଏଣେ ବିଲରେ ଧାନ ପାଚି ଅମଳ ଯୋଗ୍ୟ ହେଲାଣି କିନ୍ତୁ ଧାନ ବିକ୍ରି ନିମନ୍ତେ ପଞ୍ଜିକରଣ ନହେବାରୁ ଚାଷୀକୂଳ ଚିନ୍ତାରେ ପଡ଼ିଯାଇଛନ୍ତି।

ଦାବିପତ୍ର ପ୍ରଦାନ ସମୟରେ କୃଷକ ସଚେତନ ମଞ୍ଚର ଉପସଭାପତି ଜୟ ଲାଲ ନାଏକ, ନିଳକଣ୍ଠ ମାଝୀ, ଧନେଶ୍ୱର ପଣ୍ଡା, ସମ୍ପାଦକ ଚିନ୍ତାମଣି ପଟେଲ, ପ୍ରକାଶ ଚୈଧୁରୀ, ନିମାଇଁ ଚରଣ ଧଙ୍ଗଡ଼ାମାଝୀ, ପଞ୍ଚକ ପୋଡ଼, ହରେକ୍ରୃଷ୍ଣ ନାଏକ, ସୁଶାନ୍ତ ବେହେରା, ବିଶ୍ୱନାଥ ପଟ୍ଟନାୟକ, ବସନ୍ତ ପଟ୍ଟନାୟକ, ତ୍ରିଭୁବନ ନାଏକ, ରାଜେନ୍ଦ୍ର ନାଏକ, ଜିଲ୍ଲା ପରିଷଦ ସଭ୍ୟା ବୈଜୟନ୍ତି ପୁଝାରୀ ସମେତ ଜୟପାଟଣା, କୋକସରା ଓ ଧର୍ମଗଡ଼ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ ।

# ବୃଦ୍ଧାଙ୍କୁ ଦଳି ଦେଲା ହାତୀ

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ରେଞ୍ଜ ଚଢ଼ଚଡି ଗ୍ରାମରେ ଜୈନିକା ବୃଦ୍ଧାଙ୍କୁ ହାତୀ ଦଳି ଦେଇଛି । ମୃତ ବୃଦ୍ଧା ଜଣଙ୍କ ହେଲେ ଉପାସୀ ବେହେରା (୭୦)। ପ୍ରକାଶ ଯେ, ବୃଦ୍ଧା ଜଣକ ଘର ପଛ ପାଖରେ କାଜୁ ବଗିଚାକୁ କୌଣସି କାମରେ ଯାଇଥିବା ବେଳେ ନିକଟସ୍ଥ ଜଙ୍ଗଲରୁ ଏକ ହାତୀ ଚାଲି ଆସି ବୃଦ୍ଧାଙ୍କୁ ଦଳି ଦେଇଥିଲା । ଘଟଣା ସ୍ଥଳରେ ହିଁ ବୃଦ୍ଧା ଜଣଙ୍କ ମୃତ୍ୟୁ ବରଣ କରିଥିଲେ । ଖବର ପାଇ ନାକଟିଦେଉଳ ପୋଲିସ ଏବଂ ବନବିଭାଗ ଘଟଣା ସ୍ଥଳ ରେ ପହଂଚି ଥିଲେ । ମୃତା ପରିବାରକୁ ସରକାରଙ୍କ ତରଫରୁ ଦିଆଯାଉଥିବା କ୍ଷ ତି ପୂରଣ ଦିଆଯିବ ବୋଲି ବନବିଭାଗ ପ୍ରକାଶ କରିଛି । ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ଡାକ୍ତରଖାନା ପଠାଇଥିବା ଜଣା ପଡିଛି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି । ଧ ଆଇଆଇଟି ପର୍ଯ୍ୟନ୍ତ ପହଞ୍ଚିବା ସମ୍ଭବ।

# ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ଉଦ୍‌ଯାପିତ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗର୍ଭବତୀ ମହିଳା ଓ କିଶୋରୀମାନଙ୍କୁ ପୋଷଣଯୁକ୍ତ ସଠିକ୍ ଖାଦ୍ୟପେୟ ଓ ସ୍ୱାସ୍ଥ୍ୟରକ୍ଷା ପ୍ରତି ଯତ୍ନବାନ ରହିବାକୁ କହିଥିଲେ। ସମାଜରୁ ରକ୍ତହୀନତା ବା ଏନିମିଆ ଦୂର କରିବା, ନବଜାତ ଶିଶୁର ଓଜନ ଅତିକମରେ ଅଢ଼େଇ କିଲୋଗ୍ରାମ ରଖିବା ଏବଂ ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଅପପୁଷ୍ଟିଜନିତ ସମସ୍ୟା ଯେପରିକି କମ୍ ଉଚ୍ଚତା ଭଳି ସମସ୍ୟାକୁ ରୋକିବା ପାଇଁ ଏହି ଅଭିଯାନ ମିଶନ ମୋଡ୍‌ରେ କାର୍ଯ୍ୟ କରୁଛି। ଗ୍ରୀଷ୍ମ ଛୁଟି ମଧ୍ୟରେ ବି ପିଲା ଓ ମା'ମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିବାକୁ ଗୁରୁତ୍ୱ ଦିଆଯାଇଛି। ତେବେ ଜିଲ୍ଲାରେ ଗତ ୧୫ ଦିନ ଧରି ଚାଲିଥିବା 'ପୋଷଣ ପକ୍ଷ' ପାଳନ କାର୍ଯ୍ୟକ୍ରମ ସମାପ୍ତ ହୋଇଛି।

# ସାନଭାଇର ଟାଙ୍ଗିଆ ଚୋଟରେ ବଡ଼ଭାଇର ମୃତ୍ୟୁ

ରାୟଗଡା,(ସବ୍ୟୁ): ରାୟଗଡା ଜିଲ୍ଲା ମୁନିଗୁଡା ଥାନା ଅନ୍ତର୍ଗତ ନିୟମଗିରି ପାର୍ବତ୍ୟାଞ୍ଚଳର ମୁନିଖୋଲ ପଞ୍ଚାୟତ ଅନ୍ତର୍ଗତ ଆଦିମ ଜନଜାତି ବର୍ଗର ଡ଼ଙ୍ଗରିଆ ଗାଁ ଗରଠା ଗ୍ରାମରେ ସାନଭାଇର ଟାଙ୍ଗିଆ ଚୋଟରେ ବଡଭାଇର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଗୁଲଟା ଜାକାସିକା । କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁଁ ଏଭଳି ହତ୍ୟାକାଣ୍ଡ ଘଟିଥିବା ଜଣାପଡିଛି। ହତ୍ୟାର କାରଣ ଅସ୍ପଷ୍ଟ ଥିବାବେଳେ ସାନଭାଇ ଆଡୁ ଜାକାସିକା ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ୧୦ କ୍ୱିଣ୍ଟାଲ ବେଆଇନ ଗଚ୍ଛିତ ଖଇର କାଠ ଜବତ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଡିଭିଜନର ଡିଏଫଓ ଅଜିତ ବିଶିଙ୍କ ନିର୍ଦ୍ଦେଶରେ ବନବିଭାଗର ମୋବାଇଲ ସ୍କାର୍ଡ ମୁରିବାହାଲ ରେଞ୍ଜ ଗୁଲମି ସେକ୍ସନ ବାରବନ୍ଧ ଗ୍ରାମର କେନ୍ଦୁପତ୍ର ଫଡି ନିକଟ ଜମିରୁ ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ୧୦ କ୍ୱିଣ୍ଟାଲ ବେଆଇନ ଖଇର କାଠକୁ ଜବତ କରିଛି । ବଲାଙ୍ଗିର ଡିଏଫଓ ଶ୍ରୀ ବିଶି ମୁରିବାହାଲ ରେଞ୍ଜ ଗୁଲମି ସେକ୍ସନ ବାରବନ୍ଧ ଗ୍ରାମରେ ବହୁ ପରିମାଣର ଖଇର କାଠ ଚୋରାଚାଲାଣ ପାଇଁ ରଖାଯାଇଥିବା ନେଇ କୌଣସି ବିଶେଷ ସୂତ୍ରରୁ ସୂଚନା ପାଇଥିଲେ । ସେ ଏ ସମ୍ପର୍କରେ ମୁରିବାହାଲ ରେଞ୍ଜରଙ୍କୁ ସୂଚନା ଦେଇ ବଲାଙ୍ଗିର ଡିଭିଜନର ମୋବାଇଲ ସ୍କାର୍ଡକୁ ତୁରନ୍ତ ଘଟଣା ସ୍ଥଳକୁ ପଠାଇଥିଲେ। ଚଢ଼ାଉ ବେଳେ ସେହି ଚାଷ ଜମିରେ ଚୋରାଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ୧୦ କ୍ୱିଣ୍ଟାଲ ମୂଲ୍ୟବାନ ବେଆଇନ ଖଇର କାଠକୁ ଜଙ୍ଗଲ ବିଭାଗ ଜବତ୍ କରିଥିଲା। ଜବତ ଖଇର କାଠର ଆନୁମାନିକ ବଜାର ମୂଲ୍ୟ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ଜବତ ଖଇର କାଠଟି କାହାର ଓ କେଉଁ ମୁଖ୍ୟ କାର୍ପେଟଦାର ଆଣି ଏଠାରେ ରଖିଥିଲା । ବନବିଭାଗ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ଏହି ଚଢାଉରେ ମୁରିବାହାଲ ରେଞ୍ଜର ପଦ୍ମନାଭ କୁମ୍ଭାରଙ୍କ ନେତୃତ୍ୱରେ ଗୁଲମୀ ଫରେଷ୍ଟର ସତ୍ୟମ୍ ମହାନ୍ତି, ଡ଼ଙ୍ଗାବାଞ୍ଜି ଫରେଷ୍ଟର ମନୋଜ ଦଣ୍ଡସେନା,ମୁରିବାହାଲ ଫରେଷ୍ଟର ଧ୍ରୁବଚରଣ ବଗର୍ତ୍ତୀ, ଫରେଷ୍ଟ ଗାର୍ଡ ଧରିତ୍ରୀ ବାରିକ୍, ନିଲୁ ବରିହାଙ୍କ ସହ ରେଞ୍ଜର ସମସ୍ତ ଆଇପିସିଇଏ ସ୍କାର୍ଡ ସାମିଲ ହୋଇଥିଲେ।

# ବିଟିଏମ୍ ପଡିଆରେ ସିଏମ୍ କପ ଭଲିବଲ ଆରମ୍ଭ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଭାସ୍କର ସୁତାକଳ ପଡିଆରେ ବୁଧବାର ସକାଳ ୬ଟାରେ ସି.ଏମ୍. କପ ବାଳକ ବାଳିକା ୧୪ ବର୍ଷ ବୟସ ବର୍ଗର ଭଲିବଲ ପ୍ରତିଯୋଗିତାକୁ ବ୍ରଜରାଜନଗରର ପୌରପରିଷଦର ଅଧ୍ୟକ୍ଷ କ୍ରିଷ୍ ଗୋପାଲ ସିତାନୀ ଉଦ୍ଘାଟନ କରିଛନ୍ତି । ପ୍ରତିଯୋଗିତାରେ ବାଳିକା ବିଭାଗରେ ୬ଟି ଦଳ ଯୋଗ ଦେଇଥିବା ବେଳେ ୮ଟି ବାଳକ ଦଳ ଅଂଶ ଗ୍ରହଣ କରିଛନ୍ତି । ବ୍ରଜରାଜନଗର ପୌରପରିଷଦର ସଦସ୍ୟ ମହେଶ ମୁରଲୀ,ଜିଲ୍ଲା ଭଲିବଲ ଆସୋସିଏସନର ସଂପାଦକ ବିଷ୍ଟରଣ ନାଏକ,ଜିଲ୍ଲା କ୍ରୀଡ଼ା ସଂଘର ସଂପାଦକ ବିଜୟ ବେହେରା, କାର୍ଯ୍ୟକାରୀ ସଭାପତି ତାପସ ରାୟ ଚୌଧରୀ, କୋଷାଧ୍ୟକ୍ଷ ପ୍ରଜ୍ୱଲ ପଟେଲ,ମାନସ ଆଚାର୍ଯ୍ୟ,ହାମିଦ ମହାପାତ୍ର ଓ ଓଡିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ପ୍ରମୁଖ ଉଦ୍ଘାଟନୀ ଉତ୍ସବରେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ଭଲିବଲ ପ୍ରତିଯୋଗିତାକୁ ରାଜେଶ ପଟେଲ,ବିବେକା ପ୍ରଧାନ, ଆଦିତ୍ୟ ମେହେର, ଅମିୟ ଷଣ୍ଡ ,ସୁଶାନ୍ତ ପଟେଲ ଓ ଅମିୟ ପଟେଲ ପରିଚାଳନା କରିଥିଲେ ।

# ଜିଏମ୍‌ୟୁରେ ଭଲିବଲ ପ୍ରତିଯୋଗିତା
## ବାଳକରେ ପରମାଣପୁର ଓ ବାଳିକାରେ ଟିକିଲିପଡା ଚାମ୍ପିଅନ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଠାରେ ମୁଖ୍ୟମନ୍ତ୍ରୀ ଟ୍ରଫି -୨୦୨୬ର ଭଲିବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟ ଅତିଥି, କୁଳସଚିବ ସନତ କୁମାର ନାୟକ ଓ ଉପକୁଳସଚିବ ଡକ୍ଟର ଚନ୍ଦନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ବ୍ଲକରୁ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ବାଳକ ବର୍ଗରେ ଓଏଭି ପରମାଣପୁର ବିଜେତା ଓ ରେଙ୍ଗାଲି ବ୍ଲକ ଉପବିଜେତା ହୋଇଥିଲା। ବାଳିକା ବର୍ଗରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟିକିଲିପଡ଼ା (ଜମନକିରା) ଚାମ୍ପିୟାନ ଏବଂ ସେଣ୍ଟ ଆର୍ନାଲ୍ଡ ସ୍କୁଲ ସମ୍ବଲପୁର ରନର୍ସ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ ଏବଂ ଜନ ସମ୍ପର୍କ ଅଧିକାରୀ ଡକ୍ଟର ଅତୁଲ କୁମାର ପ୍ରଧାନ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲା ଆଥଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ସୁନୀଲ ସାହୁ, ଆଥଲେଟିକ୍ ସଚିବ ବିକାଶ ମିଶ୍ର, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ , କ୍ରୀଡା ଅଧିକାରୀ ଲିଙ୍ଗରାଜ ବେହେରା ଏବଂ ଦିବ୍ୟାନୀ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁର କବାଡି ପ୍ରିମିୟର ଲିଗ୍ ସିଜନ୍-୩ର ଶୋଭାଯାତ୍ରା



ସମ୍ବଲପୁର,(ସବ୍ୟୁ): ଦିନକ ପରେ କବାଡିର ମହାକୁମ୍ଭ ସମ୍ବଲପୁର କବାଡି ପ୍ରିମିୟର ଲିଗ୍ ସିଜନ୍-୩ ଆରମ୍ଭ ହେବ। ଏହା ପୂର୍ବରୁ ସମ୍ବଲପୁର କବାଡି କ୍ଲବ ପକ୍ଷରୁ ମାଁ ସମଲେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଟ୍ରଫି ସହ ଏକ ଶୋଭାଯାତ୍ରା ବାହାରି ରାମଜୀ ମନ୍ଦିର, କୁଞ୍ଜେଲପଡା, ଝାଡୁଆପଡା, ନନ୍ଦପଡା, ହାଟପଡା, ଦଲେଇପଡା ଦେଇ ଗଙ୍ଗାଧର ମଣ୍ଡପ ପଡିଆରେ ପହଞ୍ଚିଥିଲା। ସଭାପତି ସିଦ୍ଧାର୍ଥ ସାହା, ସମ୍ପାଦକ ସୁଧିର ରଞ୍ଜନ ବହିଦାର, ଉପଦେଷ୍ଟା ଉମାପତି ତ୍ରିପାଠୀ, ସଭ୍ୟ ଅଭିନାଶ ମିତ୍ର, ରବି ମୁଖୀ, ସୁମନ୍ତ ବାଗ ଓ ବଚ୍ଚନ ବରିହାଙ୍କ ସମେତ ୧୨ଟି ଦଳର ଖେଳାଳୀ, କୋଚ୍ ଓ ମ୍ୟାନେଜର ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଆସନ୍ତା ୨୩ରୁ ୨୬ ପର୍ଯ୍ୟନ୍ତ ଗଙ୍ଗାଧର ମଣ୍ଡପ ପଡିଆ ଠାରେ ସମ୍ବଲପୁର କବାଡି ପ୍ରିମିୟର ଲିଗ୍ ସିଜନ୍-୩ ପ୍ରତିଯୋଗିତା ଅନୁଷ୍ଠିତ ହେବ।

# ଭୁକ୍ତା ସାପ୍ତାହିକ ବଜାରରେ ବଢୁଛି ପକେଟମାର

ଅମ୍ବାଭୋନା,(ସବ୍ୟୁ): ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାର ପ୍ରସିଦ୍ଧ ବୁଧବାର ସାପ୍ତାହିକ ବଜାରରେ ଦିନକୁ ଦିନ ପକେଟମାର ଓ ମୋବାଇଲ ଚୋରି ଘଟଣା ବଢୁଥିବାରୁ ସ୍ଥାନୀୟ ଜନସାଧାରଣ ଓ ବ୍ୟବସାୟୀମାନଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ସୃଷ୍ଟି ହେଉଛି। ଏହି ବଜାରକୁ ବରଗଡ଼ ଜିଲ୍ଲା ସହ ଏକାଧିକ ପଡୋଶୀ ରାଜ୍ୟ ଛତିଶଗଡ଼ରୁ ମଧ୍ୟ ବହୁ ସଂଖ୍ୟକ ବ୍ୟବସାୟୀ ଓ ଗ୍ରାହକ ଆସୁଥିବାରୁ ବଜାରଟି ସଦା ଜନଗହଳିପୂର୍ଣ୍ଣ ରହୁଛି। ଏହି ଭିଡ଼ରେ ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ ଚତୁରତାର ସହିତ ମୋବାଇଲ ଓ ଟଙ୍କା ଚୋରି କରୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରତ୍ୟେକ ବୁଧବାର ବଜାର ଦିନରେ ପ୍ରାୟ ୧୦ରୁ ୧୫ଟି ପର୍ଯ୍ୟନ୍ତ ଚୋରି ଘଟଣା ଘଟୁଛି। ବ୍ୟବସାୟୀମାନେ ମଙ୍ଗଳବାର ରାତିରୁ ଆସି ବଜାରରେ ରହୁଥିବା ବେଳେ ସେମାନଙ୍କ ସୁରକ୍ଷା ଓ ବଜାର ସମୟରେ ଜନସାଧାରଣଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି।ଏହା ସହିତ ଅମ୍ବାଭୋନା ଥାନାରେ ଲିଖିତ ଅଭିଯୋଗ ହେଉଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନଥିବାରୁ ଜନସାଧାରଣଙ୍କ ମଧ୍ୟରେ ପୋଲିସ ଉପରେ ଆସ୍ଥା କମିଯାଉଛି।

ଅନ୍ୟପଟେ,ବଜାର ନିୟନ୍ତ୍ରଣ କମିଟି ବ୍ୟବସାୟୀମାନଙ୍କ ଠାରୁ ରୋୟାଲଟି ଆଦାୟ କରୁଥିବା ସତ୍ତ୍ୱେ ସୁରକ୍ଷା ବ୍ୟବସ୍ଥାରେ କୌଣସି ପ୍ରଭାବଶାଳୀ ପଦକ୍ଷେପ ନେଉନଥିବା ଅଭିଯୋଗ ମଧ୍ୟ ଉଠୁଛି। ଯଦି ଏହିପରି ଭାବେ ଚୋରି ଘଟଣା ଜାରି ରହେ, ତେବେ ଭୁକ୍ତା ସାପ୍ତାହିକ ବଜାରର ମର୍ଯ୍ୟାଦା ଓ ବ୍ୟବସାୟ ଉପରେ କୁପ୍ରଭାବ ପଡିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସେହିପରି ସ୍ଥିତିରେ, ସ୍ଥାନୀୟ ଲୋକମାନେ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ବଜାର ନିୟନ୍ତ୍ରଣ କମିଟିଙ୍କୁ ଶୀଘ୍ର ଦୃଷ୍ଟି ଦେଇ ବ୍ୟାପକ ପୋଲିସ ମୁତୟନ, ସିସିଟିଭି ସୁବିଧା ଓ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ସିଏମ୍ ଟ୍ରଫି ଜୁନିଅର୍ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ



ବରଗଡ ,(ସବ୍ୟୁ): ରାଜ୍ୟ ସରକାର, ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ୍ ଏସୋସିଏସନ୍ ଅଫ ଓଡ଼ିଶାର ମିଳିତ ସହଯୋଗରେ ତଥା ବରଗଡ ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ସ୍ଥାନୀୟ ଲେଂଗୁ ମିଶ୍ର ମିନି ଷ୍ଟାଡିୟମରେ ଆୟୋଜିତ ସିଏମ୍ ଟ୍ରଫି ଜୁନିୟର ଫୁଟବଲର ଦ୍ୱିତୀୟ ସଂସ୍କରଣର ବୁଧବାର ଅନୁଷ୍ଠିତ ବାଳକ ବିଭାଗର ଫାଇନାଲ ମ୍ୟାଚ୍ ବରଗଡ ୟୁନାଇଟେଡ କ୍ଲବ୍ ଓ ଖରମୁଣ୍ଡା ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉଭୟ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ୧-୧ ଗୋଲରେ ଅମୀମାଂସିତ ରହିଥିଲା , ଫଳରେ ଟ୍ରାଇବ୍ରେକର ସାହାଯ୍ୟ ନିଆଯାଇଥିଲା । ଏଥିରେ ୟୁନାଇଟେଡ ସ୍ପୋର୍ଟସ କ୍ଲବ ଦଳ ୫-୪ ଗୋଲରେ ବିଜୟୀ ହୋଇଥିଲା।

ଫାଇନାଲ ଖେଳକୁ ଫାଓର ମାନ୍ୟତା ପ୍ରାପ୍ତ ରେଫରି ପିଙ୍କି ହଂସ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ରାଜେନ୍ଦ୍ର ଭୁଏ ଓ ଝସକେତନ ପ୍ରଧାନ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ଉମାକାନ୍ତ ସାହୁ । ଜିଲ୍ଲା କ୍ରୀଡା ସଂସଦ ଉପ ସଭାପତି ଯୁଗଳ ପ୍ରସାଦ ସିଂଙ୍କ ସଭାପତିତ୍ୱ ଓ ସଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବରଗଡ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜେତା , ଉପ ବିଜେତା ଓ କୃତୀ ଖେଳାଳୀ ମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତା ର ବାଳକ ବିଭାଗରେ ୟୁନାଇଟେଡ କ୍ଲବ୍ ଓ ଉପ ବିଜେତା ଖରମୁଣ୍ଡା ଫୁଟବଲ୍ କ୍ଲବ୍ ଓ ବାଳିକା ବିଭାଗରେ କଦଳୀ ପାଲି ଫୁଟବଲ୍ କ୍ଲବ୍ ବିଜେତା ଓ କନବାର ଫୁଟବଲ୍ କ୍ଲବ୍ ଉପ ବିଜେତା ଭାବରେ ଟ୍ରଫି ସହ ପୁରସ୍କୃତ ହୋଇଥିଲେ । ସେହିପରି ବାଳକ ବିଭାଗରେ ଅନିରୁଦ୍ଧ ପ୍ରଧାନ ଓ ବାଳିକା ବିଭାଗରେ ସ୍ନେହା ଟିକିଆ ଶ୍ରେଷ୍ଠ ଖେଳାଳୀ ଭାବରେ , ବାଳିକା ବିଭାଗରେ ଶ୍ରେଷ୍ଠ ପ୍ରତିଭାବାନ ଖେଳାଳୀ ଭାବରେ ଖୁସି ସେଟ୍ ଓ ବାଳକ ବିଭାଗରେ ଆରବ କୁମ୍ଭାର ଏବଂ ପ୍ରତୀକ ବିଶ୍ୱାଳ , ଫାଇନାଲର ଶ୍ରେଷ୍ଠ ଖେଳାଳୀ ଭାବରେ ଭବେଶ ଦୀପ, ଶ୍ରେଷ୍ଠ ରକ୍ଷଣ ଭାଗ ଖେଳାଳୀ ଭାବରେ ଦେବ ସାହୁ, ଶ୍ରେଷ୍ଠ ସ୍କୋରର ଭାବରେ ତୋଫାନ ନନ୍ଦ ପୁରସ୍କୃତ ହୋଇଥିଲେ । ଫାଇନାଲ ଖେଳରେ ଅନ୍ୟ ମାନଙ୍କ ମଧ୍ୟରେ ଫାଓ ଉପ ସଭାପତି ରବି ପଣ୍ଡା, ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର , ଜିଲ୍ଲା କ୍ରୀଡା ଅଧିକାରୀ ଅଭୟ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ସାଧାରଣ ସମ୍ପାଦକ ଅରୁଣ କୁମାର ମହାନ୍ତି ଓ ପ୍ରଭାତାଦିତ୍ୟ ମିଶ୍ର, କୋଷାଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ଫୁଟବଲ୍ ସମ୍ପାଦକ ସେକ ସବଦର , ଆଉଟଡୋରଗେମ୍ସ ସମ୍ପାଦକ ସୁରେଶ ଦାଶ, ଆଜୀବନ ସଦସ୍ୟ ସୁବ୍ରତ ଚାଟାର୍ଜୀ, ଜ୍ଞାନ ରଞ୍ଜନ ପୂଜାରୀ , ବିକାଶ ବିଶ୍ୱାଳ, କାଳିଆ ପ୍ରଧାନ, ପ୍ରଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଲଣ୍ଠନ ଆଲୋକରୁ ଆଇଆଇଟି ପ୍ରଫେସର୍
# ଡ଼ା. ଧନଞ୍ଜୟ ଠାକୁରଙ୍କ ଅସାଧାରଣ ସଫଳତାର ଗାଥା



ପଦ୍ମପୁର,(ସବ୍ୟୁ): ସଫଳତା ସମ୍ପଦରୁ ନୁହେଁ, ସାହସ ଓ ଅଦମ୍ୟ ପ୍ରୟାସରୁ ଆସେ । ଏହି କଥାକୁ ନିଜ ଜୀବନରେ ପ୍ରମାଣ କରିଦେଇଛନ୍ତି ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ଟେମରୀ ଗାଁର ଚାଷୀ ପୁଅ ଡ଼ା. ଧନଞ୍ଜୟ ଠାକୁର।ଆର୍ଥିକ କ୍ଷେତ୍ରରେ ପଛୁଆ ସ୍ଥିତିରେ ଜନ୍ମ ନେଇ ଲଣ୍ଠନ ଆଲୋକରେ ପଢ଼ିଥିବା ଏହି ଯୁବକ ଆଜି ବାରାଣସୀର ପ୍ରସିଦ୍ଧ ଆଇଆଇଟି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଭୌତିକ ବିଜ୍ଞାନ ବିଭାଗରେ ସହକାରୀ ପ୍ରଫେସର୍ ଭାବେ ନିଯୁକ୍ତି ପାଇ ନିଜ ଅଞ୍ଚଳ ସହ ସମଗ୍ର ରାଜ୍ୟର ଗୌରବ ବଢ଼ାଇଛନ୍ତି। ଗ୍ରାମୀଣ ପରିବେଶରେ ବଢ଼ି ଉଠିଥିବା ଡ଼ା. ଠାକୁରଙ୍କ ପିଲାଦିନ ସହଜ ନଥିଲା। ସେତେବେଳେ ଗାଁରେ ବିଦ୍ୟୁତ ସୁବିଧା ନଥିବାରୁ ସେ କିରୋସିନ୍ ଲଣ୍ଠନ ଆଲୋକରେ ରାତି ଜଗି ପାଠ ପଢୁଥିଲେ। ଘରୋଇ ଟ୍ୟୁସନର ସୁବିଧା ନଥିବା ସତ୍ତ୍ୱେ ସେ ନିଜର ଦୃଢ଼ ସଙ୍କଳ୍ପ ଓ ଶିକ୍ଷକମାନଙ୍କ ମାର୍ଗଦର୍ଶନକୁ ଭରସା କରି ଆଗକୁ ବଢ଼ିଥିଲେ।

ଛୋଟ ଗାଁରୁ ଆରମ୍ଭ ହୋଇଥିବା ତାଙ୍କ ଶିକ୍ଷା ଯାତ୍ରା ପରେ ବଡ଼ ସଫଳତାର ଦ୍ୱାର ଖୋଲିଥିଲା। ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରୁ ସ୍ନାତକ ସମାପ୍ତ କରି ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଭୌତିକ ବିଜ୍ଞାନ ସମ୍ମାନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପରେ ସେ ସେଠାରୁ ସ୍ନାତକୋତ୍ତର ଡିଗ୍ରୀ ଲାଭ କରି ନିଜ ଶିକ୍ଷାରେ ଆଉ ଏକ ମାଇଲଖୁଣ୍ଟ୍ ସୃଷ୍ଟି କରିଥିଲେ। ତାଙ୍କ ଅଦମ୍ୟ ପ୍ରୟାସ ତାଙ୍କୁ ଦେଶର ପ୍ରମୁଖ ପ୍ରତିଯୋଗିତାମୂଳକ ପରୀକ୍ଷା ନିଟ୍‌ରେ ଉତ୍କୃଷ୍ଟ ଫଳ ଦେଇଥିଲା। ପରେ ସେ ଆଇଆଇଟି ଇନ୍ଦୋରରୁ ୨୦୧୯ ମସିହାରେ ପିଏଚଡି ସମ୍ପନ୍ନ କରି ଗବେଷଣା ମାର୍ଗରେ ଦୃଢ଼ ପଦକ୍ଷେପ ନେଇଥିଲେ। ତାଙ୍କ ଗବେଷଣା କ୍ଷେତ୍ର 'କ୍ୱାର୍କ-ଗ୍ଲୁଅନ୍ ପ୍ଲାଜ୍ମା '-ଯାହା ବିଗ୍ ବ୍ୟାଙ୍ଗ ପରେ ସୃଷ୍ଟି ହୋଇଥିବା ପ୍ରାରମ୍ଭିକ ପଦାର୍ଥର ଅବସ୍ଥାକୁ ବୁଝିବାରେ ମୁଖ୍ୟ। ଏହି ଜଟିଳ ବିଷୟରେ ତାଙ୍କ ଗବେଷଣା ଆନ୍ତର୍ଜାତୀୟ ମାନ୍ୟତା ପାଇଛି। ଡ଼ା. ଠାକୁର ସ୍ୱିଜରଲ୍ୟାଣ୍ଡ, ଆମେରିକାର ବ୍ରୁକହାଭେନ୍ ନ୍ୟାସନାଲ୍ ଲାବ୍ ଓ ଚୀନର ଆଧୁନିକ ପରୀକ୍ଷାଣ କେନ୍ଦ୍ର ସହ କାମ କରିଛନ୍ତି। ଚୀନ ଓ ଇଟାଲୀରେ ସେ ୬ ବର୍ଷରୁ ଅଧିକ ସମୟ ପୋଷ୍ଟ-ଡକ୍ଟରାଲ୍ ଗବେଷଣା କରି ଆନ୍ତର୍ଜାତୀୟ ମଞ୍ଚରେ ନିଜ ପରିଚୟ ସୃଷ୍ଟି କରିଛନ୍ତି। ୨୦୨୩ରେ ସେ ଫେଲୋଶିପ୍ ଲାଭ କରିଥିବା ବେଳେ ୨୦୨୫ରେ 'ବ୍ରେକଥ୍ରୁ ପ୍ରାଇଜ୍' ପାଇଥିବା ଗବେଷଣା ଦଳର ସଦସ୍ୟ ଭାବେ ଗୌରବାନ୍ୱିତ ହୋଇଥିଲେ। ସମସ୍ତ ଆନ୍ତର୍ଜାତୀୟ ସଫଳତା ପରେ ମଧ୍ୟ ଡ଼ା. ଠାକୁର ନିଜ ମୂଳକୁ ଭୁଲିନାହାନ୍ତି। ସେ ବର୍ତ୍ତମାନ ଆଇଆଇଟି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଉଚ୍ଚମାନର ଗବେଷଣା ଦଳ ଗଠନ କରିବା ସହ ଗାଁ ଓ କୃଷିକୁ ଉନ୍ନତ କରିବା ପାଇଁ ନୂତନ ପ୍ରୟାସ କରୁଛନ୍ତି। ବିଶେଷକରି ଧାନ ଫସଲର 'ଡ୍ରପ୍ ରୋଗ' ଚିହ୍ନଟ ପାଇଁ ମୋବାଇଲ୍ ଆଧାରିତ ଏଆଇ ପ୍ରଯୁକ୍ତି ଉନ୍ନତ କରିବା ତାଙ୍କ ଲକ୍ଷ୍ୟ। ଏହା ଚାଷୀମାନଙ୍କୁ ସହଜ ଓ ସସ୍ତା ଭାବରେ ସହାୟତା କରିପାରିବ। ତାସହିତ ସେ ନିଜ ଗାଁରେ ଇ-ଲାଇବ୍ରେରୀ ଓ ଟ୍ରେନିଂ ସେଣ୍ଟର୍ ସ୍ଥାପନ କରି ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ପ୍ରେରିତ କରିବା ଓ ଆଇଆଇଟିରେ ଇଣ୍ଟର୍ନସିପ୍ ସୁଯୋଗ ଦେବାର ଯୋଜନା କରୁଛନ୍ତି। ତାଙ୍କ ସଫଳତାରେ ପରିବାରର ଅପାର ତ୍ୟାଗ ଓ ସମର୍ଥନ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଛି। ବିଦେଶରେ ରହି ଗବେଷଣା କରୁଥିବା ବେଳେ ତାଙ୍କ ଭାଇ ଘରେ ରହି ପରିବାର ଓ ଚାଷ କାମ ଦେଖୁଥିଲେ। ସ୍ତ୍ରୀ ଓ ପରିବାରର ଅବିଚଳ ସମର୍ଥନ ତାଙ୍କୁ ଆଗକୁ ବଢ଼ିବାର ଶକ୍ତି ଦେଇଛି। ଡ଼ା. ଠାକୁରଙ୍କ କଥା-ଗାଁର ଛାତ୍ରଛାତ୍ରୀମାନେ ନିଜ ଉପରେ ଆତ୍ମବିଶ୍ୱାସ ରଖି ବଡ଼ ସ୍ୱପ୍ନ ଦେଖନ୍ତୁ-ଆଜିର ଯୁବପିଢ଼ୀ ପାଇଁ ଏକ ଶକ୍ତିଶାଳୀ ସନ୍ଦେଶ। ତାଙ୍କ ଜୀବନ ଗାଥା ପ୍ରମାଣ କରେ ଯେ, ସଠିକ୍ ମନୋବଳ ଓ ପ୍ରୟାସ ଥିଲେ ଲଣ୍ଠନ ଆଲୋକରୁ ମଧ୍ୟ ଆଇଆଇଟି ପର୍ଯ୍ୟନ୍ତ ପହଞ୍ଚିବା ସମ୍ଭବ ।

## ସମ୍ପାଦକୀୟ

# ମନ୍ତବ୍ୟ ଦୁର୍ଭାଗ୍ୟଜନକ

ଭାରତର ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ଯଶ ଅର୍ଜନ କରିଥିବାରୁ ଦଳୀୟ ଲୋକେ ତାଙ୍କୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ବୋଲି ସମ୍ବୋଧନ କରି ଆସୁଥିବା ବେଳେ କଂଗ୍ରେସର ଜାତୀୟ ସଭାପତି ମଲ୍ଲିକାର୍ଜୁନ ଖାଡଗେ ତାଙ୍କୁ 'ଆତଙ୍କବାଦୀ' ବୋଲି କହିବା କେବେ ହେଲେ ସୁନ୍ଦର ନୁହେଁ । ଏହା ତାଙ୍କର Slip of Tounge ବା ପାଟିରୁ ହଠାତ୍ ବାହାରି ପଡ଼ିଛି ବୋଲି କହିବା ବି ଠିକ୍ ନୁହେଁ । ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଧରି ଭାରତରେ ଜଣେ ବିଚକ୍ଷଣ ପ୍ରଧାନମନ୍ତ୍ରୀ ଭାବେ ସମଗ୍ର ଭାରତରେ କେବଳ ନୁହେଁ ସମଗ୍ର ବିଶ୍ୱରେ ମଧ୍ୟ ଲୋକପ୍ରିୟତା ଅର୍ଜନ କରିଥିବା ଜଣେ ବ୍ୟକ୍ତିଙ୍କୁ ବିରୋଧୀ ଦଳ କଂଗ୍ରେସର ନେତା ଏପରି କହିଲେ କାହିଁକି ? ଭାରତୀୟମାନେ ଏପରି ଅପରିପକ୍ୱ ବିବୃତି ବିଷୟରେ ବିଶ୍ଳେଷଣ କରିବା ଉଚିତ । ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ମଝିରେ ମଝିରେ ଏପରି ଅପରିପକ୍ୱ ମନ୍ତବ୍ୟ ଦେଉଥିଲେ ମଧ୍ୟ ତାହାକୁ ଜନସାଧାରଣ ସହଜରେ ଗ୍ରହଣ କରୁ ନଥିଲେ । ଏବେ ସବୁଠାରୁ ପୁରାତନ ରାଜନୀତିକ ଦଳ କଂଗ୍ରେସର ଜାତୀୟ ସଭାପତି ଶ୍ରୀ ଖାଡଗେଙ୍କର ଏପରି ମନ୍ତବ୍ୟକୁ ଭାରତୀୟମାନେ ନାପସନ୍ଦ କରୁଥିବା ପରିଲକ୍ଷିତ ହେଉଛି । ଶାସକ ବିଜେପି ଦଳ ଏଥିପାଇଁ ଶ୍ରୀ ଖାଡଗେ ନିଃସର୍ତ୍ତ କ୍ଷମା ଭିକ୍ଷା ମାଗନ୍ତୁ ବୋଲି ମଧ୍ୟ ଦାବି କରିଛନ୍ତି ।

ରାଜନୀତି ରାଜନୀତି ବାଟରେ ରହୁ । ବ୍ୟକ୍ତିଗତ ସ୍ତରକୁ ଶ୍ରୀ ଖାଡଗେ ଓହ୍ଲାଇ ଯାଇ ନିଜର କ୍ରୋଧକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଉପରକୁ ଅଜାଡ଼ି ପକାଇଲେ, ଭାରତୀୟମାନେ ଶ୍ରୀ ଖାଡଗେଙ୍କୁ ନିମ୍ନ ସ୍ତରର ନେତା ବୋଲି ଭାବିବେ । ଅନୁସୂଚିତ ଜାତି ବର୍ଗରୁ ସେ ଆସିଥିଲେ ମଧ୍ୟ ସଭ୍ୟ ସମାଜରେ କେମିତି କଥାବାର୍ତ୍ତା କରାଯାଏ, ତାହା ସେ ଶିଖିଥିଲେ ଭଲ ହୋଇଥା'ନ୍ତା । ସେ ଜାଣି ରଖିବା ଉଚିତ ଯେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ତୃଟିପୂର୍ଣ୍ଣ ବୈଦେଶିକ ନୀତି ଯୋଗୁଁ ଭାରତ ଉପରେ ଚାଇନା ୧୯୬୨ରେ ଅତର୍କିତ ଭାବେ ଆକ୍ରମଣ କରି ଭାରତକୁ ଅସୁବିଧାରେ ପକାଇଥିଲା । ନେହରୁ କେବଳ 'ପଞ୍ଚଶୀଳ' ନୀତି ଆରମ୍ଭ କରି ନଥିଲେ, ତାଙ୍କରି ସମୟରେ 'ହିନ୍ଦ-ଚୀନ୍ ଭାଇ ଭାଇ' ବୋଲି ଧ୍ୱନି ଭାରତରେ ଖୁବ୍ ଜୋର୍‌ରେ ଉଠିଥିଲା । ତାଙ୍କ ପରେ ନେହରୁ ତନୟା ଇନ୍ଦିରା ଗାନ୍ଧି ନିଜେ କ୍ଷମତାରେ ରହିବେ ବୋଲି ଆହ୍ଲାବାଦ ହାଇକୋର୍ଟଙ୍କ ରାୟକୁ ଅମାନ୍ୟ କରି ସାରା ଦେଶରେ ଜରୁରୀକାଳୀନ ପରିସ୍ଥିତି (Emergency) ୧୯୭୫ରୁ ୧୯୭୭ ପର୍ଯ୍ୟନ୍ତ ପ୍ରାୟ ୨୧ ମାସ ପାଇଁ ଜାରି କରିଥିଲେ । ଇନ୍ଦିରାଙ୍କ ପୁତ୍ର ରାଜୀବ ଗାନ୍ଧି ପ୍ରଧାନମନ୍ତ୍ରୀ ଥିବାବେଳେ ବୋଫର୍ସ ବନ୍ଧୁକ କିଣାରେ ଦୁର୍ନୀତି ଅଭିଯୋଗ ହେବାରୁ ତାଙ୍କୁ ମଧ୍ୟ ବଦନାମ କରାଯାଇଥିଲା ।

**ଭାରତୀୟମାନେ ଶାସକ ଏନ୍‌ଡିଏ ମେଣ୍ଟର ସରକାରଙ୍କୁ ଯେତିକି ଭଲ ପାଆନ୍ତି, ବିରୋଧୀ ଦଳ ଆସନରେ ଥିବା କଂଗ୍ରେସ ଓ ତାହାର ମେଣ୍ଟ ଦଳଗୁଡ଼ିକୁ ମଧ୍ୟ ସେତିକି ପସନ୍ଦ କରନ୍ତି । କାରଣ ଭାରତରେ ଏକ ଦୃଢ଼ ଓ ସ୍ଥିର ସରକାରଙ୍କ ସହ ଏକ ଦୃଢ଼ ବିରୋଧୀ ଦଳ ରହିଲେ ଗଣତନ୍ତ୍ରକୁ ସୁଦୃଢ଼ କରିପାରିବ । ତାହା ଅର୍ଥ ନୁହେଁ ଯେ ତାମିଲନାଡୁରେ ନିର୍ବାଚନ ପ୍ରଚାରବେଳେ କଂଗ୍ରେସ ଦଳର ଜାତୀୟ ସଭାପତି, ରାଜ୍ୟସଭାର ବିରୋଧୀ ଦଳର ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ମଲ୍ଲିକାର୍ଜୁନ ଖାଡଗେ ଏପରି ଦାୟିତ୍ୱହୀନ ଓ ଅପରିପକ୍ୱ ମନ୍ତବ୍ୟ ଦେବେ । ସେ ଦଳିତ ସମାଜର ପ୍ରତିନିଧି ଭାବେ ଏଥିପାଇଁ କ୍ଷମା ମାଗିବା ଉଚିତ, କାରଣ ଭାରତର ଦଳିତ ସମାଜ ତାଙ୍କ ପାଇଁ ଅଯଥାରେ ବଦନାମ ମୁଣ୍ଡାଉଛି । ଈଶ୍ୱର ତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ।**

ଭାରତୀୟମାନେ ଶାସକ ଏନ୍‌ଡିଏ ମେଣ୍ଟର ସରକାରଙ୍କୁ ଯେତିକି ଭଲ ପାଆନ୍ତି, ବିରୋଧୀ ଦଳ ଆସନରେ ଥିବା କଂଗ୍ରେସ ଓ ତାହାର ମେଣ୍ଟ ଦଳଗୁଡ଼ିକୁ ମଧ୍ୟ ସେତିକି ପସନ୍ଦ କରନ୍ତି । କାରଣ ଭାରତରେ ଏକ ଦୃଢ଼ ଓ ସ୍ଥିର ସରକାରଙ୍କ ସହ ଏକ ଦୃଢ଼ ବିରୋଧୀ ଦଳ ରହିଲେ ଗଣତନ୍ତ୍ରକୁ ସୁଦୃଢ଼ କରିପାରିବ । ତାହା ଅର୍ଥ ନୁହେଁ ଯେ ତାମିଲନାଡୁରେ ନିର୍ବାଚନ ପ୍ରଚାରବେଳେ କଂଗ୍ରେସ ଦଳର ଜାତୀୟ ସଭାପତି, ରାଜ୍ୟସଭାର ବିରୋଧୀ ଦଳର ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ମଲ୍ଲିକାର୍ଜୁନ ଖାଡଗେ ଏପରି ଦାୟିତ୍ୱହୀନ ଓ ଅପରିପକ୍ୱ ମନ୍ତବ୍ୟ ଦେବେ । ସେ ଦଳିତ ସମାଜର ପ୍ରତିନିଧି ଭାବେ ଏଥିପାଇଁ କ୍ଷମା ମାଗିବା ଉଚିତ, କାରଣ ଭାରତର ଦଳିତ ସମାଜ ତାଙ୍କ ପାଇଁ ଅଯଥାରେ ବଦନାମ ମୁଣ୍ଡାଉଛି । ଈଶ୍ୱର ତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ।

**ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ,**
**ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ**
**ମୁଁ ଚୋରିକଲି ବୋଲି କହିବାକୁ ହେବ ।**
**(ମହାତ୍ମା ଗାନ୍ଧି)**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ରେଳ ଟ୍ରାକ୍‌ର ଆଧୁନିକୀକରଣ



**ଅଶ୍ୱିନୀ ବୈଷ୍ଣବ**

ପ୍ରତିଦିନ ସାରା ଭାରତରେ ୨୫,୦୦୦ ରୁ ଅଧିକ ଟ୍ରେନ୍ ଚାଲିଥାଏ । ୧,୩୭,୦୦୦ କିଲୋମିଟରରୁ ଅଧିକ ଟ୍ରାକ ନେଟୱର୍କରେ ସେଗୁଡ଼ିକ ଦୈନିକ ୨ କୋଟିରୁ ଅଧିକ ଯାତ୍ରୀଙ୍କୁ ପରିବହନ କରିବା ସହିତ ବହୁ ପରିମାଣରେ କୋଇଲା, ଲୁହା ପଥର, ଶସ୍ୟ, ଇସ୍ପାତ, ସିମେଣ୍ଟ ଏବଂ ଅନ୍ୟାନ୍ୟ ସାମଗ୍ରୀ ପରିବହନ କରନ୍ତି । ରେଳ ଟ୍ରାକ୍ ହେଉଛି ସେହି ଭିତ୍ତିଭୂମି ଯାହା ଉପରେ ଏହି ସମଗ୍ର ବ୍ୟବସ୍ଥା କାମ କରେ।ଯେତେବେଳେ ଏହା ଭଲ ଅବସ୍ଥାରେ ଥାଏ, ଟ୍ରେନଗୁଡ଼ିକ ଅଧିକ ବେଗରେ ଓ ସୁରକ୍ଷିତ ଭାବରେ ଚାଲିଥାଏ। ଏହା ଭଲ ଅବସ୍ଥାରେ ନଥିଲେ, ଗତି ପ୍ରତିବନ୍ଧକ ଏବଂ ବିଳମ୍ବଠାରୁ ଆରମ୍ଭ କରି ସୁରକ୍ଷା ସହ ଜଡ଼ିତ ବିପଦ ପର୍ଯ୍ୟନ୍ତ ବିଭିନ୍ନ ଅସୁବିଧା ହୋଇଥାଏ। ଭଙ୍ଗା ରେଳ, ଢିଲା ଫିଟିଂ କିମ୍ବା ଗେଟି ପରସ୍ତ ଟ୍ରେନର ଗତିକୁ ପ୍ରଭାବିତ କରିପାରେ। ରେଳ ଟ୍ରାକ୍ ର ଗୁରୁତ୍ୱକୁ ଦୃଷ୍ଟିରେ ରଖି, ଭାରତୀୟ ରେଳବାଇ ଏକ ଦଶନ୍ଧି ପୂର୍ବରୁ ବ୍ୟାପକ ଆଧୁନିକୀକରଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ଏହି କାର୍ଯ୍ୟରେ ଆଧୁନିକ ମେସିନ୍ ବ୍ୟବହାର କରି ଟ୍ରାକ୍ ନବୀକରଣ, ଉନ୍ନତ ପଦ୍ଧତି ମାଧ୍ୟମରେ ପରୀକ୍ଷଣ ଓ ଯାଞ୍ଚ, ଯାନ୍ତ୍ରିକ ରକ୍ଷଣାବେକ୍ଷଣ, ସୁରକ୍ଷା ବାଡ଼ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା। ମିଳିତ ଭାବେ, ଏହି ପ୍ରୟାସଗୁଡ଼ିକ ନେଟୱର୍କର ସ୍ଥିତିରେ ଆଖିଦୃଶିଆ ପରିବର୍ତ୍ତନ ଆଣିଛି । ୨୦୧୪ ମସିହାରୁ, ପ୍ରାୟ ୫୫,୦୦୦ କିଲୋମିଟର ଟ୍ରାକର ନବୀକରଣ କରାଯାଇଛି । ଏହା ଦ୍ୱାରା ସୁରକ୍ଷା ସହିତ ଯାତ୍ରାର ଗୁଣବତ୍ତା ବୃଦ୍ଧି ପାଇଛି ଏବଂ ବାରମ୍ବାର ମରାମତିର ଆବଶ୍ୟକତା ହ୍ରାସ ପାଇଛି । ୨୬୦ ମିଟର ଲମ୍ବ ବିଶିଷ୍ଟ ପ୍ରାୟ ୪୪,୦୦୦ ଟ୍ରାକ୍ କିଲୋମିଟର ଦୀର୍ଘ ରେଳ ପ୍ୟାନେଲ ବିଛାଯାଇଛି । ଲମ୍ୱା ପ୍ୟାନେଲଗୁଡ଼ିକର ଅର୍ଥ ହେଉଛି କମ୍ ଯୋଡ଼େଇ, ଯାହା ସୁଗମ ଏବଂ ସୁରକ୍ଷିତ ଟ୍ରେନ୍ ଗତିକୁ ସକ୍ଷମ କରିଥାଏ। ୮୦,୦୦୦ କିଲୋମିଟରରୁ ଅଧିକ ଭାଗରେ ମଜବୁତ ୬୦-କିଲୋଗ୍ରାମ ବିଶିଷ୍ଟ ରେଳ ଟ୍ରାକ ବର୍ତ୍ତମାନ ବ୍ୟବହାର ହେଉଛି, ଯାହା ଅଧିକ ଭାର ଏବଂ ଗତିକୁ ସମର୍ଥନ କରେ । ମଜବୁତ ରେଳ ଟ୍ରାକ ବିଛାଇବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଠିକ୍ ସମୟରେ ତ୍ରୁଟି ଖୋଜିବା ମଧ୍ୟ ଜରୁରୀ। ପ୍ରାୟ ୩୬.୨ ଲକ୍ଷ ଟ୍ରାକ କିଲୋମିଟର ଏବଂ ୨.୨୫ କୋଟି ୱେଲ୍ଡର ଅଲ୍ଟ୍ରାସୋନିକ ଫାଟ ଚିହ୍ନଟ (ୟୁଏସଏଫଡି) ଯାଞ୍ଚ କରାଯାଇଛି । ଏହା ଜରିଆରେ ବାହାରୁ ଦେଖାଯାଉ ନଥିବା ରେଳ ଭିତରର ଲୁକ୍କାୟିତ ଫାଟ ଚିହ୍ନଟ କରାଯାଉଛି। ଫଳସ୍ୱରୂପ, ରେଳ ଏବଂ ୱେଲ୍ଡ ତ୍ରୁଟି ପ୍ରାୟ ୯୦% ହ୍ରାସ ପାଇଛି । କୌଣସି ଘଟଣା ଘଟିବା ପରେ ସମସ୍ୟା ସମାଧାନ କରିବା ବଦଳରେ ପୂର୍ବରୁ ସେଗୁଡ଼ିକୁ ରୋକିବା ପାଇଁ ଏକ ପରିବର୍ତ୍ତିତ ବ୍ୟବସ୍ଥା ହୋଇଛି। ବର୍ତ୍ତମାନ ବ୍ୟବହୃତ ହେଉଥିବା ଅନ୍ୟ ପଦ୍ଧତିଗୁଡ଼ିକ ମଧ୍ୟରେ ଫ୍ଲାସ୍-ବଟ୍ ୱେଲ୍ଡ ପାଇଁ ପର୍ଯ୍ୟାୟବଦ୍ଧ-ଆରେ ପରୀକ୍ଷା, ନୂତନ ୱେଲ୍ଡ ପାଇଁ ଚୁମ୍ବକୀୟ ପାର୍ଟିକିଲ ନିରୀକ୍ଷଣ, ଏବଂ ଜିପିଏସ ଚାଳିତ ଓସିଲେସନ୍ ମନିଟରିଂ ସିଷ୍ଟମ୍ (ଓଏମଏସ) ଅନ୍ତର୍ଭୁକ୍ତ ଯାହା ଯାତ୍ରାର ଗୁଣବତ୍ତା ମାପ କରେ ଏବଂ ଟ୍ରାକରେ ଥିବା ଖରାପ ସ୍ଥାନଗୁଡ଼ିକର ସଠିକ୍ ଭାବେ ଚିହ୍ନଟ କରେ।

ରେଳ ଟ୍ରାକ ଆଧୁନିକୀକରଣର ସବୁଠୁ ସ୍ପଷ୍ଟ ପ୍ରଭାବ ହେଉଛି ଟ୍ରେନ ଗତି ବୃଦ୍ଧି ପାଇବା :

| ଗତି (ଘଣ୍ଟା ପ୍ରତି କିଲୋମିଟର) | ୨୦୧୪ | | ୨୦୨୬ | |
|---|---|---|---|---|
| | ରନିଂ ଟ୍ରାକ୍ କିଲୋମିଟର | % | ରନିଂ ଟ୍ରାକ୍ କିଲୋମିଟର | % |
| ୧୩୦ ରୁ ଅଧିକ | ୪,୦୩୬ | ୬.୩ | ୨୪,୧୭୩ | ୨୨.୪ |
| ୧୧୦ - ୧୩୦ | ୨୬,୪୦୯ | ୩୩.୩ | ୬୨,୪୮୨ | ୪୮.୨ |
| ୧୧୦ ଠାରୁ କମ୍ | ୪୭,୮୯୭ | ୬୦.୪ | ୨୦, ୬୭୯ | ୧୯.୩ |
| ମୋଟ୍ | ୭୯, ୩୪୨ | ୧୦୦ | ୧, ୦୭, ୩୩୪ | ୧୦୦ |

ଟ୍ରାକ୍ ମେସିନ୍ ସଂଖ୍ୟା ୨୦୧୪ ରେ ୭୪୮ରୁ ଦ୍ୱିଗୁଣିତ ହୋଇ ୨୦୨୬ରେ ୧,୭୮୫ରେ ପହଞ୍ଚିଛି। ଏହି ମେସିନଗୁଡ଼ିକ ଟାମ୍ପିଂ, ବାଲାଷ୍ଟ ସଫା କରିବା ଏବଂ ରେଳ ଗ୍ରାଇଣ୍ଡିଂକୁ ପାରମ୍ପରିକ ପଦ୍ଧତି ବା ମାନୁଆଲ୍ କାମ ଅପେକ୍ଷା ଭଲ, ଦ୍ରୁତ ଏବଂ ଅଧିକ ସମାନ ଭାବରେ କରନ୍ତି। ମେସିନଗୁଡ଼ିକ ବାଲାଷ୍ଟର ଗଭୀର ସ୍କ୍ରିନିଂରେ ଏକ ଉଲ୍ଲେଖନୀୟ ଫରକ ଆଣିଛି । ଟ୍ରାକ ତଳେ ଚୂର୍ଣ୍ଣ ପଥରର ସ୍ତର ଜଳ ନିଷ୍କାସନ ପ୍ରଦାନ କରେ, କମ୍ପନ ଶୋଷଣ କରେ ଏବଂ ଟ୍ରାକକୁ ସ୍ଥିର ରଖେ। ସମୟ ସହିତ, ବାଲାଷ୍ଟ ପଥରଗୁଡ଼ିକ ଟ୍ରେନର ସ୍ଥିର ଓଜନ ଏବଂ କମ୍ପନରେ ଗୁଣ୍ଡ ହୋଇଯାଏ। ଏହା ଫଳରେ ବେଡ୍ ବନ୍ଦ ହୋଇଯାଏ ଏବଂ ଏହାର କାର୍ଯ୍ୟ କରିବାର କ୍ଷମତା ହ୍ରାସ କରେ। ସ୍କ୍ରିନିଂ ଟ୍ରାକ୍ ବେଡ୍ କୁ ସଠିକ୍ ଅବସ୍ଥାରେ ପୁନଃସ୍ଥାପିତ କରେ। ଏହି କାର୍ଯ୍ୟ ୧ ଲକ୍ଷରୁ ଅଧିକ ଟ୍ରାକ୍ କିଲୋମିଟରରେ କରାଯାଇଛି, ମୁଖ୍ୟତଃ ମେସିନ୍ ଦ୍ୱାରା । ପୃଷ୍ଠର ତ୍ରୁଟି ଦୂର କରିବା ଏବଂ ଯାତ୍ରାର ଗୁଣବତ୍ତା ଓ ସୁରକ୍ଷାକୁ ଉନ୍ନତ କରିବା ପାଇଁ ଏକ ଲକ୍ଷ କିଲୋମିଟରରୁ ଅଧିକ ରେଳର ଗ୍ରାଇଣ୍ଡିଂ କରାଯାଇଛି । ପ୍ରତିବର୍ଷ ଟ୍ରେନ ଟ୍ରାଫିକ ବୃଦ୍ଧି ପାଉଥିବାରୁ, ଟ୍ରେନଗୁଡ଼ିକ ମଧ୍ୟରେ ରକ୍ଷଣାବେକ୍ଷଣ ୱିଣ୍ଡୋ ସଙ୍କୁଚିତ ହେଉଛି। ମେସିନଗୁଡ଼ିକ ସେବାଗୁଡ଼ିକୁ ବାଧାପ୍ରାପ୍ତ ନକରି କମ ସମୟରେ ଅଧିକ କାର୍ଯ୍ୟ କରିବାରେ ସାହାଯ୍ୟ କରେ। କିନ୍ତୁ ଟ୍ରେନଗୁଡ଼ିକ ପଏଣ୍ଟ ଓ କ୍ରସିଂ ଦେଇ କିପରି ଯାତାୟାତ କରେ ତାହା ଉପରେ ମଧ୍ୟ ସୁରକ୍ଷା ନିର୍ଭର କରେ। ଭାରତୀୟ ରେଳ ଟ୍ରାକ୍ ନବୀକରଣ ସହିତ ଅନେକ ସହାୟକ ପଦକ୍ଷେପ ଗ୍ରହଣ କରିଛି। ପ୍ରାୟ ୧୭,୫୦୦ କିଲୋମିଟର ସୁରକ୍ଷା ବାଡ଼ ସ୍ଥାପନ କରାଯାଇଛି, ବିଶେଷକରି ଯେଉଁଠାରେ ଟ୍ରେନଗୁଡ଼ିକ ୧୧୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ଚାଲେ ସେଠାରେ ଏପରି କରାଯାଇଛି । ଏହା ସାଧାରଣ ଲୋକ ଏବଂ ପ୍ରାଣୀମାନଙ୍କ ଅନୁପ୍ରବେଶକୁ ରୋକିବାରେ ସାହାଯ୍ୟ କରେ। ପଏଣ୍ଟ ଏବଂ କ୍ରସିଂରେ, ୩୬,୦୦୦ ମୋଟା-ୱେବ୍ ସ୍ୱିଚ୍ ଏବଂ ୭,୫୦୦ ୱେଲ୍ଡେବଲ୍ ସିଏମଏସ କ୍ରସିଂ ଯୋଗାଇ ଦିଆଯାଇଛି। ଏଗୁଡ଼ିକ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ ଏବଂ ସୁଗମ ଟ୍ରେନ ଚଳାଚଳକୁ ସକ୍ଷମ କରେ। ୨୦୧୯ରେ କାର୍ଯ୍ୟକ୍ଷମ କରାଯାଇଥିବା ପ୍ରଶସ୍ତ, ଭାରୀ ସ୍ଲିପରଗୁଡ଼ିକ ସ୍ଥିରତାକୁ ଉନ୍ନତ କରିଛି, ବିଶେଷକରି ଗ୍ରୀଷ୍ମଋତୁର ଗରମ ସମୟରେ। ର୍ଗିଡର ବ୍ରିଜ୍ ଏବଂ ୟାର୍ଡ ମାଧ୍ୟମରେ ଲମ୍ୱା ୱେଲ୍ଡିଂ ରେଳ ଉପରେ ଏଚ-ବିମ୍ ସ୍ଲିପରଗୁଡ଼ିକ ନେଟୱର୍କକୁ ଆହୁରି ମଜବୁତ କରିଛି ।

୧୩୦ କିଲୋମିଟର ପ୍ରତି ଘଣ୍ଟା ଏବଂ ତଦୁର୍ଦ୍ଧ୍ୱ ବେଗକୁ ସମର୍ଥନ କରୁଥିବା ଟ୍ରାକ୍ ୬% ରୁ ପ୍ରାୟ ୨୩% ବୃଦ୍ଧି ପାଇଛି। ୧୧୦ କିଲୋମିଟର ପ୍ରତି ଘଣ୍ଟା ଏବଂ ତଦୁର୍ଦ୍ଧ୍ୱ ବେଗ ପାଇଁ ଟ୍ରାକ୍ ପ୍ରାୟ ୪୦% ରୁ ୮୦% ବୃଦ୍ଧି ପାଇଛି। ଏହା ଯାତ୍ରା ସମୟ ହ୍ରାସ କରିଛି, ସମୟାନୁବର୍ତ୍ତିତାରେ ଉନ୍ନତି ଆଣିଛି ଏବଂ ବନ୍ଦେ ଭାରତ ଏକ୍ସପ୍ରେସ ପରି ସେମି ହାଇ-ସ୍ପିଡ୍ ସେବା ଯୋଗାଇବା ସମ୍ଭବ କରିଛି। ଏହି ଆଧୁନିକୀକରଣ ପଦକ୍ଷେପଗୁଡ଼ିକର ମିଳିତ ପ୍ରଭାବ ସୁରକ୍ଷା ତଥ୍ୟରେ ପ୍ରତିଫଳିତ ହୋଇଛି। ଫଳସ୍ୱରୂପ ଟ୍ରେନ ଦୁର୍ଘଟଣା୨୦୧୪-୧୫ରେ ୧୩୫ ରୁ ହ୍ରାସ ପାଇ ୨୦୨୫-୨୬ ରେ ୧୬ କୁ ହ୍ରାସ ପାଇଛି, ଅର୍ଥାତ ପ୍ରାୟ ୮୯% ହ୍ରାସ ଦେଖା ଦେଇଛି । ପ୍ରତି ୧୦ ଲକ୍ଷ କିଲୋମିଟରରେ ଟ୍ରେନର ଦୁର୍ଘଟଣା ହାର ୦.୧୧ ରୁ ୦.୦୧ ହୋଇଛି, ଯେଉଁଥିରେ ପ୍ରାୟ ୯୦% ଉନ୍ନତି ଆସିଛି । ଏହା ଏପରି ଏକ ସମୟ ମଧ୍ୟରେ ଆସିଛି ଯେତେବେଳେ ଟ୍ରେନ ଟ୍ରାଫିକ ବୃଦ୍ଧି ପାଇଛି । ଅଧିକ ଟ୍ରେନ, ଅଧିକ ଯାତ୍ରୀ, କିନ୍ତୁ ଦୁର୍ଘଟଣା କମ୍ ରହିଛି । ଏବେ ରେଳବାଇ ଏକ ନୂଆ ଅନଲାଇନ ବ୍ୟବସ୍ଥା ମଧ୍ୟ ଆରମ୍ଭ କରିଛି । ଏହା ହେଉଛି ୱେବ୍ ଆଧାରିତ ଟ୍ରାକ୍ ପରିଚାଳନା ପ୍ରଣାଳୀ (ଟିଏମଏସ) । ଏହି ବ୍ୟବସ୍ଥା ବର୍ତ୍ତମାନ ଅଲ୍ଟ୍ରାସୋନିକ୍ ପରୀକ୍ଷଣ, ଯାତ୍ରା ଗୁଣବତ୍ତା ଅନୁଧ୍ୟାନ ଏବଂ ଟ୍ରାକ୍ ସ୍ଥିତି ଭଳି ତଥ୍ୟକୁ ଗୋଟିଏ ସ୍ଥାନରେ ଏକତ୍ରିତ କରେ । ଏହାଦ୍ୱାରା ପ୍ରାଥମିକତା ସ୍ଥିର କରିବା ଏବଂ ସମୟ ପୂର୍ବରୁ କାର୍ଯ୍ୟ କରିବା ସହଜ ହୋଇଥାଏ। ବାର ବର୍ଷ ପୂର୍ବେ, ଭାରତର ୬୦% ରେଳ ଟ୍ରାକ୍ ଘଣ୍ଟା ପ୍ରତି ୧୧୦ କିଲୋମିଟର ଠାରୁ କମ୍ କ୍ଷମତାରେ ସୀମିତ ଥିଲା। ରେଳ ଟ୍ରାକ୍ ଭାଙ୍ଗିବା ସାଧାରଣ କଥା ଥିଲା ଏବଂ ଅଧିକାଂଶ ରକ୍ଷଣାବେକ୍ଷଣ ପାରମ୍ପରିକ ପଦ୍ଧତି ବା ମାନୁଆଲ ମାଧ୍ୟମରେ ହେଉଥିଲା। ଆଜି, ପ୍ରାୟ ୮୦% ନେଟୱାର୍କରେ ୧୧୦ କିଲୋମିଟର ପ୍ରତି ଘଣ୍ଟା କିମ୍ବା ତା'ଠାରୁ ଅଧିକ ବେଗରେ ରେଳ ପରିଚାଳିତ ହେଉଛି। ରେଳ ଏବଂ ୱେଲ୍ଡ ଭାଙ୍ଗିବା ପ୍ରାୟ ୯୦% ହ୍ରାସ ପାଇଛି ଏବଂ ପ୍ରାୟ ୧,୮୦୦ ଟ୍ରାକ୍ ମେସିନ୍ କାମ କରୁଛିଛ ଲକ୍ଷ ଲକ୍ଷ ଯାତ୍ରୀ ଏବଂ ରେଳ ମାଲ ପରିବହନ ଉପରେ ନିର୍ଭରଶୀଳ ରେଳ କାରବାର ପାଇଁ ଏହି ପରିବର୍ତ୍ତନ ଗୁଡ଼ିକ ଲାଭଜନକ ହୋଇପାରିଛି । ସୁଗମ ଯାତ୍ରା, କମ ଯାତ୍ରା ସମୟ ଏବଂ ଏକ ଅଧିକ ନିର୍ଭରଯୋଗ୍ୟ ନେଟୱର୍କ ସୁନିଶ୍ଚିତ ହୋଇଛି । କାମ ଏବେ ଶେଷ ହୋଇନାହିଁ, କିନ୍ତୁ ସ୍ଥିର ପ୍ରୟାସ ଓ ନିରନ୍ତର ନିବେଶ ଦ୍ୱାରା ଯେ ଲାଭ ମିଳିପାରିବ ତାହା ବର୍ତ୍ତମାନର ଅଗ୍ରଗତିରୁ ସ୍ପଷ୍ଟ ହୋଇପାରିଛି ।

**କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ**

# ଭାରତର ଚାବାହାର ବନ୍ଦର ସ୍ୱପ୍ନ



**ଡା. ରାଜ କିଶୋର ପଣ୍ଡା**

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଦୁଇ ସପ୍ତାହ ଲାଗି ସ୍ଥଗିତ ରଖିବା ପାଇଁ ଉଭୟ ଯୁକ୍ତରାଷ୍ଟ୍ର ଆମେରିକା ଓ ଇରାନ ଏ ମଧ୍ୟରେ ରାଜି ହେବା ପରେ ବିଶ୍ୱବ୍ୟାପୀ ଏକ ପ୍ରକାରର ଆଶ୍ୱସ୍ତି ଖେଳିଯାଇଛି । ଯୁଦ୍ଧକୁ ଏଇଠି ସମାପ୍ତ କରିବା ପାଇଁ ବିଭିନ୍ନ ସ୍ତରରେ କୂଟନୈତିକ ଆଲୋଚନା ମଧ୍ୟ ଚାଲିଛି । ଗତ ଅଠେଇଶି ଫେବୃୟାରୀରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧକୁ ଇତିମଧ୍ୟରେ ଚାଳିଶ ଦିନ ପୂରିଯାଇଛି । ଧନ, ଜୀବନହାନି ସାଙ୍ଗକୁ ବିଶ୍ୱର ଶକ୍ତି କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ଏ ଯୁଦ୍ଧ ଯୋଗୁଁ ସଂଘଟିତ ହୋଇଅଛି ।

ଭାରତ ପ୍ରସଙ୍ଗରେ ଯଦି ଆମେ ଦେଖିବା, ଯେହେତୁ ଦେଶ ପ୍ରାକୃତିକ ଗ୍ୟାସ୍ ଓ ତୈଳ ପାଇଁ ମଧ୍ୟପ୍ରାଚ୍ୟ ଉପରେ ବ୍ୟାପକ ଭାବରେ ନିର୍ଭରଶୀଳ, ହର୍ମୁଜ୍‌ର ଅବରୋଧ ହେତୁ ଉପରୋକ୍ତ ପଦାର୍ଥଗୁଡ଼ିକର ଉତ୍କଟ ଅଭାବ ଏଠାରେ ଦେଖାଦେଇଛି । ଏହା ସାଙ୍ଗକୁ ଭାରତର ଏକ ବହୁ ଆକାଂକ୍ଷିତ ଓ ବହୁ ପ୍ରତୀକ୍ଷିତ ଭିତ୍ତିଭୂମି ପ୍ରକଳ୍ପ ମଧ୍ୟ ଏହି ଯୁଦ୍ଧ ଯୋଗୁଁ ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ ଓ ଅନିଶ୍ଚିତତାର ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି । ଏହା ହେଉଛି ଚାବାହାର ବନ୍ଦର ପ୍ରକଳ୍ପ ।

ତେବେ ନିବନ୍ଧଟିରେ ଆଗକୁ ଯିବା ପୂର୍ବରୁ ଆମେ ପ୍ରଥମେ ଜାଣିବା ଚାବାହାର ବନ୍ଦରର ଅବସ୍ଥିତି ବିଷୟରେ । ଚାବାହାର ବନ୍ଦର ଇରାନର ଦକ୍ଷିଣପୂର୍ବ ତଟବର୍ତ୍ତୀ ସିସ୍ତାନ-ବାଲୁଚିସ୍ତାନ ପ୍ରଦେଶରେ ଅବସ୍ଥିତ । ଓମାନ ସାଗରରେ ଥିବା ଏହି ବନ୍ଦର, ଇରାନର ଏକମାତ୍ର ସାମୁଦ୍ରିକ ବନ୍ଦର ଅଟେ, ଯାହାର ସିଧାସଳଖ ଯୋଗାଯୋଗ ଭାରତ ମହାସାଗରକୁ ଅଛି, ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ବାଦ୍ ଦେଇ । ପାକିସ୍ତାନର ଗ୍ୱାଦର ବନ୍ଦରରୁ ଏକଶହ ସତୁରୀ କିଲୋ ମିଟର ପଶ୍ଚିମକୁ ଏହା ଅବସ୍ଥିତ । ଦୁଇଟି ଭିନ୍ନ ଏବଂ ଗଭୀର ସାମୁଦ୍ରିକ ବନ୍ଦର, ଚାବାହାରର ମୁଖ୍ୟ ଅଙ୍ଗ ଅଟନ୍ତି । ସେଗୁଡ଼ିକର ନାମ ହେଉଛି 'ଶହୀଦ୍ କଲାନ୍ତରୀ' ଓ ଅନ୍ୟଟି ହେଉଛି 'ଶହୀଦ୍ ବିହିସ୍ତି' ।

ଭାରତର ଏହି ପ୍ରକଳ୍ପରେ ସଂପୃକ୍ତି, ୨୦୦୨ ମସିହାରୁ ଆରମ୍ଭ ହୋଇଥିଲା, ତତ୍କାଳୀନ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ଦ୍ୱାରା । ୨୦୦୩ ମସିହାରେ ତତ୍କାଳୀନ ଇରାନ ରାଷ୍ଟ୍ରପତି ମହମ୍ମଦ ଖତାମୀଙ୍କ ଭାରତ ଗସ୍ତ ସମୟରେ, ବାଜପେୟୀ ଓ ଖତାମୀଙ୍କ ମଧ୍ୟରେ ନୂଆଦିଲ୍ଲୀ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତିର ଗୋଟିଏ ପ୍ରମୁଖ ଅଙ୍ଗ ଥିଲା ଚାବାହାର ବନ୍ଦରର ଉନ୍ନତିକରଣ । ଏହାପରେ କିନ୍ତୁ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବୁଶ୍, ଇରାନ, ଉତ୍ତର କୋରିଆ ଏବଂ ଇରାକ୍‌କୁ ବିଶ୍ୱରାଜନୀତିରେ ଏକଘରିକିଆ କରି, ଏମାନଙ୍କୁ 'ଆକ୍ସିସ୍ ଅଫ୍ ଇଭିଲ୍' ନାମକରଣ କଲେ ଓ ଭାରତ ଉପରେ କ୍ରମାଗତ ଭାବରେ ଚାପ ପ୍ରୟୋଗ କଲେ ଚାବାହାର ପ୍ରକଳ୍ପରୁ ଓହରି ଯିବାପାଇଁ । ଏହାର ଫଳସ୍ୱରୂପ ପ୍ରକଳ୍ପଟି ବିଳମ୍ବିତ ହେଲା ।

ଏହାପରେ ମେ ୨୦୧୫ରେ ଭାରତ ଚାବାହାର ବନ୍ଦରର ଉନ୍ନତିକରଣ ନିମନ୍ତେ ଏକ ଏମ.ଓ.ୟୁ ରେ ସ୍ୱାକ୍ଷର କଲା । ୨୦୧୬ ମସିହା ମେ ମାସରେ ଭାରତ, ଇରାନ ଓ ଆଫ୍‌ଗାନିସ୍ତାନ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହେଲା । ଏହାର ନାମ ହେଲା 'ଚାବାହାର ଚୁକ୍ତି' । ଏହି ଚୁକ୍ତି ଅନୁଯାୟୀ ତିନି ଦେଶ ଏକ ଆନ୍ତର୍ଜାତିକ ପରିବହନ କରିଡର କରିବା ପାଇଁ ସହମତ ହେଲେ । ଏହି କରିଡରର ମୁଖ୍ୟ ଅଂଶ ହେବ ଚାବାହାର ବନ୍ଦର, ଯାହାଦ୍ୱାରା କି ଉପରୋକ୍ତ ଦେଶମାନଙ୍କ ମଧ୍ୟରେ ପରିବହନ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ । ନିକଟ ଅତୀତରେ ୧୩ ମେ ୨୦୨୪ ରେ ଭାରତ ଓ ଇରାନ ମଧ୍ୟରେ ଚାବାହାର ବନ୍ଦରର ପରିଚାଳନାକୁ ନେଇ ଏକ ଦଶବର୍ଷିଆ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଭାରତ ତରଫରୁ 'ଇଣ୍ଡିଆନ ପୋର୍ଟସ୍ ଗ୍ଲୋବାଲ୍ ଲିମିଟେଡ୍' ଓ ଇରାନ ତରଫରୁ 'ପୋର୍ଟ ଆଣ୍ଡ ମାରିଟାଇମ୍ ଅର୍ଗାନାଇଜେସନ୍' ଏଥିରେ ସ୍ୱାକ୍ଷର କରିଛନ୍ତି । ଏହି ଚୁକ୍ତି ଅନୁଯାୟୀ ଇରାନ୍ 'ଶହୀଦ୍ ବିହିସ୍ତି' ବନ୍ଦରର ଉନ୍ନତିକରଣ ପାଇଁ ଭାରତକୁ ପ୍ରସ୍ତାବ ଦେଇଛି । ଏହି ଦୀର୍ଘକାଳୀନ ଚୁକ୍ତିଟି ଭାରତର କେନ୍ଦ୍ରୀୟ ଏସିଆ ପାଇଁ ବ୍ୟାବସାୟିକ, ଆର୍ଥିକ ଓ କୂଟନୈତିକ ରଣନୀତି ନିମନ୍ତେ ଅପରିହାର୍ଯ୍ୟ ।

ଭାରତ ନିମନ୍ତେ ଏହି ବନ୍ଦରଟି ମହତ୍ତ୍ୱପୂର୍ଣ୍ଣ କଣ ପାଇଁ ? ପ୍ରଥମ କାରଣ ହେଉଛି ବୈକଳ୍ପିକ ବାଣିଜ୍ୟ ପଥ । ଗୁଜୁରାଟର କାଣ୍ଡଲା ବନ୍ଦରରୁ ମାତ୍ର ପାଞ୍ଚଶହ ପଚାଶ ନଟିକାଲ୍ ମାଇଲ୍ (ପ୍ରାୟ ଏକ ହଜାର କି.ମି.) ଦୂରରେ ଚାବାହାର ଅବସ୍ଥିତ । ତେଣୁ ପାକିସ୍ତାନ ସୀମା ଅନ୍ତର୍ଗତ ମାର୍ଗକୁ ବାଦ୍ ଦେଇ, ଏହା ଭାରତକୁ ଆଫଗାନିସ୍ତାନ, କେନ୍ଦ୍ର ଏସିଆ, ଇଉରୋପ୍ ସାଙ୍ଗରେ ସିଧାସଳଖ ଯୋଗାଯୋଗ ବ୍ୟବସ୍ଥା ଦେଉଅଛି । ଦ୍ୱିତୀୟରେ ଯେହେତୁ ଏହା ଭାରତକୁ ଖଣିଜଦ୍ରବ୍ୟ ସମୃଦ୍ଧ କେନ୍ଦ୍ର ଏସିଆ ସହିତ ଯୋଡୁଛି, ଏହାଦ୍ୱାରା ଆମ ଦେଶ ପ୍ରଭୂତ ଆର୍ଥିକ ଓ ବାଣିଜ୍ୟିକ ଲାଭ ପାଇବା ସହିତ ଦେଶରେ ନିଯୁକ୍ତି ସୁଯୋଗରେ ମଧ୍ୟ ବୃଦ୍ଧି ଘଟିବ । ତୃତୀୟରେ ପାକିସ୍ତାନର ଗ୍ୱାଦର ବନ୍ଦର, ଚାଇନାର ତତ୍ତ୍ୱାବଧାନରେ ଉନ୍ନତିକରଣ ହେଉଅଛି । ସେଥିପାଇଁ ଚାବାହାରର ଉନ୍ନତିକରଣ କରି, ଭାରତ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଚାଇନା ସହିତ ପ୍ରତିଯୋଗିତାକୁ ଓହ୍ଲାଇ ପାରିବ । ରଣନୀତି ଦୃଷ୍ଟିରୁ ଏହା ଅତ୍ୟନ୍ତ ଉପଯୋଗୀ । ଚତୁର୍ଥରେ ଯେହେତୁ ଏହି ବନ୍ଦର ଯୋଗୁଁ ଭାରତ ଓ ଇରାନ ମଧ୍ୟରେ ହର୍ମୁଜ୍‌କୁ ବାଦ ଦେଇ ଯୋଗାଯୋଗ ହୋଇପାରିବ, ଏହାଦ୍ୱାରା ଇରାନର ତୈଳ, ଗ୍ୟାସ୍ ଆଦି ସୁବିଧାରେ ଭାରତକୁ ଆସିପାରିବ । ଶକ୍ତି ଆମଦାନୀ ଦୃଷ୍ଟିରୁ ଭାରତ ଅନ୍ୟଦେଶମାନଙ୍କ ଅପେକ୍ଷା ସୁବିଧାଜନକ ସ୍ଥିତିରେ ରହିବ। ପଞ୍ଚମରେ 'ମାନବିକ ସହାୟତା' । ଏହି ବନ୍ଦର ଆଫ୍‌ଗାନିସ୍ତାନର ପୁନଃନିର୍ମାଣରେ ଯଥେଷ୍ଟ ସହାୟକ ହୋଇପାରିଛିଓ। କୋଭିଡ୍ ସମୟରେ ଭାରତ ୨.୫ ମିଲିଅନ୍ ଟନ୍ ଗହମ ଓ ଦୁଇହଜାର ଟନ୍ ଡାଲି, ଚାବାହାର ବନ୍ଦର ଦେଇ ଆଫଗାନିସ୍ତାନକୁ ରପ୍ତାନୀ କରିଛି । ୨୦୨୧ ମସିହାରେ ମଧ୍ୟ ଭାରତ ଏହି ବନ୍ଦର ମାଧ୍ୟମରେ ୪୦,୦୦୦ ଲିଟର କୀଟନାଶକ (ମାଲାଥିଅନ୍) ଇରାନକୁ ପଠାଇଛିଓ। ଷଷ୍ଠରେ ଆଞ୍ଚଳିକ ଯୋଗାଯୋଗ । ଆନ୍ତର୍ଜାତିକ ଉତ୍ତର-ଦକ୍ଷିଣ ପରିବହନ କରିଡର (ଆଇ.ଏନ.ଏସ.ଟି.ସି) ଅଞ୍ଚଳର ଚାବିକାଠି ହେଉଛି ଇରାନ୍ । ଉପରୋକ୍ତ କରିଡରଟି ୭୨୦୦ କିଲୋମିଟର ବ୍ୟାପୀ ଏକ ଅଞ୍ଚଳ ଯାହା ଜଳପଥ, ରେଳପଥ ଓ ସଡ଼କପଥ ଦ୍ୱାରା ପରିପୁଷ୍ଟ । ପରିବହନ ଓ ଗମନାଗମନ କ୍ଷେତ୍ରରେ 'ସୁଏଜ କେନାଲ'ର ବିକଳ୍ପ ଭାବେ ଏହାକୁ ପ୍ରତିଷ୍ଠା କରାଯାଇଥିଲା ୨୦୦୦ ମସିହାରେ । ଏହାଦ୍ୱାରା ଭାରତ, ଇରାନ, ଆଫଗାନିସ୍ତାନ, ଆର୍ମେନିଆ, ଆଜରବୈଜାନ୍, ରୁଷିଆ, କେନ୍ଦ୍ର ଏସିଆ ମଧ୍ୟରେ ସହଜରେ ଯୋଗାଯୋଗ ହୋଇପାରିବ । ଚାବାହାର ବନ୍ଦର ଯୋଗୁଁ ଭାରତ ଏହି କରିଡରର ମଧ୍ୟ ନିକଟବର୍ତ୍ତୀ ହୋଇପାରିବ ।

**ନିକଟ ଅତୀତରେ (ଅକ୍ଟୋବର ୨୯,୨୦୨୫)ରେ ଚାବାହାର ଦେଇ ଆଫଗାନିସ୍ତାନକୁ ଭାରତର ମାନବୀୟ ସହାୟତା (ଖାଦ୍ୟ, ଔଷଧ) ପ୍ରେରଣକୁ ଆଖିରେ ରଖି ଆମେରିକା ଛଅମାସ ପାଇଁ ଏହି ବନ୍ଦରର ବ୍ୟବହାର କଟକଣାକୁ କୋହଳ କରିଛି । ଛଅମାସର ଏହି ସମୟ ସୀମା ଏପ୍ରିଲ୍- ୨୬, ୨୦୨୬ ରେ ପୂର୍ଣ୍ଣ ହେଉଛି। ତେଣୁ ଭାରତ ତରଫରୁ କୂଟନୈତିକ ସ୍ତରରେ ଆମେରିକା ସହ କଥାବାର୍ତ୍ତା କରାଯାଉଛି, ଏ ସମୟସୀମାକୁ ବଢ଼ାଇବା ନିମନ୍ତେ । ଏହି ପ୍ରବନ୍ଧଟିର ଶେଷଭାଗ ଲେଖିଲା ବେଳକୁ 'ଇସ୍‌ଲାମାବାଦ'ରେ ମଧ୍ୟପ୍ରାଚ୍ୟ ସଙ୍କଟର ସମାଧାନ ପାଇଁ ଶାନ୍ତି ଆଲୋଚନା ବିଫଳ ହୋଇଛି । ତେଣୁ ମଧ୍ୟପ୍ରାଚ୍ୟ ସଙ୍କଟର ଫଳାଫଳ ହିଁ ସ୍ଥିର କରିବ ଭାରତର ଚାବାହାର ସ୍ୱପ୍ନର ଭବିଷ୍ୟତ ।**

ବର୍ତ୍ତମାନ ଭାରତ ପକ୍ଷରେ ଚାବାହାର ବନ୍ଦରର ପରିଚାଳନାରେ ସମସ୍ୟା କେଉଁଠି ଅଛି, ସେ ଦିଗକୁ ଯିବା । ଗ୍ୱାଦର ବନ୍ଦର ତୁଳନାରେ ଚାବାହାର କ୍ଷୁଦ୍ର ହୋଇଥିବାରୁ ଏହାକୁ ବ୍ୟବହାର ଉପଯୋଗୀ କରିବା ପାଇଁ ଯଥେଷ୍ଟ ପୁଞ୍ଜି ଓ ସମୟର ଆବଶ୍ୟକତା ରହିଛି । ଚାଇନା ପାକିସ୍ତାନ ଇକୋନୋମିକ୍ କରିଡର (ସି.ପି.ଇ.ସି)ଠାରୁ ମଧ୍ୟ ଚାବାହାର ପ୍ରକଳ୍ପ ଦୃଢ଼ ପ୍ରତିଦ୍ୱନ୍ଦିତାର ସମ୍ମୁଖୀନ ହେଉଅଛି ।

ଆଫଗାନିସ୍ତାନରୁ ଆମେରିକା ଏହାର ସୈନ୍ୟ ପ୍ରତ୍ୟାହାର କରିନେବା ପରେ, ପୁନର୍ବାର ତାଲିବାନୀମାନେ ଏହାକୁ ଅଧିକାର କରିନେଇଛନ୍ତି । ଆଫଗାନିସ୍ତାନର ଅସ୍ଥିର ରାଜନୀତିର ପ୍ରଭାବ ମଧ୍ୟ ଚାବାହାର ବନ୍ଦର ପକଳ୍ପକୁ ବିଳମ୍ବିତ କରୁଛି । ବର୍ତ୍ତମାନ ସମୟରେ ଇରାନ, ଚାଇନାର ନିକଟବର୍ତ୍ତୀ ହୋଇ, ଏହା ସହିତ ୨୫ବର୍ଷୀୟା ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରିଛି । ଏହାଦ୍ୱାରା ଭାରତ ଓ ଇରାନ ସମ୍ପର୍କ ପ୍ରଭାବିତ ହେଉଅଛି । ଭାରତ ମଧ୍ୟ ଉପରୋକ୍ତ ଚୁକ୍ତିକୁ ନେଇ ନିଜର ଚିନ୍ତା ପ୍ରକାଶ କରିଛି । ତେବେ ଚାବାହାର ପ୍ରସଙ୍ଗରେ ସବୁଠାରୁ ମୁଖ୍ୟ ବାଧା ସୃଷ୍ଟି ହେଉଛି ଯୁକ୍ତରାଷ୍ଟ୍ର ତରଫରୁ । ଇରାନର ବିବାଦୀୟ ପରମାଣୁ କାର୍ଯ୍ୟକ୍ରମ ପାଇଁ ଆମେରିକା ଏହା ଉପରେ ଆର୍ଥିକ କଟକଣା ମାନ ଲଗାଇଛି ଏବଂ ଏଥିରେ ଚାବାହାର ପ୍ରକଳ୍ପ ମଧ୍ୟ ଅନ୍ତର୍ଭୁକ୍ତ । ତେଣୁ ୨୦୨୬-୨୭ର ଭାରତର କେନ୍ଦ୍ରୀୟ ବଜେଟ୍‌ରେ, ଚାବାହାର ବନ୍ଦର ପାଇଁ କୌଣସି ଅର୍ଥର ବ୍ୟୟବରାଦ କରାଯାଇନାହିଁ, ଯେବେକି ପୂର୍ବ ବର୍ଷମାନଙ୍କରେ ପାଖାପାଖି ପାଞ୍ଚଶହ କୋଟି ଏହି ସକାଶେ ମଞ୍ଜୁର କରାଯାଇଥିଲା ।

ନିକଟ ଅତୀତରେ (ଅକ୍ଟୋବର ୨୯,୨୦୨୫)ରେ ଚାବାହାର ଦେଇ ଆଫଗାନିସ୍ତାନକୁ ଭାରତର ମାନବୀୟ ସହାୟତା (ଖାଦ୍ୟ, ଔଷଧ) ପ୍ରେରଣକୁ ଆଖିରେ ରଖି ଆମେରିକା ଛଅମାସ ପାଇଁ ଏହି ବନ୍ଦରର ବ୍ୟବହାର କଟକଣାକୁ କୋହଳ କରିଛି । ଛଅମାସର ଏହି ସମୟ ସୀମା ଏପ୍ରିଲ୍- ୨୬, ୨୦୨୬ ରେ ପୂର୍ଣ୍ଣ ହେଉଛି। ତେଣୁ ଭାରତ ତରଫରୁ କୂଟନୈତିକ ସ୍ତରରେ ଆମେରିକା ସହ କଥାବାର୍ତ୍ତା କରାଯାଉଛି, ଏ ସମୟସୀମାକୁ ବଢ଼ାଇବା ନିମନ୍ତେ । ଏହି ପ୍ରବନ୍ଧଟିର ଶେଷଭାଗ ଲେଖିଲା ବେଳକୁ 'ଇସ୍‌ଲାମାବାଦ'ରେ ମଧ୍ୟପ୍ରାଚ୍ୟ ସଙ୍କଟର ସମାଧାନ ପାଇଁ ଶାନ୍ତି ଆଲୋଚନା ବିଫଳ ହୋଇଛି । ତେଣୁ ମଧ୍ୟପ୍ରାଚ୍ୟ ସଙ୍କଟର ଫଳାଫଳ ହିଁ ସ୍ଥିର କରିବ ଭାରତର ଚାବାହାର ସ୍ୱପ୍ନର ଭବିଷ୍ୟତ ।

**ଓଡ଼ିଶା ସ୍ୱାସ୍ଥ୍ୟ ସେବା**
**ଭୁବନେଶ୍ୱର,ମୋ- ୮୧୪୪୦୪୨୯୯୭**

# ଓଡ଼ିଶାରେ ସିଭିଲ ସର୍ଭିସ ଦିବସ ୨୦୨୬ ପାଳିତ

ଭୁବନେଶ୍ୱର, (ସବ୍ୟ) : ଓଡ଼ିଶା ସରକାରଙ୍କ ପକ୍ଷରୁ "ସିଭିଲ ସର୍ଭିସ ଦିବସ ୨୦୨୬" , ଏପ୍ରିଲ ୨୧ ତାରିଖରେ ରାଜ୍ୟ ସମ୍ମିଳନୀ କେନ୍ଦ୍ର, ଲୋକସେବା ଭବନ, ଭୁବନେଶ୍ୱର ଠାରେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା । ଏହି ଅବସରରେ ସରକାରୀ କର୍ମଚାରୀମାନେ ସାର୍ବଜନୀନ ସେବା, ସୁଶାସନ ଓ ନାଗରିକ-କେନ୍ଦ୍ରିକ ପ୍ରଶାସନ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିଥିଲେ । ପ୍ରତିବର୍ଷ ଏପ୍ରିଲ ୨୧ ତାରିଖରେ ପାଳିତ ହେଉଥିବା ସିଭିଲ ସର୍ଭିସ ଦିବସ ସରକାରୀ କର୍ମଚାରୀମାନଙ୍କୁ ଦେଶ ଗଢ଼ିବା ଓ ଉତ୍କୃଷ୍ଟ ସାର୍ବଜନୀନ ସେବା ପ୍ରଦାନ ପ୍ରତି ପ୍ରତିବଦ୍ଧତା ପୁନଃ ଜାଗରିତ କରିବାର ଅବସର ଦେଇଥାଏ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ, ଓଡ଼ିଶା, ଶ୍ରୀମତୀ ଅନୁ ଗର୍ଗ ଯୋଗଦେଇ ଉଦବୋଧନ ଦେଇଥିଲେ । ସେ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ' ଯାତ୍ରାର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ । ସେ ଫଳାଫଳମୁଖୀ ଓ ନାଗରିକ କୈନ୍ଦ୍ରିକ ଶାସନ ପ୍ରଣାଳୀର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ, ଯାହା ଛଅଟି ମୁଖ୍ୟ ସିଦ୍ଧାନ୍ତ—ବ୍ୟାପକତା, ଗତି, ସମନ୍ୱୟ, ବ୍ୟବସ୍ଥାଗତ ଗଠନ,



ସରଳୀକରଣ ଓ ସ୍ଥାୟିତ୍ୱ ଉପରେ ଆଧାରିତ । ଏହି ଅବସରରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମୁଖ୍ୟ ଶାସନ ସଚିବ, ଡଃ. ଯୁଗଳ କିଶୋର ମହାପାତ୍ର, ତାଙ୍କ ବକ୍ତବ୍ୟ ମାଧ୍ୟମରେ ସହଯୋଗୀ ଶାସନର ନୂତନ ମଡେଲ୍ ଉପରେ ଆଲୋକପାତ କରି ମୂଲ୍ୟବାନ ପରାମର୍ଶ ଦେଇଥିଲ ।

ସ୍ୱାଗତ ଅଭିଭାଷଣରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶିକା । ଶ୍ରୀମତୀ ଚିତ୍ରା ଆରୁମୁଗମ, ଯୋଗଦେଇ ପରିବର୍ତ୍ତନଶୀଳ ଶାସନ ପରିପ୍ରେକ୍ଷୀରେ ସିଭିଲ୍ ସେବା ଅଧିକାରୀମାନଙ୍କର ବିକାଶଶୀଳ ଭୂମିକାକୁ ଉଲ୍ଲେଖ କରିଥିଲେ । ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ପ୍ରାୟ ୩୦୦ ଅଧିକାରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ମଧ୍ୟ ସିଧା ପ୍ରସାରଣ କରାଯାଇଥିଲା ।

# ଅର୍ଥନୀତିଜ୍ଞ ଶିବଦତ୍ତ ଦାସଙ୍କୁ ଗ୍ଲୋବାଲ ପ୍ରେସିଡେଣ୍ଟ ଭାବରେ ନିଯୁକ୍ତ କଲା ଆଇସିସିସିଡି

ଭୁବନେଶ୍ୱର, (ସବ୍ୟ) : ଇଣ୍ଡୋ କ୍ୟାରିବିଆନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଡେଭେଲପମେଣ୍ଟ (ଆଇସିସିସିଡି) ବିଶିଷ୍ଟ ଅର୍ଥନୀତିଜ୍ଞ ଶିବଦତ୍ତ ଦାସଙ୍କୁ ଏହାର ନୂତନ ଗ୍ଲୋବାଲ୍ ପ୍ରେସିଡେଣ୍ଟ ଭାବରେ ନିଯୁକ୍ତ କରିଛି । ଏହି ରଣକୌଶଳାତ୍ମକ ନେତୃତ୍ୱଗତ ପ୍ରୟାସ ଇଣ୍ଡୋ- କ୍ୟାରିବିଆନ୍ ସମୁଦାୟ ଏବଂ ବୈଶ୍ୱିକ ବଜାର ମଧ୍ୟରେ ଅର୍ଥନୈତିକ ସମ୍ପର୍କକୁ ସୁଦୃଢ଼ କରିବା, ବାଣିଜ୍ୟ, ପୁଞ୍ଜିନିବେଶ ଏବଂ ଦୀର୍ଘସ୍ଥାୟୀ ବିକାଶକୁ ଆଗେଇନେବା ଲକ୍ଷ୍ୟ ରଖିଛି । ଶିବଦତ୍ତ ଦାସଙ୍କର ଅର୍ଥନୈତିକ, ଭିତ୍ତିଭୂମି ଅର୍ଥଲଗାଣ ଏବଂ ଆନ୍ତର୍ଜାତିକ ବ୍ୟବସାୟ କ୍ଷେତ୍ରରେ ବ୍ୟାପକ ବିଶେଷ ଜ୍ଞାନ ରହିଛି ଏବଂ ତାଙ୍କର କ୍ୟାରିୟର, ଭାରତ, ଜାପାନ, ଏମ୍‌ଇଏ, କାତାର ଏବଂ ସମୁଦାୟ କ୍ୟାରିବିଆନ୍ ଅଞ୍ଚଳରେ ପରିବ୍ୟାପ୍ତ ରହିଆସିଛି । ତାଙ୍କ ମାର୍ଗଦର୍ଶନ ଅଧୀନରେ



ଆଇସିସିସିଡି ସରକାରୀ-ଘରୋଇ ଅଂଶୀଦାର ବ୍ୟବସ୍ଥା, ସାଂସ୍କୃତିକ-ଅର୍ଥନୈତିକ ପ୍ରୟାସସମୂହ ଏବଂ ପ୍ରବାସୀ ବ୍ୟବସାୟୀଙ୍କ ନିମନ୍ତେ ସୁଯୋଗକୁ ଅଗ୍ରାଧିକାର ଦେବ ।

## ଜେଇଇ (ମେନ୍) ୨୦୨୬ ଚୂଡ଼ାନ୍ତ ପରୀକ୍ଷାଫଳ

# ଡିଏଭି ଚନ୍ଦ୍ରଶେଖରପୁରର ସଫଳତା





ଭୁବନେଶ୍ୱର, (ସବ୍ୟ) : ଏନ୍‌ଟିଏ ଦ୍ୱାରା ପରିଚାଳିତ ସର୍ବଭାରତୀୟ ଜେଇଇ(ମେନ୍) ସେସନ-୨ ତଥା ଚୂଡ଼ାନ୍ତ ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ଡିଏଭି ପବ୍ଲିକ୍ ସ୍କୁଲ୍, ଚନ୍ଦ୍ରଶେଖରପୁରରୁ ସର୍ବାଧିକ ୧୧୯ ଜଣ ବିଦ୍ୟାର୍ଥୀ ଜେଇଇ ଆଡ୍‌ଭାନ୍‌ସଡ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତନ୍ମଧ୍ୟରୁ ଶାକ୍ୟସିଂହ ପାତ୍ର ୯୯.୯୮୯, ସ୍ଥିତପ୍ରଜ୍ଞ କର ୯୯.୯୩୨ ଏବଂ ସାଇପ୍ରସାଦ ମିଶ୍ର ୯୯.୯୨୮ ପର୍ସେଣ୍ଟାଇଲ୍ ସହ ବିଦ୍ୟାଳୟର ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି । ସମୁଦାୟ ୨୪ଜଣ ଛାତ୍ରଛାତ୍ରୀ ୯୯ରୁ ଉର୍ଦ୍ଧ୍ୱ ପର୍ସେଣ୍ଟାଇଲ୍, ୪୫ଜଣ ୯୮ରୁ ଅଧିକ ପର୍ସେଣ୍ଟାଇଲ୍, ୫୭ଜଣ ୯୭ରୁ ବେଶି ପର୍ସେଣ୍ଟାଇଲ୍, ୬୮ଜଣ ୯୬ରୁ ଉର୍ଦ୍ଧ୍ୱ ଓ ୮୩ଜଣ ୯୫ରୁ ଅଧିକ ପର୍ସେଣ୍ଟାଇଲ୍ ସ୍କୋର କରିଛନ୍ତି । ଆଶୁତୋଷ ଆଚାର୍ଯ୍ୟ ୯୯.୮୬୦, ଅର୍ଜୁନ ମହାନ୍ତି ୯୯.୮୩୮, ଆୟୁଷ ଗୁପ୍ତା ୯୯.୭୧୦, ଅଭିଲାଷା ପଣ୍ଡା ୯୯.୬୮୭, ବୈଭବ କୁମାର ଦାଶ ୯୯.୬୮୫, ଦେବୀଦତ୍ତ ପଣ୍ଡା ୯୯.୫୯୦, ଅର୍ପିତ ବେହେରା ୯୯.୫୬୩ ପ୍ରମୁଖ ମେଧାତାଲିକାର ଶୀର୍ଷସ୍ଥାନ ମଣ୍ଡନ କରିଛନ୍ତି । ପୂର୍ବବର୍ଷମାନଙ୍କ ପରି ଚଳିତବର୍ଷ ମଧ୍ୟ ଏହି ସମ୍ମାନଜନକ ପରୀକ୍ଷାରେ ରେକର୍ଡ ସଂଖ୍ୟକ ସାଫଲ୍ୟ ହାସଲକାରୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିନନ୍ଦନ ଜଣାଇବା ସହ ପରବର୍ତ୍ତୀ ପର୍ଯ୍ୟାୟ ନିମନ୍ତେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# କିମ୍‌ସରେ ବିରଳ ଅସ୍ତ୍ରୋପଚାର : ସଳଖିଲା ବଙ୍କା ମେରୁଦଣ୍ଡ

ଭୁବନେଶ୍ୱର, (ସବ୍ୟ) : ମୁଣ୍ଡ ସବୁବେଳେ ତଳକୁ ନଇଁଲା ଭଳି ରହୁଥିଲା, ଉପରକୁ ଚାହିଁ ପାରୁ ନ ଥିଲେ, ଠିକ ଭାବେ ଖାଇ ପାରୁ ନ ଥିଲେ କି ଶୋଇ ପାରୁନଥିଲେ । ଏବେ କିମ୍‌ସ ତାଙ୍କୁ ଦେଇଛି ନୂଆ ଜୀବନ । ଚିକିତ୍ସା ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଓଡ଼ିଶାର କିମସ ହସ୍ପିଟାଲର ଡାକ୍ତରଙ୍କ ଅକ୍ଲାନ୍ତ ପରିଶ୍ରମ ଫଳରେ ନୂଆ ଜୀବନ ପାଇଛନ୍ତି ତ୍ରିଶୁଳିଆ ଅଞ୍ଚଳର ସୁଜିତ ନାୟକ । ସୁଜିତଙ୍କଠାରେ ହୋଇଥିବା ବିରଳ ଓ ଜଟିଳ ମେରୁଦଣ୍ଡ ଅସ୍ତ୍ରୋପଚାର ସଫଳ ହୋଇଛି । ଭାରତର ଅଳ୍ପ କେତେକ ଉଚ୍ଚସ୍ତରୀୟ ହସ୍‌ପିଟାଲରେ ସମ୍ଭବ ହେଉଥିବା ଏ ପ୍ରକାର ଅସ୍ତ୍ରୋପଚାର ଏବେ ଭୁବନେଶ୍ୱରର କିମସରେ ସମ୍ଭବ ହୋଇପାରିଛି । ସୂଚନା ଯୋଗ୍ୟ, କଟକ ଜିଲ୍ଲା ତ୍ରିଶୁଳିଆ ଅଞ୍ଚଳର ସୁଜିତ ନାୟକ ପୂର୍ବରୁ ଆଙ୍କିଲୋଜିଂ ସ୍ପଣ୍ଡିଲାଇଟିସ୍ ନାମକ ଜଟିଳ ରୋଗରେ



ପୀଡ଼ିତ ଥିଲେ । ପରେ ଏକ ଦୁର୍ଘଟଣାରେ ତାଙ୍କର ବେକ ଓ ପିଠି ହାଡ଼ ମଧ୍ୟରେ ଗୁରୁତର ଆଘାତ ଲାଗିଥିଲା । ଫଳରେ ତାଙ୍କ ମୁଣ୍ଡ ସବୁବେଳେ ନଇଁଲା ଭଳି ଅବସ୍ଥାରେ ରହୁଥିଲା । ସେ ଉପରକୁ ଚାହିଁ ପାରୁନଥିଲେ, ଠିକ ଭାବେ ଖାଇ ପାରୁନଥିଲେ, ଶୋଇବା ମଧ୍ୟ କଷ୍ଟକର ହୋଇପଡ଼ିଥିଲା । ଆର୍ଥିକ ଅସୁବିଧା କାରଣରୁ ରାଜ୍ୟ ବାହାରେ ଚିକିତ୍ସା ସମ୍ଭବ ହୋଇନଥିଲା । ପରେ ବନ୍ଧୁମାନଙ୍କ ପରାମର୍ଶରେ ସେ କିମ୍‌ସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ହସ୍ପିଟାଲର ବରିଷ୍ଠ ସ୍ପାଇନ୍ ସର୍ଜନ ଡା ଜିତେନ୍ଦ୍ର କୁମାର ରାଉତ ଏହାକୁ ପରୀକ୍ଷା ନିରୀକ୍ଷା କରିବା ପରେ ଅସ୍ତ୍ରୋପଚାର କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହା ଅତ୍ୟନ୍ତ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲେ ମଧ୍ୟ ଡା ରାଉତ ତାହା ସଫଳତାର ସହ ସମ୍ପନ୍ନ କରିଥିଲେ । ଡା ରାଉତଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଦୀର୍ଘ ୮ ଘଣ୍ଟା ଧରି ପରିଶ୍ରମ କରି ଅସ୍ତ୍ରୋପଚାରକୁ ସଫଳ କରିଥିଲେ । ଅସ୍ତ୍ରୋପଚାର ପରେ ସୁଜିତ ନାୟକ ଏବେ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି । ସେ ସିଧା ହୋଇ ବସିପାରୁଛନ୍ତି, ମୁଣ୍ଡ ଉଠାଇ ସବୁଦିଗ ଦେଖିପାରୁଛନ୍ତି ଏବଂ ଠିକ ଭାବେ ଖାଇପାରୁଛନ୍ତି । ଏହି ଅସ୍ତ୍ରୋପଚାର ପାଇଁ ସୁଜିତ କିମସର ଡାକ୍ତର ଓ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏକ ଅତ୍ୟନ୍ତ ଜଟିଳ ମେରୁଦଣ୍ଡ ଅସ୍ତ୍ରୋପଚାର ଥିଲେ ମଧ୍ୟ କିମ୍‌ସ ଉପଲବ୍ଧ ଅତ୍ୟାଧୁନିକ ଯନ୍ତ୍ରପାତି, ଚିକିତ୍ସା ପଦ୍ଧତି ଓ ଡାକ୍ତରୀଦଳର ଟିମ୍‌ୱାର୍କ ଯୋଗୁଁ ଅସ୍ତ୍ରୋପଚାର ସଫଳ ହୋଇପାରିଥିଲା ବୋଲି ଡା. ରାଉତ ପ୍ରକାଶ କରିଛନ୍ତି । ଏହି ସଫଳତାରେ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉକ୍ତ ରୋଗୀଙ୍କ ଆରୋଗ୍ୟ କାମନା କରିବା ସହ ଏହି ଅସ୍ତ୍ରୋପଚାରରେ ସମ୍ପୃକ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇଛନ୍ତି ।

# ଜେଏସ୍‌ଡବ୍ଲୁ ଷ୍ଟିଲ୍ ଦ୍ୱାରା ଅଗ୍ନି ନିରାପତ୍ତା ମକ୍ ଡ୍ରିଲ୍

ବଡବିଲ, (ସବ୍ୟ) : ଜେଏସଡବ୍ଲୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗ ଏହାର ଖଣି କାର୍ଯ୍ୟକ୍ଷମ ସ୍ଥାନରେ କାର୍ଯ୍ୟକ୍ଷେତ୍ର ସୁରକ୍ଷା ଏବଂ ଜରୁରୀକାଳୀନ ପ୍ରସ୍ତୁତି ପାଇଁ ଏକ ବ୍ୟାପକ ଅଗ୍ନି-ନିରପତ୍ତା ମକ୍ ଡ୍ରିଲ୍ ଆୟୋଜନ କରିଥିଲା । ଜାତୀୟ ଅଗ୍ନି ସେବା ସପ୍ତାହ ପାଳନ ପାଇଁ ଆୟୋଜିତ ଅନ୍ୟାନ୍ୟ କାର୍ଯ୍ୟକଳାପର ଏକ ଅଂଶ ଥିଲା ଏହି ମକ୍ ଡ୍ରିଲ୍ ।

ଏହି ଅଭ୍ୟାସଗୁଡ଼ିକର ଲକ୍ଷ୍ୟ ଥିଲା ଯେ ପ୍ରତ୍ୟେକ କର୍ମଚାରୀ ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ଶୀଘ୍ର ଏବଂ ପ୍ରଭାବଶାଳୀ ଭାବରେ ପ୍ରତିକ୍ରିୟା ଦେବାକୁ ପ୍ରସ୍ତୁତ ରହିପାରିବେ । ଏହି ଅଭ୍ୟାସଟି ନିର୍ବାପନ ପ୍ରକ୍ରିୟାର ଦକ୍ଷତା, ଅଗ୍ନି ନିର୍ବାପନ ଉପକରଣର ପ୍ରସ୍ତୁତି ଏବଂ ଏକ ସିମୁଲେଟେଡ୍ ଅଗ୍ନି ଜରୁରୀକାଳୀନ ସମୟରେ କର୍ମଚାରୀମାନଙ୍କ ମଧ୍ୟରେ



ସମନ୍ୱୟ ମୂଲ୍ୟାଙ୍କନ କରିବା ପାଇଁ ଡିଜାଇନ୍ କରାଯାଇଥିଲା । ଡ୍ରିଲ୍ ଅଗ୍ନି ଆଲାର୍ମ ସକ୍ରିୟ କରିବା ସହିତ ଆରମ୍ଭ ହୋଇଥିଲା, ତାପରେ କର୍ମଚାରୀମାନଙ୍କୁ ନିର୍ଦ୍ଧାରିତ ସ୍ଥାନରୁ ତୁରନ୍ତ ସ୍ଥାନାନ୍ତର କରାଯାଇଥିଲା । ଅଗ୍ନି ନିର୍ବାପନ ଦଳ ହାଇଡ୍ରାଣ୍ଟ ଏବଂ ନିର୍ବାପନ ଯନ୍ତ୍ରର ବ୍ୟବହାର ପ୍ରଦର୍ଶନ କରିଥିଲେ ଏବଂ ସୁରକ୍ଷା ଅଧିକାରୀମାନେ ପ୍ରତିକ୍ରିୟା ସମୟ ଏବଂ ପ୍ରତିଷ୍ଠିତ ପ୍ରୋଟୋକଲ୍ ପାଳନକୁ କଡ଼ାକଡ଼ି ଭାବରେ ନିରୀକ୍ଷଣ କରିଥିଲେ । ପର୍ଯ୍ୟବେକ୍ଷକମାନେ କର୍ମଚାରୀମାନଙ୍କ ମଧ୍ୟରେ ପ୍ରଶଂସନୀୟ ଅଂଶଗ୍ରହଣ ଏବଂ ଶୃଙ୍ଖଳା ଉଲ୍ଲେଖ କରିଥିଲେ । କମ୍ପାନୀର ସୁରକ୍ଷା ବିଭାଗ ଗୁରୁତ୍ୱାରୋପ କରିଥିଲା ଯେ ସଚେତନତା ଏବଂ ପ୍ରସ୍ତୁତି ବୃଦ୍ଧି କରିବା ପାଇଁ ନିୟମିତ ଅଗ୍ନି ନିରାପତ୍ତା ତାଲିମ ଅଧିବେଶନ କରାଯାଉଛି । ଏପର୍ଯ୍ୟନ୍ତ, ଜେଏସଡବ୍ଲୁ ଷ୍ଟିଲର ଅଧିକାରୀ, ଆଇଟିଏମଏସ୍ କର୍ମଚାରୀ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମେତ ୨,୧୩୧ କର୍ମଚାରୀଙ୍କ ଅଂଶଗ୍ରହଣରେ ୫୪ଟି ତାଲିମ ଅଧିବେଶନ ଆୟୋଜନ କରାଯାଇଛି ।ଏହି କାର୍ଯ୍ୟକ୍ରମ ସୁରକ୍ଷା ଦଳ ଦ୍ୱାରା ସଫଳତାର ସହିତ ସମ୍ପାଦିତ ହୋଇଥିଲା ।

# ରାତି ଅଧରେ ଘରେ ପଶି ଲୁଟ : ୨ ଗିରଫ

ଜଟଣୀ : ଜଟଣୀ ଥାନା ଅନ୍ତର୍ଗତ ଦେଉଳବସ୍ତ ଗ୍ରାମରେ ଗତ ୭ ତାରିଖ ମଧ୍ୟରାତ୍ରି ପ୍ରାୟ ୦୨:୩୦ ସମୟରେ କିଛି ଅଜଣା ଅପରାଧୀ ଅଭିଯୋଗକାରୀ ଦେବାଶିଷ ରାୟ (୩୭)ଙ୍କ ଘରର ପଛ ପାର୍ଶ୍ୱର



କବାଟ ଭାଙ୍ଗି ଭିତରକୁ ପ୍ରବେଶ କରି ନଗଦ ୧୫,୦୦୦/- ଟଙ୍କା, ସୁନା ଅଳଙ୍କାର, ମୋବାଇଲ୍ ଫୋନ୍ ଏବଂ ଏଟିଏମ୍ କାର୍ଡ ଲୁଟ କରିଥିଲେ । ଘଟଣା ସମୟରେ ଅଭିଯୁକ୍ତମାନେ ଅଭିଯୋଗକାରୀ ଏବଂ ତାଙ୍କ ପିତାଙ୍କୁ ଆକ୍ରମଣ କରିଥିଲେ । ଏ ନେଇ ଶ୍ରୀ ରାୟଙ୍କ ଲିଖିତ ରିପୋର୍ଟ ଆଧାରରେ ଉପରୋକ୍ତ ୧୨୬/୨୬ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ତଦନ୍ତ ସମୟରେ ନିକଟବର୍ତ୍ତୀ ବେଣା ପଞ୍ଜୁରୀ ଗ୍ରାମର ଅଭିଯୁକ୍ତ ଅବଜାନ ଖାନ(୨୫) ଏବଂ ଅମିରୁଦ୍ଦିନ ଖାନ(୩୦)ଙ୍କ ସମ୍ପୃକ୍ତି ପ୍ରକାଶ ପାଇଥିଲା । ପରବର୍ତ୍ତୀ ସମୟରେ ସେମାନଙ୍କୁ ଗିରଫ କରାଯାଇଥିଲା ଏବଂ ପଚରାଉଚରା ସମୟରେ ସେମାନେ ନିଜ ଦୋଷ ସ୍ୱୀକାର କରିଥିବା ସହ ଅପରାଧରେ ସେମାନଙ୍କ ସହଯୋଗୀମାନଙ୍କ ସମ୍ପୃକ୍ତି ସମ୍ବନ୍ଧରେ ମଧ୍ୟ ପ୍ରକାଶ କରିଥିଲେ । ବୁଧବାର ଆଇନଅନୁଯାୟୀ ଉଭୟ ଡକାୟତଙ୍କୁ କୋର୍ଟକୁ ଚାଲାଣ କରାଯାଇଛି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

## ବେଦାନ୍ତ ମଇ ୧ ତାରିଖକୁ ଡିମର୍ଜର ପାଇଁ ରେକର୍ଡ ତାରିଖ ଭାବରେ

# ସ୍ଥିର କରିବା ସହିତ ସେୟାର ଆବଣ୍ଟନ ବିବରଣୀ ମଧ୍ୟ ଘୋଷଣା କରିଛି

ଭୁବନେଶ୍ୱର, (ସବ୍ୟ) : ବେଦାନ୍ତ ଲିମିଟେଡ୍ ଘୋଷଣା କରିଛି ଯେ ଏହାର ନିର୍ଦ୍ଦେଶକ ବୋର୍ଡ ଏହାର ପୂର୍ବରୁ ଘୋଷିତ କମ୍ପୋଜିଟ୍ ବ୍ୟବସ୍ଥା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରମୁଖ ପଦକ୍ଷେପଗୁଡ଼ିକୁ ଅନୁମୋଦନ କରିଛି, ଯାହା କମ୍ପାନୀର ଚାଲୁଥିବା ରଣନୈତିକ ପୁନର୍ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଡିମର୍ଜର ଅଧୀନରେ ପରିଣାମସ୍ୱରୂପ ସଂସ୍ଥାଗୁଡ଼ିକରେ ସେୟାର ପାଇବା ପାଇଁ ଯୋଗ୍ୟ ଅଂଶୀଦାରମାନଙ୍କୁ ନିର୍ଣ୍ଣୟ କରିବା ପାଇଁ ବୋର୍ଡ ମେ ୧, ୨୦୨୬କୁ ଡିମର୍ଜର ପାଇଁ ପ୍ରଭାବୀ ତାରିଖ ଏବଂ ରେକର୍ଡ ତାରିଖ ଭାବରେ ସ୍ଥିର କରିଛି । ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଏହି ଡିମର୍ଜର କ୍ଷେତ୍ର କେନ୍ଦ୍ରିତ ସ୍ୱାଧୀନ ବ୍ୟବସାୟ ସହିତ ବେଦାନ୍ତର କର୍ପୋରେଟ୍ ଗଠନକୁ ସରଳ କରିବାରେ ସାହାଯ୍ୟ କରିବ ଏବଂ ସାର୍ବଭୌମ ସମ୍ପତି ପାଣ୍ଠି, ଖୁଚୁରା ନିବେଶକ ଏବଂ ରଣନୈତିକ ନିବେଶକଙ୍କ ସମେତ ବିଶ୍ୱ ନିବେଶକମାନଙ୍କୁ ସୁଯୋଗ ପ୍ରଦାନ କରିବ, ବେଦାନ୍ତର ବିଶ୍ୱସ୍ତରୀୟ ସମ୍ପତି ମାଧ୍ୟମରେ ଭାରତର ଉଲ୍ଲେଖନୀୟ ଅଭିବୃଦ୍ଧି କାହାଣୀ ସହିତ ଜଡିତ ଉତ୍ସର୍ଗୀକୃତ ପ୍ୟୁର-ପ୍ଲେ କମ୍ପାନୀଗୁଡ଼ିକରେ ସିଧାସଳଖ ନିବେଶ ସୁଯୋଗ ପ୍ରଦାନ କରିବ । ଏହା ବ୍ୟକ୍ତିଗତ ୟୁନିଟଗୁଡ଼ିକୁ ଅଧିକ ମୁକ୍ତ ଭାବରେ ରଣନୈତିକ ଏଜେଣ୍ଡା ଅନୁସରଣ କରିବା ଏବଂ ଗ୍ରାହକ, ନିବେଶ ଚକ୍ର ଏବଂ ଶେଷ ବଜାର ସହିତ ଭଲ ଭାବରେ ସମନ୍ୱିତ ହେବା ପାଇଁ ଏକ ପ୍ଲାଟଫର୍ମ ମଧ୍ୟ ପ୍ରଦାନ କରିବ ।

# ନୂତନ ଲକ୍ସୁରୀ ପର୍ଫ୍ୟୁମ୍ ବ୍ରାଣ୍ଡ ଦ ମିଷ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟ) : ଏକ ନୂତନ ଲକ୍ସୁରୀ ପର୍ଫ୍ୟୁମ୍ ବ୍ରାଣ୍ଡ ଦ ମିଷ୍ଟ ଲୋକାର୍ପିତ ହୋଇଛି । ଓଲିଉଡ଼ ଅଭିନେତ୍ରୀ ଭୂମିକା ଦାସ ଏହାର ଲୋକର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପର୍ଫ୍ୟୁମ୍ ବ୍ରାଣ୍ଡ ଦ ମିଷ୍ଟକୁ ଲୋକାର୍ପିତ କରିଛନ୍ତି । ଏହି ବ୍ରାଣ୍ଡର ବିଶେଷତା ହେଉଛି ଏଥିରେ ସ୍ୱିସ୍ ଉତ୍ପତ୍ତିର ଉଚ୍ଚ ଗୁଣସ୍ତରୀୟ ତେଲ ବ୍ୟବହୃତ ହୋଇଛି । ଏହା ସହିତ ଡିପିଜି ଆଲକୋହଲ୍ ବ୍ୟବହାର କରାଯାଇଛି, ଯାହା ଚର୍ମ ପାଇଁ ସୁରକ୍ଷିତ । ଏଥିରେ ମେଥାନଲ୍ ଆଧାରିତ ଆଲକୋହଲ୍ ବ୍ୟବହାର କରାଯାଇନଥିବାରୁ ଏହା ଚର୍ମକୁ କୌଣସି କ୍ଷତି କରେନାହିଁ । କୀର୍ତ୍ତି ଚୌରାସିଆ, ଅଭିଶେକ ଚୌରାସିଆ ଓ ବବିତା ଚୌରାସିଆଙ୍କ ମିଳିତ ଉଦ୍ୟମରେ ଏହି ଲକ୍ସୁରୀ ପର୍ଫ୍ୟୁମ୍ ବ୍ରାଣ୍ଡ ଆଗାମୀ ଦିନରେ ଦେଶ ବିଦେଶରେ ନିଜର ଛାପ ଛାଡ଼ିବ ବୋଲି ଆଶା । ଦ ମିଷ୍ଟ* ପର୍ଫ୍ୟୁମରେ ୩୦% ଅଏଲ୍ କନସେନଟ୍ରେସନ୍ ରହିଥିବାରୁ ଏହା ଅଧିକ ବାଷ୍ପଯୁକ୍ତ ଶ୍ରେଣୀରେ ଅନ୍ତର୍ଭୁକ୍ତ




। ତେଣୁ ଦ ମିଷ୍ଟ ସାଧାରଣ ପର୍ଫ୍ୟୁମ୍ ଠାରୁ ୨ ରୁ ୩ ଗୁଣା ଅଧିକ ଘନତାଯୁକ୍ତ ହୋଇଥିବାରୁ ଏହାର ସୁଗନ୍ଧ ୮ ରୁ ୧୨ ଘଣ୍ଟା ପର୍ଯ୍ୟନ୍ତ ଅବିକଳ ରହିଥାଏ ।

# ଟ୍ରେନରୁ ଖସି ଯୁବକ ମୃତ

ନୂଆଗାଁ , (ସବ୍ୟ) : ନୟାଗଡ ଜିଲା ନୂଆଗାଁ ଥାନା ଆଛୁପଡା ନିକଟବର୍ତ୍ତୀ ସ୍ଥାନରେ ବୁଧବାର ଟ୍ରେନରୁ ଖସିପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ପରିଚୟ ମିଳିପାରିନାହିଁ । ମିଳିଥିବା ସୂଚନା ମୁତାବକ ସକାଳ ୬ଟା ବେଳେ ଦଶପଲ୍ଲାରୁ ଭୁବନେଶ୍ୱର ଯାଉଥିବା ଟ୍ରେନରେ ଯୁବକ ଜଣଙ୍କ ଯାଉଥିଲେ । ତେବେ ଆଛୁପଡା ନିକଟରେ ଟ୍ରେନରୁ ଖସି ପଡିବାରୁ ଯୁବକ ଜଣଙ୍କ ଗଡି ଗଡି ଆସି ତଳେ ପଡ଼ିଥିଲେ ।

# ସନ୍‌ଶ୍ରିଷ୍ଟିର ୨୧ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, (ସବ୍ୟ) : ନାଗରିକ ସମାଜ ସଂଗଠନ ସନଶ୍ରିଷ୍ଟିର ୨୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ବୁଧମନ୍ଦିର ସମ୍ମିଳନୀ ପକ୍ଷରେ ଆୟୋଜିତ ଏହି ଉତ୍ସବରେ ଏହାର ପ୍ରତିଷ୍ଠାତା ସଦସ୍ୟ ଡ. ଅମ୍ରିତା ପଟେଲଙ୍କ ସ୍ମୃତିରେ ଶ୍ରୀମତୀ ସ୍ୱାଇଁ ସରକାରଙ୍କ ଦଶନ୍ଧି ଧରି ପ୍ରୟାସ ସତ୍ତ୍ୱେ ମହିଳା ଏବଂ କନ୍ୟା ସନ୍ତାନ ମାନେ କିପରି ଭେଦଭାବ, ନିର୍ଯାତନା ଏବଂ ସୀମାନ୍ତିକରଣର ଶିକାର ହେଉଛନ୍ତି ତାହା ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ପ୍ରଫେସର



ଅମ୍ରିତା ସ୍ମାରକୀ ବକ୍ତୃତା ପ୍ରଖ୍ୟାତ ସମାଜ ବିଜ୍ଞାନୀ ପ୍ରଫେସର କଳ୍ପନା କନ୍ନବିରନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମଟି ବିଶିଷ୍ଟ ସାମାଜିକ କର୍ମୀ ପ୍ରମିଳା ସ୍ୱାଇଁ ଉଦ୍‌ଘାଟନ କରଥିଲେ । ସଂଗଠନର ସମ୍ପାଦକ ଡ. ଲେଲିନ୍ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ସଭାପତି ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ସଭାରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି କଳ୍ପନା କନ୍ନବିରନ ସମ୍ବିଧାନ ଅନୁଯାୟୀ ମହିଳା ସମାନତା ବିଷୟରେ ବିତର୍କ କିପରି ବିକଶିତ ହେଉଛି ତାହା ଆଲୋଚନା କରିଥିଲେ । ଆଶା ହଂସ, ବିଶାଖା ଭଞ୍ଜ , ମଧୁମିତା ଦାସ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କର ବକ୍ତବ୍ୟ ପରେ ବୈଠକ ସମାପ୍ତି ହୋଇଥିଲା । ଶେଷରେ ସ୍ୱପ୍ନା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# କଟକରେ ମଣିପାଲ ହସ୍ପିଟାଲର ନୂତନ ମଲ୍ଟି-ସ୍ପେସିଆଲିଟି କ୍ଲିନିକ୍ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟ) : କଟକ - ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ କଟକ ଠାରେ ମଣିପାଲ ହସ୍ପିଟାଲର ଏକ ଉନ୍ନତମାନର କ୍ଲିନିକ୍ ଉଦ୍‌ଘାଟନ କରାଯାଇଛି । ଯାହା ଫଳରେ କଟକ ଓ ଏହାର ଆଖପାଖ ଜିଲ୍ଲାର ଲୋକଙ୍କୁ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଆଉ ଦୂରକୁ ଯିବାକୁ ପଡ଼ିବ ନାହିଁ ଏବଂ ସଠିକ୍ ସମୟରେ ଉତ୍ତମ ଚିକିତ୍ସା ସୁବିଧା ସେମାନେ କଟକରେ ପାଇପାରିବେ । କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କ୍ଲିନିକକୁ ଉଦଘାଟନ କରିଥିଲେ । ଏହି ଅବସରରେ ମଣିପାଲ ହସ୍ପିଟାଲରେ କ୍ଲଷ୍ଟର ଡାଇରେକ୍ଟର (ଦକ୍ଷିଣ-ପୂର୍ବ) ଡାକ୍ତର ଶକ୍ତିମୟ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ବରିଷ୍ଠ ଚିକିତ୍ସକମାନେ ଉପସ୍ଥିତ ଥିଲେ । କଟକ ସିଡିଏ ସେକ୍ଟର-୯ ଠାରେ



ଅବସ୍ଥିତ ଏହି କ୍ଲିନିକକୁ ଅତ୍ୟାଧୁନିକ ଢଙ୍ଗରେ ପ୍ରସ୍ତୁତ କରାଯାଇଛି । ଏଠାରେ ସାଧାରଣ ଜନତା ମଣିପାଲ ହସ୍ପିଟାଲର ଡାକ୍ତରଙ୍କ ପରାମର୍ଶ , ରୋଗ ପ୍ରତିରୋଧକ ସ୍ୱାସ୍ଥ୍ୟସେବା , ସମସ୍ତ ପ୍ରକାର ଡାକ୍ତରୀ ପରୀକ୍ଷା ସୁବିଧା ଉପଲବ୍ଧ । ଏହା ସହିତ ଭୁବନେଶ୍ୱର ସ୍ଥିତ ମଣିପାଲ ହସ୍ପିଟାଲ୍ ସହ ସିଧାସଳଖ ସମନ୍ୱୟ ରଖାଯାଇ ଜଟିଳ ରୋଗର ପାଇଁ ଚିକିତ୍ସା ପାଇଁ ସୁବିଧା ଯୋଗାଇ ଦିଆଯିବ । ସୋମବାରରୁ ଶନିବାର, ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏହି କ୍ଲିନିକ୍ ଖୋଲା ରହିବ । ଏହି କ୍ଲିନିକରେ ସ୍ନାୟୁରୋଗ, ହୃଦରୋଗ, ପେଟ ଓ ଯକୃତ ରୋଗ, ଶିଶୁ ରୋଗ, କର୍କଟ ରୋଗ, ଅସ୍ଥିଶଲ୍ୟ ଓ ମେରୁଦଣ୍ଡ ସର୍ଜରୀ, ସାଧାରଣ ଅସ୍ତ୍ରୋପଚାର, ସ୍ତ୍ରୀ ଓ ପ୍ରସୂତି ରୋଗ, ଇଏନଟି, ଏଣ୍ଡୋକ୍ରିନୋଲୋଜି ଏବଂ ଭ୍ରୂଣ ଚିକିତ୍ସା ଭଳି ୧୦ରୁ ଅଧିକ ବିଶେଷ ବିଭାଗରେ ୩୦ରୁ ଅଧିକ ଅଭିଜ୍ଞ ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଦେବେ ।

# ମା' ତାରେଣୀଙ୍କ ଚତୁର୍ଥ ଜନ୍ମବାର୍ଷିକୀ ଉତ୍ସବ

ଭୁବନେଶ୍ୱର, (ସବ୍ୟ) : ମା' ତାରେଣୀ ·ରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ୟୁନିଟ୍-୩ ସ୍ଥିତ ଖାରବେଳ ନଗର ଅଞ୍ଚଳରେ ଥିବା ମା' ତାରେଣୀଙ୍କର ଚତୁର୍ଥ ଜନ୍ମବାର୍ଷିକୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମନ୍ଦିରର ପୂଜକ ସନାତନ ନାୟକ ଓ ବସନ୍ତ ରଥ ଛେନାପୋଡ଼ କାଟି ମା' ତାରେଣୀଙ୍କ ଜନ୍ମବାର୍ଷିକୀ ଶୁଭେଚ୍ଛା ଓ ଅଭିନନ୍ଦନ ବାର୍ତ୍ତା ଭକ୍ତମାନଙ୍କୁ ଜଣାଇଥିଲେ । ଟ୍ରଷ୍ଟର ସଭାପତି ବିଦ୍ୟାଧର ମିଶ୍ର, ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମିଶ୍ର ଏବଂ କୋଷାଧ୍ୟକ୍ଷ ଈଶ୍ୱର ମୂର୍ତ୍ତିଙ୍କ



ଆବାହକତ୍ୱରେ ଏହି ଜନ୍ମବାର୍ଷିକୀ ଉତ୍ସବରେ ପୂର୍ଣ୍ଣଚନ୍ଦ୍ର ବରାଳ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଭୁବନ ମୋହନ ରଥ, ଦେବାଶିଷ ଘୋଷ, ବିଶ୍ୱରଞ୍ଜନ ମହାନ୍ତି, କୃଷ୍ଣଚନ୍ଦ୍ର ମହାପାତ୍ର, ବୀରେନ୍ଦ୍ର ମିଶ୍ର, ଜ୍ଞାନଦିପ୍ତୀ ପଣ୍ଡା, ସୁଧାଂଶୁ ଶେଖର ମହାନ୍ତି, ଲଳିତ ବେହେରା, ଲକ୍ଷ୍ମଣ ରେଡ୍ଡି, ରଶ୍ମିରଞ୍ଜନ ପାତ୍ର, ଉଷାମଣି ବରାଳ, ସୁଚିସ୍ମିତା ରାଉତ, କଳ୍ପନା ମହାନ୍ତି, ସଂଘମିତ୍ରା ଦାସ, କୁମୁଦିନୀ ନାୟକ, ସ୍ୱର୍ଣ୍ଣଲତା ମହାନ୍ତି, ମମତା ବିଶ୍ୱାଳ, ଅନୁରାଧା ମିଶ୍ର, କାଜଲ ରେଡ୍ଡି, ବୀଣାପାଣି ମହାନ୍ତି ଓ ମାହେଶ୍ୱରୀ ଆ·ର୍ଯ୍ୟ ପ୍ରମୁଖ ଶତାଧିକ ଭକ୍ତ ଯୋଗ ଦେଇଥିଲେ ।

# ଓଡିଶାରେ ଆମାଜନର ନେଟ୍‌ୱର୍କ ସମ୍ପ୍ରସାରଣ

ଭୁବନେଶ୍ୱର, (ସବ୍ୟ) : ଆମାଜନ ଇଣ୍ଡିଆ ପକ୍ଷରୁ ଆଜି ୨୦୨୫ରେ ଏହାର ପ୍ରଥମ ଫୁଲଫିଲମେଂଟ ସେଂଟର (ଏଫସି)ର ଲଂଚ ପରେ ଓଡିଶା ଉପରେ ଏହାର ସମ୍ପ୍ରସାରିତ ପରିଚାଳନା ନେଟ୍‌ୱର୍କର ପ୍ରଭାବ ସମ୍ପର୍କିତ ତଥ୍ୟ ସେୟାର କରାଯାଇଛି । ଗିରିଙ୍ଗାପୁଟଠାରେ ଅବସ୍ଥିତ ଏହି ଫୁଲଫିଲମେଂଟ ସେଂଟର ୦.୨୫ ମିଲିୟନ କ୍ୟୁବିକ ଫୁଟର ଷ୍ଟୋରେଜ କ୍ଷମତା ପ୍ରଦାନ କରୁଛି । ଏହାର ନେଟ୍‌ୱର୍କରେ ଏବେ ଭୁବନେଶ୍ୱରରେ ଗୋଟିଏ ଫୁଲଫିଲମେଂଟ ସେଂଟର ଓ ଗୋଟିଏ ସର୍ଟ ସେଂଟର ସମେତ ବଲାଙ୍ଗୀର, କଟକ, ଝାରସୁଗୁଡା ଓ ପୁରୀ ଭଳି ସହରରେ ୫୨ଟି ଡେଲିଭରି ଷ୍ଟେସନ ଅନ୍ତର୍ଭୁକ୍ତ ରହିଛି । ଏହି ସ୍ଥାନୀୟ ଭିତ୍ତିଭୂମି ସେମ୍-ଡେ କିମ୍ବା ନେକ୍ସଟ-ଡେ ଡେଲିଭରି ବେଗକୁ ୫ ଗୁଣ ପର୍ଯ୍ୟନ୍ତ ବୃଦ୍ଧି କରିଛି । ଇନ୍‌ଭେଂଟୋରୀକୁ ଗ୍ରାହକଙ୍କ ନିକଟତର କରି ଆମାଜନ ଶୀଘ୍ର ଡେଲିଭରିକୁ ସକ୍ଷମ କରିଛି । ସ୍ଥାନୀୟ ସେଲରଙ୍କ ଅଭିବୃଦ୍ଧିରେ ସହଯୋଗ କରୁଛି ଏବଂ ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି । ଆମାଜନ ଇଣ୍ଡିଆର ପରିଚାଳନା ବିଭାଗର ନିର୍ଦ୍ଦେଶକ କରନ ଚୁଘ୍ କହିଛନ୍ତି, "ଆମାଜନରେ ଗ୍ରାହକ ଓ ସେଲରଙ୍କ ନିକଟତର ହେବା ସବୁବେଳେ ଆମର ପ୍ରାଥମିକତା ରହିଆସିଛି, ଯାହାଫଳରେ ଆମେ ସେମାନଙ୍କୁ ଶୀଘ୍ର ଓ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିପାରିବୁ । ଓଡିଶାରେ ଆମେ ଦେଖୁଥିବା ପ୍ରଗତି, ଦେଶ ପ୍ରତି ଆମର ଦୀର୍ଘକାଳିନ ଆଭିମୁଖ୍ୟ ଓ ବିଦ୍ୟମାନ ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି । ଭୁବନେଶ୍ୱର ଫୁଲଫିଲମେଂଟ ସେଂଟର୍‌ର ଲଂଚ ପରଠାରୁ ଆମାଜନ ୧୦୦୦ରୁ ଅଧିକ ନୂଆ ସ୍ଥାନୀୟ ସେଲରଙ୍କୁ ନିୟୋଜିତ କରିଛି, ଯାହା ଓଡିଶାର ବ୍ୟବସାୟଗୁଡିକୁ ଅଧିକ ଦକ୍ଷ ରୂପେ ଗ୍ରାହକଙ୍କ ନିକଟରେ ପହଂଚିବା ପାଇଁ ସକ୍ଷମ କରୁଛି । ଆମାଜନର ଭୁବନେଶ୍ୱର ଫୁଲଫିଲମେଂଟ ସେଂଟରରେ ବର୍ତମାନ ଲକ୍ଷ ଲକ୍ଷ ଉତ୍ପାଦ ସଂରକ୍ଷିତ ରହିଥିବା ବେଳେ ଏହା ଏକ ବିସ୍ତୃତ ଶୃଙ୍ଖଳାର ଉତ୍ପାଦକୁ ସେମ୍ ଡେ କିମ୍ବା ନେକ୍ସଟ-ଡେ ଡେଲିଭରି ପାଇଁ ଉପଲବ୍ଧ ହେବା ପାଇଁ ସକ୍ଷମ କରୁଛି ।

# ଇରାନ-ଆମେରିକା କଥାବାର୍ତ୍ତାରେ ମଧ୍ୟସ୍ଥତା କରିପାରେ ଭାରତ

**ବର୍ଲିନ/ନୂଆଦିଲ୍ଲୀ:** ପଶ୍ଚିମ ଏସିଆରେ ୫୦ ଦିନରୁ ଅଧିକ ସମୟ ଧରି ଜାରି ରହିଥିବା ଇରାନ-ଆମେରିକା ଉତ୍ତେଜନା ମଧ୍ୟରେ ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି। ଜର୍ମାନୀ ଗସ୍ତରେ ଥିବା ରାଜନାଥ ସିଂହ ସଙ୍କେତ ଦେଇଛନ୍ତି ଯେ, ଆଗାମୀ ଦିନରେ ଭାରତ ଏହି ସଂଘର୍ଷ ଦୂର କରିବା ପାଇଁ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରେ। ଯଦିଓ ପୂର୍ବରୁ ପାକିସ୍ତାନ ଭଳି ଦେଶ ମଧ୍ୟସ୍ଥତା ପାଇଁ ଚେଷ୍ଟା କରି ବିଫଳ ହୋଇଛନ୍ତି, ତଥାପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସନ୍ତୁଳିତ କୂଟନୈତିକ ଆଭିମୁଖ୍ୟ ଯୋଗୁଁ ଭାରତ ଉପରେ ବିଶ୍ୱର ଭରସା ବଢ଼ିଛି। ରାଜନାଥ ସିଂହ କହିଛନ୍ତି



ଯେ, "ହୁଏତ ଆସନ୍ତାକାଲି ଏପରି ଏକ ସମୟ ଆସିବ ଯେତେବେଳେ ଭାରତ ନିଜର ଭୂମିକା ଗ୍ରହଣ କରିବ ଏବଂ ଏହି ଦିଗରେ ସଫଳତା ହାସଲ କରିବ।" ବର୍ଲିନରେ ସଂସଦୀୟ ସ୍ଥାୟୀ କମିଟିକୁ ସମ୍ବୋଧିତ କରି ପ୍ରତିରକ୍ଷା ମନ୍ତ୍ରୀ ହର୍ମୁଜ ପ୍ରଣାଳୀରେ ସୃଷ୍ଟି ହୋଇଥିବା ବାଧାବିଘ୍ନକୁ ନେଇ ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ହର୍ମୁଜ ପ୍ରଣାଳୀରେ ଅଶାନ୍ତି ଭାରତ ପାଇଁ କୌଣସି ଦୂରର ଘଟଣା ନୁହେଁ, ବରଂ ଏହା ଦେଶର ଶକ୍ତି ନିରାପତ୍ତା ଏବଂ ଆର୍ଥିକ ସ୍ଥିରତା ଉପରେ ସିଧାସଳଖ ପ୍ରଭାବ ପକାଉଛି। ଭାରତ ନିଜର ଶକ୍ତି ଆବଶ୍ୟକତାର ଏକ ବଡ଼ ଅଂଶ ପାଇଁ ପଶ୍ଚିମ ଏସିଆ ଉପରେ ନିର୍ଭର କରୁଥିବାରୁ, ଏହି ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ହେବା ଭାରତ ପାଇଁ ଅତ୍ୟନ୍ତ ଜରୁରୀ। ବଦଳୁଥିବା ସୁରକ୍ଷା ବିପଦ ଏବଂ ଜଟିଳ ହେଉଥିବା ବୈଷୟିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏକ ନୂତନ ପଦ୍ଧତିରେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

# ଭାରତୀୟ ବିମାନ ପାଇଁ ବାୟୁସୀମା ବନ୍ଦ କଲା ପାକିସ୍ତାନ

**ନୂଆଦିଲ୍ଲୀ/ଇସଲାମାବାଦ:** ପାକିସ୍ତାନ ଭାରତୀୟ ବିମାନ ପାଇଁ ମେ' ୨୪ ପର୍ଯ୍ୟନ୍ତ ପାକିସ୍ତାନ ନିଜ ବାୟୁସୀମା ବନ୍ଦ କରିଦେଇଛି। ଗତବର୍ଷ ଏପ୍ରିଲ ୨୨ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କର ମୃତ୍ୟୁ ହେବା ପରେ ଭାରତ ଏବଂ ପାକିସ୍ତାନ ପରସ୍ପରର ବିମାନ ପାଇଁ ସେମାନଙ୍କର ଏୟାରସ୍ପେସ୍ ବନ୍ଦ କରିଦେଇଥିଲେ। ପାକିସ୍ତାନ ବିମାନବନ୍ଦର କର୍ତ୍ତୃପକ୍ଷ 'ନୋଟିସ୍ ଟୁ ଏୟାରମ୍ୟାନ୍' (ନୋଟାମ୍)ରେ କହିଛନ୍ତି ଯେ ୨୪ ମେ' ୨୦୨୬ ସକାଳ ୫ଟା ପର୍ଯ୍ୟନ୍ତ ସମସ୍ତ ଭାରତୀୟ ପଞ୍ଜିକୃତ, ଲିଜ୍ ଅର୍ଡର, ବାଣିଜ୍ୟିକ ଏବଂ ସାମରିକ ବିମାନକୁ ପାକିସ୍ତାନ ବାୟୁସୀମାରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ପୂର୍ବ ନୋଟିସ୍ର ୨୪ ଏପ୍ରିଲ ଶେଷ ତାରିଖ ସରିବାର ହେବାର ଦୁଇ ଦିନ ପୂର୍ବରୁ ଏହି ନୂଆ ନୋଟିସ୍ ଜାରି କରାଯାଇଥିଲା। ଭାରତ ପାଇଁ ପାକିସ୍ତାନର ଆକାଶ ସୀମା ବନ୍ଦ କରିବାର ସମୟସୀମା ବୃଦ୍ଧି ପରେ, ଭାରତୀୟ ଗୁଇନ୍ଦା ସଂସ୍ଥା 'ର'ର ପୂର୍ବତନ ଏଜେଣ୍ଟ ଲକି ବିଷ୍ଟ୍ ଦାବି କରିଛନ୍ତି ଯେ, ୨୪ ମେ' ପର୍ଯ୍ୟନ୍ତ ପାକିସ୍ତାନର ଆକାଶ ସୀମା ବନ୍ଦ କରିବା କେବଳ ଏକ ଅବରୋଧ ନୁହେଁ, ବରଂ ଏକ ରଣନୈତିକ ବ୍ଲାକଆଉଟ୍। ଇସଲାମାବାଦରେ ଆମେରିକୀୟ କେନ୍ଦ୍ରୀୟ ଗୁପ୍ତଚର ସଂସ୍ଥା(ସିଆଇଏ) ଏବଂ ପାକିସ୍ତାନର ଗୁପ୍ତଚର ସଂସ୍ଥା ଇଣ୍ଟର ସର୍ଭିସ୍ ଇଣ୍ଟେଲଜେନ୍ସ(ଆଇଏସ୍ଆଇ) ମଧ୍ୟରେ ଗୁପ୍ତ ଶାନ୍ତି ଆଲୋଚନା



ଚାଲିଛି। ଏହା ବ୍ୟତୀତ, ଇଜିପ୍ଟ ସହିତ ଥଣ୍ଡର-୨ ସାମରିକ ଅଭ୍ୟାସ ମଧ୍ୟ ଚାଲିଛି। ସେ କହିଛନ୍ତି, ଯେକୌଣସି ବାଣିଜ୍ୟିକ ଜାହାଜର ରାଡାର ମାଧ୍ୟମରେ ଯେପରି ଭିତରର ଗତିବିଧି ଜଣା ନପଡ଼ିବ ସେଥିପାଇଁ ଜାଣିଶୁଣି ବାୟୁସୀମାକୁ ସିଲ୍ କରାଯାଇଛି। ସେ ଏହାକୁ ଏକ ଜଣାଶୁଣା ଗୁପ୍ତଚର ଡାଲ ବୋଲି କହିଛନ୍ତି। ପାକିସ୍ତାନର ଆକାଶମାର୍ଗ ଉପରେ ପ୍ରତିବନ୍ଧକ ଲାଗୁ ହେବାର ପ୍ରାୟ ଗୋଟିଏ ବର୍ଷ ବିତିଗଲାଣି, ଯାହା ଫଳରେ ଭାରତୀୟ ବିମାନଗୁଡ଼ିକୁ ବିଭିନ୍ନ ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳକୁ ଲମ୍ବା ରାସ୍ତା ନେବାକୁ ପଡୁଛି।

## ପିକ ଅପ ଭ୍ୟାନ ଓଲଟି ୬ ମୃତ

**ଭାଲସାଦ (ଗୁଜରାଟ):** ବାହାଘର କାର୍ଯ୍ୟକ୍ରମକୁ ସମସ୍ତେ ଏକାଠି ଯାଇଥିଲେ। ସେଠାରେ ସମସ୍ତେ ହସଖୁସିରେ ସମୟ କାଟିବା ସହ ଭୋଜି ଖାଇଥିଲେ। ହେଲେ ସେଠାରୁ ଘରକୁ ଫେରିବା ବେଳେ ଅଧା ବାଟରେ ଘଟିଛି ଅଘଟଣ। ପ୍ରାୟ ୨୮ ଜଣ ଲୋକଙ୍କୁ ଧରି ଆସୁଥିବା ପିକଅପ ଭ୍ୟାନ ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଛି। ଏଥିରେ ୬ ଜଣ ପ୍ରାଣ ହରାଇଥିବା ବେଳେ ପ୍ରାୟ ଅନେକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ଗୁରୁତର ରହିଥିବାରୁ ଆଗକୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଗୁଜରାଟର ଭାଲସାଦ ଜିଲ୍ଲାରେ ଏପରି ଘଟିଛି। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକାଶ କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛି।

# ନେପାଳର ବାଲେନ ସରକାର ବିରୋଧରେ ବିଦ୍ରୋହର ସ୍ୱର

**କାଠମାଣ୍ଡୁ:** ନେପାଳରେ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ସହ କ୍ଷମତାକୁ ଆସିବାର ମାସେ ନପୂରୁଣୁ ବାଲେନ୍ଦ୍ର ଶାହା (ବାଲେନ)ଙ୍କ ସରକାର ବିରୋଧରେ ସାରା ଦେଶରେ ଗଣ-ଅସନ୍ତୋଷ ବିସ୍ଫୋରକ ରୂପ ନେଇଛି। ଭାରତରୁ ଅଣାଯାଉଥିବା ୧୦୦ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ ଉପରେ କଠୋର କଷ୍ଟମ୍ସ ଡ୍ୟୁଟି ଲାଗୁ ଏବଂ ଶିକ୍ଷାନୁଷ୍ଠାନରୁ ରାଜନୈତିକ ଛାତ୍ର ସଂଗଠନକୁ ହଟାଇବା ନିଷ୍ପତ୍ତିକୁ ନେଇ ହଜାର ହଜାର ଛାତ୍ର ଓ ଜନତା ପ୍ରଶାସନିକ କେନ୍ଦ୍ର 'ସିଂହ ଦରବାର' ଘେରିଛନ୍ତି। ଏହା ସହିତ ଗୃହମନ୍ତ୍ରୀ ସୁଦାନ ଗୁରୁଙ୍ଗଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗ ଏହି ବିକ୍ଷୋଭକୁ ଆହୁରି ତୀବ୍ର କରିଥିବା ବେଳେ ବାଲେନ ସରକାର ଏବେ ପ୍ରବଳ ରାଜନୈତିକ ଚାପର ସମ୍ମୁଖୀନ ହୋଇଛନ୍ତି। ସୀମାନ୍ତ ଅଞ୍ଚଳରେ ରହୁଥିବା ସାଧାରଣ ଜନତାଙ୍କ ଅଭିଯୋଗ ଅନୁଯାୟୀ, ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ସେମାନେ ଭାରତୀୟ ବଜାର ଉପରେ ନିର୍ଭର କରୁଥିବା ବେଳେ ନୂଆ ଟିକସ ନୀତି ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି। ଅନ୍ୟପକ୍ଷରେ, ଶିକ୍ଷାନୁଷ୍ଠାନଗୁଡ଼ିକୁ ରାଜନୀତି ମୁକ୍ତ କରିବା ନାମରେ ସରକାର ଛାତ୍ର ସଂଘଗୁଡ଼ିକୁ ବ୍ୟାନ୍ କରିବା ନିଷ୍ପତ୍ତିକୁ ଯୁବପିଢ଼ି "ଦମନମୂଳକ" ନୀତି ବୋଲି କହିଛନ୍ତି। ସାରା ଦେଶରେ ସ୍କୁଲ ଓ କଲେଜ ପିଲାମାନେ ୟୁନିଫର୍ମ ପିନ୍ଧି ରାସ୍ତାକୁ ଓହ୍ଲାଇଥିବା ବେଳେ ଗୃହମନ୍ତ୍ରୀଙ୍କ ବିବାଦୀୟ ଆର୍ଥିକ କାରବାର ଓ ଦୁର୍ନୀତି ରିପୋର୍ଟ ନିଆଁରେ ଘିଅ ଢାଳିବା ସଦୃଶ ହୋଇଛି। ଗୃହମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା ଦାବି କରି ବିରୋଧୀ ଦଳ ଏବଂ



ନାଗରିକ ସମାଜ ମୁହାଁମୁହିଁ ହୋଇଥିବା ବେଳେ ବାଲେନ ଶାହାଙ୍କ ନୂଆ ସରକାର ନିଜର କଠୋର ସଂସ୍କାର ନୀତି ଏବଂ ବୃଦ୍ଧି ପାଉଥିବା ଜନ ଆକ୍ରୋଶ ମଧ୍ୟରେ ଏକ ବଡ଼ ସଙ୍କଟରେ ଛନ୍ଦି ହୋଇପଡ଼ିଛି।

## ଇସ୍ତଫା ଦେଲେ ଗୃହମନ୍ତ୍ରୀ

**କାଠମାଣ୍ଡୁ:** ଶେୟାର ବଜାରରେ ନିବେଶ ଓ ଆର୍ଥିକ କାରବାରକୁ ନେଇ ସୃଷ୍ଟି ହୋଇଥିବା ବିବାଦ ମଧ୍ୟରେ ନେପାଳର ଗୃହମନ୍ତ୍ରୀ ସୁଦାନ ଗୁରୁଙ୍ଗ ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। "ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି" (ଆରଏସପି) ନେତୃତ୍ୱାଧୀନ ସରକାର ଗଠନ ହେବାର ମାତ୍ର କିଛି ସପ୍ତାହ ମଧ୍ୟରେ ଜଣେ ପ୍ରଭାବଶାଳୀ ମନ୍ତ୍ରୀ ଏଭଳି ବିବାଦରେ ଛନ୍ଦି ହୋଇ ଇସ୍ତଫା ଦେବା ଘଟଣା ଦେଶର ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଶ୍ରୀ ଗୁରୁଙ୍ଗ ସୋସିଆଲ ମିଡିଆ ଜରିଆରେ ନିଜର ନିଷ୍ପତ୍ତି ସମ୍ପର୍କରେ ଜଣାଇ କହିଛନ୍ତି ଯେ, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ଏକ ନିରପେକ୍ଷ ତଦନ୍ତ ପାଇଁ ସେ ପଦ ତ୍ୟାଗ କରିଛନ୍ତି, ଯାହାଫଳରେ ତଦନ୍ତ ପ୍ରକ୍ରିୟାରେ କୌଣସି ପାତରଅନ୍ତର ହେବ ନାହିଁ। ଗୁରୁଙ୍ଗ ନିଜ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ପଦବୀ ଅପେକ୍ଷା ମୋ ପାଇଁ ନୈତିକତା ବଡ଼ ଏବଂ ଜନସାଧାରଣଙ୍କ ବିଶ୍ୱାସଠାରୁ କୌଣସି ଶକ୍ତି ବଡ଼ ନୁହେଁ। ସୁଶାସନ ଓ ସ୍ୱଚ୍ଛତା ପାଇଁ ଯୁବପିଢ଼ିଙ୍କ ଦାବିକୁ ସମ୍ମାନ ଜଣାଇ ସେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ତେବେ ଇସ୍ତଫା ଦେବା ପୂର୍ବରୁ ସେ ଏହି ଅଭିଯୋଗକୁ ଏକ "ମିଡିଆ ଟ୍ରାୟଲ" ବୋଲି କହିବା ସହ ସେ କୌଣସି ସୂଚନା ଲୁଚାଇବାକୁ ଚେଷ୍ଟା କରିନାହାନ୍ତି ଏବଂ ଯେଉଁ ବ୍ୟକ୍ତି ଖୋଲାଖୋଲି ଭାବରେ ୨ କୋଟିରୁ ଅଧିକ ଟଙ୍କାର ନିବେଶ ଘୋଷଣା କରିସାରିଛନ୍ତି।

## ଭାରତକୁ ମିଳିବ ନୂଆ ସାମରିକ ଉପକରଣ

**ନୂଆଦିଲ୍ଲୀ:** ଭାରତୀୟ ସେନାର ମାଇନ୍-ସୁଇପିଂ କ୍ଷମତାକୁ ଏକ ବଡ଼ ବୃଦ୍ଧି କରିବା ପାଇଁ, ପ୍ରତିରକ୍ଷା ମନ୍ତ୍ରଣାଳୟ ଟି-୭୨ ଏବଂ ଟି-୯୦ ଯୁଦ୍ଧ ଟ୍ୟାଙ୍କ ସମ୍ପର୍କିତ ଏକ ବଡ଼ ପ୍ରତିରକ୍ଷା ଚୁକ୍ତିକୁ ଅନୁମୋଦନ କରିଛି। ମନ୍ତ୍ରଣାଳୟ ଟ୍ୟାଙ୍କର ଟ୍ରଲ୍ ଆସେମ୍ବଲି କ୍ରୟ ପାଇଁ ପ୍ରାୟ ୯୭୫ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର କରିଛି। ଟ୍ରଲ୍ ଆସେମ୍ବଲି ଯୁଦ୍ଧ ସମୟରେ ମାଇନ୍ ଫିଲ୍ଡ ପାର କରିବା ପାଇଁ ସେନାର କ୍ଷମତାକୁ ଆହୁରି ସୁଦୃଢ଼ କରିବ। ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହଙ୍କ ଉପସ୍ଥିତିରେ ଦିଲ୍ଲୀରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ମନ୍ତ୍ରଣାଳୟ ଏକ ବିବୃତିରେ କହିଛି ଟ୍ୟାଙ୍କ ପାଇଁ ଟ୍ରଲ୍ ଆସେମ୍ବଲି କ୍ରୟ ପାଇଁ ଭାରତ ଆର୍ଥ ମୁଭର୍ସ ଲିମିଟେଡ୍ ଏବଂ ଇଲେକ୍ଟ୍ରୋ ନ୍ୟୁମେଟିକ୍ସ ଆଣ୍ଡ ହାଇଡ୍ରୋଲିକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ସହିତ ଚୁକ୍ତି ସ୍ୱାକ୍ଷର କରାଯାଇଛି। ଟ୍ରଲ୍ ଆସେମ୍ବଲି ହେଉଛି ଭାରତର ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଦ୍ୱାରା ବିକଶିତ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଉପକରଣ। ଏହି ସ୍ୱତନ୍ତ୍ର ଉପକରଣଗୁଡ଼ିକ ଟ୍ୟାଙ୍କ ସମ୍ମୁଖରେ ସ୍ଥାପିତ ହୋଇଥାଏ। ଏହାର କାମ ହେଉଛି ମାଇନ୍ ବିଛାଯାଇଥିବା କ୍ଷେତ୍ର ଦେଇ ଏକ ସୁରକ୍ଷିତ ପଥ ସୃଷ୍ଟି କରିବା। ବିଶେଷକରି, ଏହା ପ୍ରୋକ୍ସିମିଟି ମ୍ୟାଗ୍ନେଟିକ୍ ଫ୍ୟୁଜ୍ ସହିତ ସଜ୍ଜିତ ଆଣ୍ଟି-ଟ୍ୟାଙ୍କ ମାଇନ୍କୁ ନିଷ୍କ୍ରିୟ କରିବାକୁ ସକ୍ଷମ। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଏହି ଉପକରଣ ମାଇନ୍ ଫିଲ୍ଡଗୁଡ଼ିକ, ବିଶେଷକରି ଟ୍ୟାଙ୍କ-ବିରୋଧୀ ମାଇନ୍ ଏବଂ ଚୁମ୍ବକୀୟ ଫ୍ୟୁଜ୍ ସହିତ ସଜ୍ଜିତ ମାଇନ୍ ଫିଲ୍ଡଗୁଡ଼ିକ ମଧ୍ୟ ଦେଇ ସୁରକ୍ଷିତ ପଥ ପ୍ରଦାନ କରିବ। ଏହା ଭାରତୀୟ ସେନାର କାର୍ଯ୍ୟକ୍ଷମ କ୍ଷମତାକୁ ଆହୁରି ସୁଦୃଢ଼ କରିବ।

## ହର୍ମୁଜରେ ଉତ୍ତେଜନା: ଭାରତ ଆସୁଥିବା ଜାହାଜକୁ ଗୁଳି

**ନୂଆଦିଲ୍ଲୀ:** ବିଶ୍ୱର ପ୍ରମୁଖ ଜଳମାର୍ଗ ହର୍ମୁଜ ପ୍ରଣାଳୀରେ ଦେଖିବାକୁ ମିଳିଛି ଉତ୍ତେଜନା। ଏଠାରେ ଆଜି ଦୁଇଟି ପଣ୍ୟବାହୀ ଜାହାଜ ଉପରେ ଇରାନର ରେଭ୍ୟୁଲେସନାରୀ ଗାର୍ଡ ପକ୍ଷରୁ ବୁଧବାର କରାଯାଇଛି ଆକ୍ରମଣ ହୋଇଛି। ଇରାନୀୟ ସେନା ଜାହାଜ ଉପରେ ଗୁଳିମାଡ଼ କରି ଏହାକୁ ସିଜ କରି ନେଇଛନ୍ତି। ସିଜ ଓ ଆକ୍ରମଣ ହୋଇଥିବା ଦୁଇଟି ଜାହାଜ ମଧ୍ୟରୁ ଗୋଟିଏ ଭାରତ ଅଭିମୁଖେ ଆସୁଥିଲା। ଗୁଜରାଟ ଅଭିମୁଖେ ଆସୁଥିବା ପଣ୍ୟବାହୀ ଜାହାଜକୁ ଇରାନ ସିଜ କରି ନେଇଥିବା ଏବେ ସ୍ପଷ୍ଟ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ ଲାଗୁ ହୋଇଥିବା ଯୁଦ୍ଧ ବିରତି ଅବଧିକୁ ୨ ସପ୍ତାହ ବୃଦ୍ଧି କରିବା ପରେ ଏପରି ଘଟଣା ଘଟିଛି। ଭାରତୀୟ ଜାହାଜ ଉପରେ ଗୁଳିମାଡ଼ ଓ ସିଜ କରାଯିବା ଘଟଣା ନୂଆ ବିବାଦ ସୃଷ୍ଟି କରିଛି। କାରଣ ଏହା ପୂର୍ବରୁ ହର୍ମୁଜ ଅତିକ୍ରମ କରୁଥିବା ଆଉ ୨ଟି ଭାରତୀୟ ଜାହାଜ ଉପରେ ମଧ୍ୟ ଇରାନ ପକ୍ଷରୁ ଗୁଳିମାଡ଼ କରାଯାଇଥିଲା। ଏବେ ଗୁଜରାଟ ଆସୁଥିବା ଗୋଟିଏ ପଣ୍ୟବାହୀ ଜାହାଜକୁ ଇରାନ ସିଜ କରି ନେଇଛି। ଇରାନୀୟ ଗଣମାଧ୍ୟମ ଅନୁସାରେ, ସିଜ ହୋଇଥିବା ୨ ଜାହାଜ ହେଉଛନ୍ତି ପାନାମା ପତାକା ଲାଗିଥିବା ଓ ଲିବିୟା ପତାକା ଲାଗିଥିବା। ଆମେରିକା ପକ୍ଷରୁ ଇରାନର ୨ଟି ଜାହାଜକୁ ସିଜ କରାଯାଇଥିବାରୁ ଆଇଆରଜିସି ଆଜି ଏପରି ପଦକ୍ଷେପ ନେଇଛି। ୨ଟି ଯାକ ଜାହାଜ ନିୟମ ଉଲ୍ଲଙ୍ଘନ କରିଥିବାରୁ ସେଗୁଡ଼ିକୁ ସିଜ କରାଯାଇଛି ବୋଲି ଇରାନ କହିଛି। ବ୍ରିଟିଶ ମିଲିଟାରୀର କେନ୍ଦ୍ର କହିଛି ଯେ ଆଇଆରଜିସି ପକ୍ଷରୁ ସକାଳ ପ୍ରାୟ ୭.୫୫ରେ ପ୍ରଥମ କଣ୍ଟେନର ଶିପକୁ ଟାର୍ଗେଟ କରାଯାଇଥିଲା। ଆକ୍ରମଣରେ ଜାହାଜଟି କ୍ଷତିଗ୍ରସ୍ତ ହୋଇଛି। ଇରାନୀୟ ଗନବୋଟ ଗୁଳି ମାଡ଼ କରିବା ପୂର୍ବରୁ କୌଣସି ପ୍ରକାରର ସତର୍କ ସୂଚନା ଦେଇ ନଥିଲା। ସୌଭାଗ୍ୟବଶତଃ ଗୁଳି ମାଡ଼ରେ କେହି ମୃତାହତ ହୋଇ ନାହାନ୍ତି। ସେହିପରି ପରିବେଶ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିନି। ଏହାର କିଛି ସମୟ ପରେ ଗୋଟିଏ ପଣ୍ୟବାହୀ ଜାହାଜକୁ ଟାର୍ଗେଟ କରି ଗୁଳି ମାଡ଼ କରାଯାଇଥିଲା।

## ଇଭିଏମ୍ ବଟନରେ କାଳି ଲଗାଇବା ନିର୍ବାଚନୀ ଅପରାଧ

**ନୂଆଦିଲ୍ଲୀ:** ନିର୍ବାଚନ କମିସନ ସ୍ପଷ୍ଟ କରିଛନ୍ତି ଯେ ଇଭିଏମ୍ ବଟନ୍ରେ ଅତର, ଅଠା କିମ୍ବା କାଳି ଲଗାଇବା ଏକ ଟାମ୍ପରିଂ ଏବଂ ଏକ ନିର୍ବାଚନୀ ଅପରାଧ। ସମ୍ପ୍ରତି, ଏହା ସାମ୍ନାକୁ ଆସିଛି ଯେ କିଛି ରାଜନୈତିକ କର୍ମୀ ଭୋଟ୍ ସେମାନଙ୍କ ସପକ୍ଷରେ ଦିଆଯାଇଛି କି ନାହିଁ ତାହା ଜାଣିବା ପାଇଁ ଏଭଳି କରିଥାନ୍ତି। ଯଦି କୌଣସି ମତଦାନ କେନ୍ଦ୍ରରେ ଏପରି କାର୍ଯ୍ୟକଳାପ ନଜରକୁ ଆସେ, ତେବେ ସେଠାକାର ପ୍ରିଜାଇଡିଂ ଅଧିକାରୀଙ୍କୁ ତୁରନ୍ତ ସେକ୍ଟର ଅଧିକାରୀ କିମ୍ବା ନିର୍ବାଚନ ଅଧିକାରୀଙ୍କୁ ଏ ବିଷୟରେ ଜଣାଇବାକୁ ପରାମର୍ଶ ଦିଆଯାଇଛି। ୨୩ ଏପ୍ରିଲ ଗୁରୁବାର ଦିନ ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ମତଦାନ ପୂର୍ବରୁ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ନିର୍ବାଚନ କମିସନର ଜଣେ ଅଧିକାରୀ କହିଛନ୍ତି ଯେ କମିସନ ଏପରି ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ଆବଶ୍ୟକ ହେଲେ ପୁନଃନିର୍ବାଚନ ପାଇଁ ମଧ୍ୟ



ନିର୍ଦ୍ଦେଶ ଦେଇପାରିବେ। ସମସ୍ତ ମତଦାନ କେନ୍ଦ୍ରର ପ୍ରିଜାଇଡିଂ ଅଧିକାରୀମାନଙ୍କୁ ଇଭିଏମ୍ରେ ଥିବା ସମସ୍ତ ପ୍ରାର୍ଥୀଙ୍କ ବଟନ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେବା ଏବଂ ଟେପ୍, ଅଠା କିମ୍ବା ଅନ୍ୟ କୌଣସି ପଦାର୍ଥ ମୁକ୍ତ ହେବା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ବାଲଟ୍ ୟୁନିଟର ବଟନ୍ଗୁଡ଼ିକରେ କୌଣସି ରଙ୍ଗ, କାଳି, ଅତର କିମ୍ବା ରାସାୟନିକ ପଦାର୍ଥ ଲଗାଯାଇପାରିବ ନାହିଁ, କାରଣ ଏହା ଭୋଟ୍ର ଗୋପନୀୟତାକୁ ବିପଦରେ ପକାଇପାରେ। ଯଦି ଏପରି କୌଣସି ଅନିୟମିତତା ଦେଖାଯାଏ, ତେବେ ପ୍ରିଜାଇଡିଂ ଅଧିକାରୀ ତୁରନ୍ତ ଉଚ୍ଚ ଅଧିକାରୀମାନଙ୍କୁ ଜଣାଇବେ। ନିର୍ବାଚନ କମିସନଙ୍କ ଅନୁଯାୟୀ, ଏପରି ସମସ୍ତ ମାମଲା ଇଭିଏମ୍ ଟାମ୍ପରିଂ ଭାବେ ବିଚେନା କରାଯିବ। ଯାହା ଏକ ଗମ୍ଭୀର ନିର୍ବାଚନୀ ଅପରାଧ। ନିର୍ବାଚନ କମିସନ ମଧ୍ୟ ଏପରି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ୧୬ଟି ଜିଲ୍ଲାର ୧୫୨ଟି ଆସନ ପାଇଁ ୨୩ ଏପ୍ରିଲ ଗୁରୁବାର ଦିନ ମତଦାନ ହେବ। ପ୍ରଥମ ପର୍ଯ୍ୟାୟରେ ମୋଟ ୧,୪୭୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## କେଜରିୱାଲଙ୍କ ମାମଲାରୁ ନିଜକୁ ହଟାଇଲେ ଜଷ୍ଟିସ୍

**ନୂଆଦିଲ୍ଲୀ:** ଆମ ଆଦମୀ ପାର୍ଟି (ଏପିପି) ନେତା ଅରବିନ୍ଦ କେଜରିୱାଲ, ମନୀଷ ସିସୋଦିଆ ଏବଂ ଅନ୍ୟମାନଙ୍କ ବିରୋଧରେ ଅବମାନନା ମାମଲା ଆରମ୍ଭ କରିବା ପାଇଁ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବୁଧବାର ଦିଲ୍ଲୀ ହାଇକୋର୍ଟରେ କରାଯାଇଛି। ଏହି ମାମଲା ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ବିଚାରପତି ତେଜସ କାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ମୁଖରେ ତାଲିକାଭୁକ୍ତ କରାଯାଇଥିଲା। ବିଚାରପତି ତେଜସ କାରିଆ ଏହି ମାମଲାରୁ ନିଜକୁ ହଟାଇ ନେଇଥିବାରୁ ଗୁରୁବାର ଏହି ମାମଲାର ଶୁଣାଣି ଭିନ୍ନ ଖଣ୍ଡପୀଠରେ କରାଯିବ। ଆବେଦନରେ ଅଭିଯୋଗ କରାଯାଇଛି ଯେ, ଏହି ବ୍ୟକ୍ତିମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ କେଜରିୱାଲଙ୍କ ଆବେଦନ ଉପରେ କୋର୍ଟ ଶୁଣାଣିର ଭିଡିଓ ଅପଲୋଡ୍ ଏବଂ ସେୟାର କରିଥିଲେ ଯାହା ଦ୍ୱାରା ଉତ୍ପାଦ ନୀତି ମାମଲାରୁ ବିଚାରପତି ସ୍ୱର୍ଣ୍ଣ କାନ୍ତା ଶର୍ମାଙ୍କୁ ବାହାର କରିବା ପାଇଁ ଦାବି କରାଯାଇଥିଲା। ସିଂହ ତାଙ୍କ ପିଆଇଏଲ୍ରେ ଯୁକ୍ତି ରଖିଛନ୍ତି ଯେ, ସୋସିଆଲ ମିଡିଆରେ କୋର୍ଟ କାର୍ଯ୍ୟର ଅନଧିକୃତ ରେକର୍ଡିଂ



ସେୟାର କରିବା ନ୍ୟାୟପାଳିକାର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରିପାରେ ଏବଂ ହାଇକୋର୍ଟ ନିୟମ ଅନୁଯାୟୀ ଏହା ମଧ୍ୟ ନିଷିଦ୍ଧ। ଆବେଦନରେ ଦାବି କରାଯାଇଛି ଯେ ଅନେକ ଏପିପି ନେତା ଏବଂ କଂଗ୍ରେସ ନେତା ଦିଗବିଜୟ ସିଂହଙ୍କ ପରି ଅନ୍ୟ ବିରୋଧୀ ଦଳର ସଦସ୍ୟମାନେ ଏକ ସୁଚିନ୍ତିତ ରଣନୀତିର ଅଂଶ ଭାବରେ ଏପ୍ରିଲ ୧୩ ତାରିଖରେ ଜଷ୍ଟିସ ଶର୍ମାଙ୍କ ସମ୍ମୁଖରେ ଅରବିନ୍ଦ କେଜରିୱାଲଙ୍କ ହାଜରର ଭିଡିଓ ରେକର୍ଡିଂ କରିଥିଲେ ଏବଂ ଜନସାଧାରଣଙ୍କ ଦୃଷ୍ଟିରେ କୋର୍ଟର ଛବିକୁ ଖରାପ କରିବା ଉଦ୍ଦେଶ୍ୟରେ ଏହାକୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପ୍ରସାରିତ କରିଥିଲେ। କେଜରିୱାଲ ଏବଂ ତାଙ୍କ ଦଳର ସଦସ୍ୟମାନେ ଏକ ଷଡ଼ଯନ୍ତ୍ର ରଚି କୋର୍ଟ କାର୍ଯ୍ୟକୁ ରେକର୍ଡ କରିବା ପାଇଁ ନିନ୍ଦନୀୟ କାର୍ଯ୍ୟ କରୁଥିବାର ଅଭିଯୋଗ କରି, ପିଆଇଏଲ୍ ଏହି ମାମଲାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍ଆଇଟି) ଗଠନ କରିବାକୁ ଦାବି କରିଛି। ଆବେଦନରେ ୧୩ ଏପ୍ରିଲ୍ ୨୦୨୬ ତାରିଖରେ କୋର୍ଟ କାର୍ଯ୍ୟର ରେକର୍ଡିଂ ଅପଲୋଡ୍, ପୁନଃପୋଷ୍ଟ କିମ୍ବା ଫରୱାର୍ଡ କରିଥିବା ସମସ୍ତ ପ୍ରତିପକ୍ଷଙ୍କ ବିରୋଧରେ ଅବମାନନା ମାମଲା ଆରମ୍ଭ କରିବାକୁ ଅନୁରୋଧ କରାଯାଇଛି। ପିଆଇଏଲ୍ରେ ସୋସିଆଲ ମିଡିଆରୁ ବିଷୟବସ୍ତୁକୁ ହଟାଇବା ପାଇଁ ମଧ୍ୟ ଦାବି କରାଯାଇଛି।

## ଆଇଡିଏଫସି ଫାଷ୍ଟ୍ ବ୍ୟାଙ୍କ ଗ୍ରାହକଙ୍କ ପାଇଁ କଷ୍ଟମ୍ସ ଡ୍ୟୁଟି ପେମେଣ୍ଟ ଏବେ ସହଜ

**ମୁମ୍ବାଇ :** ଆଇଡିଏଫସି ଫାଷ୍ଟ୍ ବ୍ୟାଙ୍କ ଏହାର ବ୍ୟକ୍ତିଗତ ଏବଂ ବ୍ୟବସାୟିକ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ସେବାର ଶୁଭାରମ୍ଭ ଘୋଷଣା କରିଛି । ଏହାଦ୍ୱାରା ଆଇସଗେଟ ୨.୦ ସହିତ ଯୋଡିହୋଇ କଷ୍ଟମ୍ସ ଡ୍ୟୁଟି, ସେଣ୍ଟ୍ରାଲ୍ ଏକ୍ସାଇଜ୍ ଏବଂ ସର୍ଭିସ୍ ଟ୍ୟାକ୍ସର ସହଜ ଡିଜିଟାଲ୍ ପେମେଣ୍ଟ କରାଯାଇପାରିବ ।

ଏହି ସୁବିଧା ଆସିବା ପରେ, ଗ୍ରାହକମାନେ ଆଇସଗେଟ ପୋର୍ଟାଲ୍ ମାଧ୍ୟମରେ ସହଜରେ ଟ୍ୟାକ୍ସ ପେମେଣ୍ଟ ଆରମ୍ଭ କରିପାରିବେ ଏବଂ ଆଇଡିଏଫସି ଫାଷ୍ଟ୍ ବ୍ୟାଙ୍କର ରିଟେଲ୍ ଓ କର୍ପୋରେଟ୍ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ପ୍ଲାଟଫର୍ମ ବ୍ୟବହାର କରି ପେମେଣ୍ଟ ସମ୍ପୂର୍ଣ୍ଣ କରିପାରିବେ । ଏହି ପ୍ଲାଟଫର୍ମ ଗ୍ରାହକମାନଙ୍କୁ ତତ୍କାଳ ଟ୍ରାଞ୍ଜାକ୍ସନ୍ ସଫଳ ହେବାର ମେସେଜ, ଏକ ସହଜ ଅନଲାଇନ୍ ସୁବିଧା ଏବଂ ରେକର୍ଡ ରଖିବା ଓ ମେଳକ କରିବା ପାଇଁ ସଙ୍ଗେ ସଙ୍ଗେ ଚାଲାଣ ଡାଉନଲୋଡ୍





କରିବାର ସୁବିଧା ଯୋଗାଇଥାଏ । ଏହି ଶୁଭାରମ୍ଭ ସମ୍ପର୍କରେ ମତ ଦେଇ ଆଇଡିଏଫସି ଫାଷ୍ଟ୍ ବ୍ୟାଙ୍କର ରିଟେଲ୍ ଲାଏବିଲିଟିଜ୍ ମୁଖ୍ୟ ଆଶିଷ ସିଂହ କହିଛନ୍ତି, ଆଇସଗେଟ ୨.୦ ରେ ଲାଇଭ୍ ହେବା ଦ୍ୱାରା, ଆମେ ଆମଦାନୀକାରୀ, ରପ୍ତାନୀକାରୀ ଏବଂ ବ୍ୟବସାୟୀମାନଙ୍କୁ ସେମାନଙ୍କର ଡାଇରେକଫ ଟ୍ୟାକ୍ସ ଏବଂ ଜିଏସଟି ପେମେଣ୍ଟ ପରି ସମାନ ବିଶ୍ୱାସ ଏବଂ ସହଜତାର ସହ ଏହି ଟିକସ ଦେୟଗୁଡ଼ିକୁ ଡିଜିଟାଲ୍ ମାଧ୍ୟମରେ ପୂରଣ କରିବାକୁ ସକ୍ଷମ କରୁଛୁ । ଭାରତର ଡିଜିଟାଲ୍ ଟ୍ୟାକ୍ସ ଏବଂ ବ୍ୟବସାୟ ଭିତ୍ତିଭୂମିରେ ଆମର ଭୂମିକାକୁ ମଜବୁତ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

# ଇରାନକୁ ଅପିଲ୍ କଲେ ଟ୍ରମ୍ପ: ୮ ମହିଳାଙ୍କୁ ମୁକ୍ତ କର

**ୱାସିଂଟନ:** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନରେ ବନ୍ଦୀ ଥିବା ଆଠ ଜଣ ଇରାନୀ ମହିଳାଙ୍କୁ ମୁକ୍ତ କରିବାକୁ ଅପିଲ୍ କରିଛନ୍ତି। ସେ ଏହି ମହିଳାଙ୍କ ଫଟୋ ସହିତ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଅପିଲ୍ କରିଛନ୍ତି ଯେ, ଇରାନରେ ସେମାନଙ୍କୁ ଶୀଘ୍ର ମୃତ୍ୟୁଦଣ୍ଡ ଦେବା ପାଇଁ ପ୍ରସ୍ତୁତି ଚାଲିଛି, ଯେତେବେଳେ ବିଶ୍ୱ ନୀରବରେ ଦେଖୁଛି। ଟ୍ରମ୍ପ ଲେଖିଛନ୍ତି, ମୁଁ ଇରାନୀ ନେତାମାନଙ୍କୁ ଅନୁରୋଧ କରିବି ଯେ ସେମାନେ ଏହି ମହିଳାଙ୍କୁ କୌଣସି କ୍ଷତି ନ ପହଞ୍ଚାନ୍ତୁ। ସେମାନେ ଏପରିକଲେ ମୁଁ ଏଥିପାଇଁ କୃତଜ୍ଞ ହେବି। ମୁଁ ନିଶ୍ଚିତ ଯେ ଆପଣ ଏହା କରିବେ, ଏବଂ ମହିଳାମାନେ ଏହି କାର୍ଯ୍ୟକୁ ମଧ୍ୟ ସମ୍ମାନ କରିବେ। ଦୟାକରି ସେମାନଙ୍କର କ୍ଷତି କରନ୍ତୁ ନାହିଁ। ଏହା ଆମର ଆଲୋଚନାର ଏକ ମହାନ ଆରମ୍ଭ ହେବ। ବିବିସି ରିପୋର୍ଟ କରିଛି ଯେ, ଇରାନର ଆଟର୍ଣ୍ଣି ଜେନେରାଲ ଆଠ ଜଣ ମହିଳାଙ୍କ ମୃତ୍ୟୁଦଣ୍ଡ ରିପୋର୍ଟକୁ ଅସ୍ୱୀକାର କରିଛନ୍ତି। ଇରାନୀ ମହିଳାମାନଙ୍କ ବିଷୟରେ ଏହି



ପୋଷ୍ଟଟି ଆୟଲ ୟାକୁବିଙ୍କ ଦ୍ୱାରା କରାଯାଇଥିଲା। ୟାକୁବି ନିଜକୁ ଅନଲାଇନରେ ପେନସିଲଭାନିଆ ବିଶ୍ୱବିଦ୍ୟାଳୟର ସ୍ନାତକ ଏବଂ ଏମ୍ଆଇଟିରେ ଜଣେ ଆଗାମୀ ଛାତ୍ର ଭାବରେ ବର୍ଣ୍ଣନା କରିଛନ୍ତି। ସେ ଦାବି କରିଛନ୍ତି ଯେ, ଇସଲାମିକ୍ ଗଣରାଜ୍ୟ ଇରାନ ଆଠ ଜଣ ମହିଳାଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ପ୍ରସ୍ତୁତ ହେଉଛି, କିନ୍ତୁ ଅନ୍ତର୍ଜାତୀୟ ସମ୍ପ୍ରଦାୟ ଏବଂ ମାନବାଧିକାର ସଂଗଠନଗୁଡ଼ିକ ଏହି ବିଷୟରେ ନୀରବ ରହିଛନ୍ତି। ୟାକୁବିଙ୍କ ପୋଷ୍ଟରେ ଏହି ଆଠ ଜଣ ମହିଳାଙ୍କ ଫଟୋଗ୍ରାଫ୍ ଅଛି, ଯେଉଁମାନେ ଇରାନରେ ମୃତ୍ୟୁଦଣ୍ଡ ପାଇଁ ପ୍ରସ୍ତୁତ ହେଉଥିବା ଅଭିଯୋଗ ହୋଇଛି। ଜାନୁଆରିରେ ହୋଇଥିବା ପ୍ରତିବାଦ ସମୟରେ ଏହି ମହିଳାମାନଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମୃତ୍ୟୁଦଣ୍ଡର କୌଣସି ସ୍ୱାଧୀନ ଯାଞ୍ଚ ହୋଇନାହିଁ, କିନ୍ତୁ ଡୋନାଲ୍ଡ ଟ୍ରମ୍ପ ଏହି ପୋଷ୍ଟକୁ ରି-ପୋଷ୍ଟ କରିଛନ୍ତି ଏବଂ ଇରାନକୁ ସେମାନଙ୍କ ମୁକ୍ତି ପାଇଁ ଅପିଲ କରିଛନ୍ତି। ଏହି ଭାଇରାଲ୍ ପୋଷ୍ଟରେ ଦେଖାଯାଉଥିବା ଆଠ ଜଣ ମହିଳାଙ୍କ ନାମ ବିତା ହେମ୍ମାତି, ଗଜଲ୍ ଗାଲାନ୍ଦରୀ, ଗୋଲନାଜ୍ ନାରାଘି, ଭେନସ୍ ହୋସେନ୍ ନେଜାଦ୍, ପନାହ ମୋଭାହେଦି, ଏନସିହ୍ ନେଜାତି, ମହବୁବେ ଶାବାନି ଏବଂ ଡାଏନା ତାହେର ଆବାଦି। ହେମ୍ମାତିଙ୍କ ବିରୋଧରେ ଚଳିତ ବର୍ଷ ଜାନୁଆରିରେ ଇରାନରେ ହୋଇଥିବା ବିରୋଧ ପ୍ରଦର୍ଶନ ସମୟରେ ବିଦ୍ରୋହକୁ ଉସୁକାଇବାର ଅଭିଯୋଗ ରହିଛି। ହୋସେନ୍ ନେଜାଦ୍ଙ୍କ ବିରୋରେ ପ୍ରତିବାଦରେ ଅଂଶଗ୍ରହଣ କରିବାର ଅଭିଯୋଗ ଅଛି। ତେହେରାନର ଏକ ହସ୍ପିଟାଲର ୩୭ ବର୍ଷୀୟ ଜରୁରୀକାଳୀନ ଔଷଧ ବିଶେଷଜ୍ଞ ଗୋଲନାଜ୍ ନାରାଘି ଜାନୁଆରିରୁ ଜେଲ୍ରେ ଅଛନ୍ତି। ଶାବାନିଙ୍କୁ ଫେବୃଆରିରେ ଗିରଫ କରାଯାଇଥିଲା।

## ଥିଙ୍କ ଇଣ୍ଡିଆ, ଥିଙ୍କ ଓଡ଼ିଶା

# ଡିସେମ୍ବର ୧୩ରେ ପୁରୀ କୋଷ୍ଟାଲ ମାରାଥନ

ଭୁବନେଶ୍ୱର,୨୨।୪(ସବ୍ୟୁ): ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ବିଶାଳ ବେଳାଭୂମିରେ ରାଜ୍ୟ ସରକାର ଓଏମସି ପୁରୀ କୋଷ୍ଟାଲ ମାରାଥନ ଆରମ୍ଭ କରିବାକୁ ଯାଉଛନ୍ତି। ଏଦୃଷ୍ଟିରୁ ପର୍ଯ୍ୟଟନ ବିଭାଗ ନୂତନ ବ୍ରାଣ୍ଡ ପୋଜିସନ ଏବଂ ଟ୍ୟାଗ ଲାଇନ ଥିଙ୍କ ଇଣ୍ଡିଆ, ଥିଙ୍କ ଓଡ଼ିଶା ଉନ୍ମୋଚନ କରିଛି। ଓଡ଼ିଶାକୁ ପର୍ଯ୍ୟଟନ କ୍ଷେତ୍ରରେ




କୁମାର ମହାନ୍ତି, ପର୍ଯ୍ୟଟନ କମିଶନର ତଥା ସେକ୍ରେଟାରୀ ବଳବନ୍ତ ସିଂଙ୍କ ସମେତ ବରିଷ୍ଠ ଅଧିକାରୀ ତଥା ବିଶିଷ୍ଟ ଅତିଥି ପର୍ଯ୍ୟଟନ ତଥା କ୍ରୀଡା ଇକୋ ପ୍ରମୁଖଙ୍କ ଉପସ୍ଥିତିରେ ଲୋଗୋ, ଟ୍ୟାଗ ଲାଇନ, ରୋଡ ମ୍ୟାପ, ପୁରସ୍କାର ରାଶି, ଆବେଦନ ପୋଟାଲ ଆଦି ଉନ୍ମୋଚିତ ହୋଇଥିଲା।

ନିଜ ବକ୍ତବ୍ୟରେ

## ପୁରସ୍କାର ରାଶି ୧ କୋଟି

ଗତିଶୀଳ କରିବାକୁ ଏହା ପ୍ରେରିତ କରିବ।

ସମୃଦ୍ଧ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ଭିଜନକୁ ଦୃଷ୍ଟିରେ ରଖି ଏକାଧିକ ପଦକ୍ଷେପ ନେବାକୁ ଯାଉଛନ୍ତି ଓଡ଼ିଶା ସରକାର। କ୍ରୀଡା ଏବଂ ପର୍ଯ୍ୟଟନରେ ଓଡ଼ିଶାର ପଦଚିହ୍ନକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପୁରୀ କୋଷ୍ଟାଲ ମାରାଥନର ଘୋଷଣା ତଥା ନୂଆ ଟ୍ୟାଗ୍ ଲାଇନର ଆନୁଷ୍ଠାନିକ ଭାବେ ଉଦଘାଟନ ହୋଇଛି। ପୁରୀ ତାଜ ରିସର୍ଟରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଅର୍ଶିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର ବିସ୍ତାରଲାଭ କରିଛି। ନୂତନ ଟ୍ୟାଗ ଲାଇନ ଏକ ସାହସିକ ଏବଂ ଆକାଂକ୍ଷୀ ପରିଚୟକୁ ପ୍ରତିଫଳିତ କରୁଛି। ଓଡ଼ିଶାର ବିଶାଳ ତଟଭୂମି, ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପରିବେଶ ବିଶ୍ୱର ଅଗଣିତ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ପ୍ରତିବର୍ଷ ଓଡ଼ିଶାକୁ ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ବୃଦ୍ଧି ପାଉଛି। ଏନେଇ ବଜେଟରେ ମଧ୍ୟ ପର୍ଯ୍ୟଟନ କ୍ଷେତ୍ର ପାଇଁ ୧ ହଜାରରୁ ଉର୍ଦ୍ଧ୍ୱ ବ୍ୟୟବରାଦ ଅଟକଳ କରାଯାଇଛି। ପର୍ଯ୍ୟଟକ କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବାରେ ସହାୟକ ହେବ ପୁରୀ କୋଷ୍ଟାଲ ମାରାଥନ।

ସକାଳୁ ବ୍ଲୁ ଫ୍ଲାଗ ବିଚ୍ ରୁ ତାଜ ରିସର୍ଟ ପର୍ଯ୍ୟନ୍ତ ଏକ ମିନି ମାରାଥନର ଫ୍ଲାଗ ଅଫ୍ ସେରିମନିକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପତାକା ଦେଖାଇ ଉଦଘାଟନ କରିଥିଲେ। ଏହି ଦୌଡ଼ରେ ଫିଟନେସ୍ ଉତ୍ସାହୀ ଏବଂ ସ୍ଥାନୀୟ ଧାବକ ଅଂଶଗ୍ରହଣ କରିଥିଲେ। ବ୍ଲୁ ଫ୍ଲାଗ ବିଚରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ଏକ ଆକର୍ଷଣୀୟ ବାଲୁକା କଳା ପୁରୀ କୋଷ୍ଟାଲ ମାରାଥନ ଲୋଗୋର ଉନ୍ମୋଚନ କରିଥିଲେ ଉପମୁଖ୍ୟମନ୍ତ୍ରୀ।

ଓଏମସି ପୁରୀ କୋଷ୍ଟଲ ମାରାଥନର ପ୍ରଥମ ସଂସ୍କରଣ ଡିସେମ୍ବର ୧୩ ତାରିଖରେ ଆୟୋଜନ ହେବାକୁଯାଉଛି। ମୋଟ୍ ୧ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଏହି ମାରାଥନ ଦେଶର ପ୍ରତିଯୋଗିତାମୂଳକ ଦୌଡ଼ ଇଭେଣ୍ଟ ମଧ୍ୟରେ ସ୍ଥାନୀତ ହେବ। ଏଥିରେ ବିଶିଷ୍ଟ ଖେଳାଳି, ସୌଖିନ ଧାବକ ଅନ୍ତର୍ଜାତୀୟ ମାରାଥନ ଧାବକଙ୍କୁ ଆକର୍ଷିତ କରିବ। ଏହି ମାରାଥନ ପୁରୀର ମନୋରମ



ଉପକୂଳରେ ଦୌଡ଼ିବାର ଅନନ୍ୟ ଅଭିଜ୍ଞତା ପ୍ରଦାନ କରିବ। ଏହି ମାରାଥନ ୪ଟି ଭାଗରେ ହେବ। ସମ୍ପୂର୍ଣ୍ଣ ମାରାଥନ ୪୨ କିଲୋମିଟର ବିଶିଷ୍ଟ, ହାଫ୍ ମାରାଥନ ୨୧ କିଲୋମିଟର, ୧୦ କିଲୋମିଟର ଏବଂ ୫ କିଲୋମିଟର ଆଦି ବର୍ଗରେ ଦୌଡ଼ ହେବ।

ଏହି ଅବସରରେ ପୁରୀ କୋଷ୍ଟାଲ ମାରାଥନର ସରକାରୀ ୱେବସାଇଟ୍ ମଧ୍ୟ ଉନ୍ମୋଚିତ ହୋଇଛି। ମାରାଥନରେ ଭାଗ ନେବାକୁ ପଞ୍ଜିକରଣ ଏବେ ଖୋଲା ଅଛି। ଏହି ଐତିହାସିକ ଅନ୍ତର୍ଜାତୀୟ ମାରାଥନର ଅଂଶ ହେବା ପାଇଁ ଭାରତର ଅଂଶଗ୍ରହଣ କାରୀମାନେ ଏପ୍ରିଲ ୨୨ରୁ ପଞ୍ଜିକରଣ ଆରମ୍ଭ କରିଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ପ୍ରସିଦ୍ଧି ଲାଭ କରିଥିବା ପୁରୀର ଆଧ୍ୟାତ୍ମିକତା ସଂସ୍କୃତି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ମିଶ୍ରଣ ପ୍ରଦାନ କରେ। ଶ୍ରୀଜଗନ୍ନାଥଙ୍କ ପତିତପାବନ ବାନା, କୋଣାର୍କ ସାଗରର ତରଙ୍ଗ ଓଡ଼ିଶାର ପ୍ରତିକାତ୍ମକ ଉପାଦାନ ଗୁଡ଼ିକରୁ ପ୍ରେରଣା ନେଇ ମାରାଥନ ଲୋଗୋ ପ୍ରସ୍ତୁତ କରାଯାଇଛି।

## ଆଜିର ମ୍ୟାଚ

* ମୁମ୍ବାଇ - ଚେନ୍ନାଇ
* ସ୍ଥାନ - ୱାଙ୍ଖେଡେ
* ସମୟ - ରାତି ୭.୩୦

▸▸ ପ୍ରସାରଣ - ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ | ୬ | ୫ | ୦ | ୧୧ |
| ରାଜସ୍ଥାନ | ୭ | ୫ | ୨ | ୧୦ |
| ବେଙ୍ଗାଲୁରୁ | ୬ | ୪ | ୨ | ୮ |
| ସନରାଇଜର୍ସ | ୭ | ୪ | ୩ | ୮ |
| ଦିଲ୍ଲୀ | ୬ | ୩ | ୩ | ୬ |
| ଗୁଜରାଟ | ୬ | ୩ | ୩ | ୬ |
| ମୁମ୍ବାଇ | ୬ | ୨ | ୪ | ୨ |
| ଚେନ୍ନାଇ | ୬ | ୨ | ୪ | ୪ |
| ଲକ୍ଷ୍ନୌ | ୭ | ୨ | ୫ | ୪ |
| କୋଲକାତା | ୭ | ୧ | ୫ | ୩ |

## ◈ ଆଇପିଏଲ୍ ମହାସମର

# ମାର୍ସଙ୍କ ଲଢ଼େଇ ବ୍ୟର୍ଥ, ଜିତିଲା ରାଜସ୍ଥାନ

ଲକ୍ଷ୍ନୌ,୨୨।୪(ଏଜେନ୍ସି): ଲକ୍ଷ୍ନୌର ଭାରତରତ୍ନ ଅଟଳବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସ ୪୦ ରନ୍ ବ୍ୟବଧାନରେ ଲକ୍ଷ୍ନୌକୁ ପରାଜିତ କରି ପଞ୍ଚମ ବିଜୟ ହାସଲ କରିଛି। ମିଚେଲ ମାର୍ସଙ୍କ ଅର୍ଦ୍ଧଶତକୀୟ ଇନିଂସ ବ୍ୟର୍ଥ ଯାଇଥିବା ବେଳେ ରାଜସ୍ଥାନ ୧୦ ପଏଣ୍ଟ ସହ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଛି। ଏହି ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୬ ୱିକେଟ୍ ହରାଇ ୧୫୯ ରନ୍ କରିଥିଲା। ଜବାବରେ ଲକ୍ଷ୍ନୌ ସୁପରଜରଣ୍ଟସ୍ ୧୮ ଓଭରର ୧୧୯ ରନ୍ କରିବାକୁ ସକ୍ଷମ ହୋଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସ ପକ୍ଷରୁ ଜଶସ୍ୱୀ ଜୟସ୍ୱାଲଙ୍କ ସହ ବୈଭବ ସୂର୍ଯ୍ୟବଂଶୀ ପାଳି ଆରମ୍ଭ କରିଥିଲେ। ଏହି ମ୍ୟାଚରେ ମଧ୍ୟ ବୈଭବ ବଡ଼ ଇନିଂସ ଖେଳିପାରିନଥିଲେ। ସେ ୧୧ ବଲର ସମ୍ମୁଖୀନ ହୋଇ ୮ ରନ୍ କରିଥିଲେ। ଅଧିନାୟକ ରିଆନ ପରାଗ ୨୦, ଯଶସ୍ୱୀ ଜୟସ୍ୱାଲ ୨୨, ସିମରନ ହେଟମେୟାର ୨୨, ରବିନ୍ଦ୍ର ଜାଡେଜା ଅପରାଜିତ ୪୩, ଡୋନୋଭାନ ପେରେଇରା ୨୦ ଏବଂ ଶୁଭମ ଦୁବେ ୧୧ ବଲରୁ ଅପରାଜିତ ୧୯ ରନ୍ କରିଥିଲେ। ଦଳ ୨୦ ଓଭରରୁ ୬ ୱିକେଟ୍ ହରାଇ ୧୫୯ ରନ୍ କରିଥିଲା। ଜବାବରେ ଲକ୍ଷ୍ନୌ ପକ୍ଷରୁ କେବଳ ମିଚେଲ ମାର୍ସ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ସେ ୪୧ ବଲରୁ ୫୫ ରନ୍ କରିଥିଲେ। ନିକୋଲାସ ୨୨ ଓ ହିମନ ସିଂ ୧୫ ରନ୍ କରିଥିବା ବେଳେ ଅନ୍ୟ ୮ ଜଣ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିନଥିଲେ। ତେଣୁ ଲକ୍ଷ୍ନୌ ୧୮ ଓଭରରେ ୧୧୯ ରନ୍ କରି ଅଲଆଉଟ୍ ହୋଇଥିଲା। ଜୋଫ୍ରା ଆର୍ଚର ସର୍ବାଧିକ ୩ ୱିକେଟ୍ ନେଇଥିଲେ।

## ▸▸ ୧୦ ରେଡ ସ୍ନୁକର ଚାମ୍ପିଅନସିପ୍

# ଓଡ଼ିଶାର କ୍ୟୁ ପ୍ରିନ୍ସ ଆଶୁତୋଷ ଚାମ୍ପିଅନ

ଭୁବନେଶ୍ୱର,୨୨।୪(ସବ୍ୟୁ): ୧୦ ରେଡ ସ୍ନୁକର ଚାମ୍ପିଅନସିପ୍ ଭୁବନେଶ୍ୱରର ୬ ପକେଟ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର କ୍ୟୁ ପ୍ରିନ୍ସ ଭାବେ ପରିଚିତ ଆଶୁତୋଶ ପାଢ଼ୀ ଚାମ୍ପିଅନ ହୋଇଛନ୍ତି। ଟାଇଟଲ ମୁକାବିଲାରେ ସେ ଆକାଶ ମହାପାତ୍ରଙ୍କୁ ପରାଚିତ କରିଥିଲେ। ଫାଇନାଲରେ ଆଶୁତୋଷ ୪-୨ (୫୩-୪୧, ୨୪-୩୫, ୫୭-୬, ୫୫-୩୭, ୩୩-୩୪, ୫୬-୧) ବ୍ୟବଧାନରେ ଆକାଶଙ୍କୁ ପରାଜିତ କରିଥିଲେ। ଏହି ପ୍ରତିଯୋଗିତାରେ ନିଶାଙ୍କ ବିଶ୍ୱାଳ ସର୍ବାଧିକ ୪୪ ବ୍ରେକ ପଏଣ୍ଟ ଲାଗ କରିଥିଲେ। ଆଶୁତୋଷଙ୍କୁ ଚାମ୍ପିଅନ ଟ୍ରଫି ତଥା ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ରନର୍ସ ଅଫ୍ ଆକାଶ ମହାପାତ୍ର ଟ୍ରଫି ସହ ୭,୫୦୦, ସେମିଫାଇନାଲରେ ପରାଜିତ ରାକେଶ ରୋଶନ ପ୍ରଧାନ ଓ ଚେତନ ଆନନ୍ଦ ୫ ହଜାର ଟଙ୍କା ଲେଖାଏଁ, ସର୍ବାଧିକ ୪୪ ବ୍ରେକ ପଏଣ୍ଟ ପାଇଁ ନିଶାନ୍ତ ବିଶ୍ୱାଳ ୨,୫୦୦ ଟଙ୍କା ପୁରସ୍କାର ପାଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଭୁବନେଶ୍ୱର ସ୍ନୁକର ଆସୋସିଏସନ୍, ସମ୍ପାଦକ ସମୀର ଅଲ୍ଲୀ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା , ୬ ପକେଟ କ୍ଲବ ମାଲିକ ଚେତନ ଆନନ୍ଦ ଏବଂ ଆୟୋଜନ କମିଟି ସଦସ୍ୟ ରିତିକ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗଙ୍କୁ ପୁରସ୍କୃତ କରିଥିଲେ।

# ପୁର୍ଣିମା ରାୟଙ୍କ ନେତୃତ୍ୱରେ କେନ୍ଦୁଝର ମହିଳା କ୍ରିକେଟ ଦଳ ଘୋଷଣା

କେନ୍ଦୁଝର,୨୨।୪(ସବ୍ୟୁ): ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମ ଠାରେ ଟି -୨୦ ଫର୍ମାଟ ଚାଲିଥିବା ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ପୁର୍ଣିମା ରାୟଙ୍କ ନେତୃତ୍ୱରେ ଏକ ୧୫ ଜଣିଆ କେନ୍ଦୁଝର ଜିଲ୍ଲା ଦଳ ମଙ୍ଗଳବାର ସନ୍ଧ୍ୟାରେ ଘୋଷଣା କରାଯାଇଛି । ଜିଲ୍ଲା ଦଳ ପାଇଁ ମନୋନୀତ ହୋଇଥିବା ଖେଳାଳିମାନେ ହେଲେ ପୁର୍ଣିମା ରାଏ (ଅଧିନାୟକ ), ତନବୀ ରଞ୍ଜନ (ଉପ ଅଧିନାୟକ ), ରାନୀ କେ ପ୍ରସାଦ, ସାତିଲଗ୍ନ ପ୍ରଧାନ, ଯଶସ୍ୱିନୀ ନାଏକ, ଦୀପା ଗାଗରାଇ , ସୀତା ସିଙ୍କୁ, ନାମୀ ମିଶ୍ର, ପୂଜା ଗାଗରାଇ, ସାଇ ପ୍ରତୀକ୍ଷା ଜେନା, ସାଇ ଲକ୍ଷ୍ମୀ ଜେନା, ତମନ୍ନା ସିଂହ, ଲିପସା ଜେନା, ସୋନାଲି ଦାସ, ମନୀଷା ନାଏକ । ଷ୍ଟାଣ୍ଡବାଇ ଖେଳାଳି ଭାବେ ଅନିଶା ସାହା, ସୁଶ୍ରୀ ମହାନ୍ତ, ଆର୍ଯ୍ୟସୂତ ଜେନା, ଭାଗ୍ୟଶ୍ରୀ ବଳ, ଶ୍ରେୟା ସାହୁ ରହିଛନ୍ତି । ଦଳ ସହ ମ୍ୟାନେଜର ଭାବେ ସସ୍ମିତା ମୁଣ୍ଡା ଏବଂ କୋଚ ଭାବେ ଅମରେନ୍ଦ୍ର ମହାନ୍ତି କେନ୍ଦୁଝର ଦଳ ସହ ଆଜି ସଖାଳେ ଟ୍ରେନ ଯୋଗେ କଟକ ଅଭିମୁଖେ ଯାତ୍ରା କରିଛନ୍ତି ।

# ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ: ଆଗରପଡ଼ା କେସିଭିଏମ ସ୍କୁଲ ଚାମ୍ପିଅନ

ଦୋବଲ,୨୨।୪(ସବ୍ୟୁ): ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ କାଳୀପଡ଼ିଆଠାରେ ଅନୁଷ୍ଠିତ ହେଉଥିବା ଦ୍ୱିତୀୟ ସଂସ୍କରଣ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଅନୁଷ୍ଠିତ ଏହି ରୋମାଞ୍ଚକର ଫାଇନାଲ ମ୍ୟାଚରେ ଆଗରପଡ଼ାର କେସିଭିଏମ ସ୍କୁଲ ବିଜୟୀ ହୋଇ ଚାମ୍ପିଅନ ଅର୍ଜନ କରିଛି । ଟୁର୍ଣ୍ଣାମେଣ୍ଟର ଶେଷ ତଥା ନିର୍ଣ୍ଣାୟକ ମ୍ୟାଚ ଆଗରପଡ଼ା କେସିଭିଏମ ସ୍କୁଲ ଏବଂ ଚାନ୍ଦବାଲି ଏନଏସି ମଧ୍ୟରେ ଖେଳାଯାଇଥିଲା । ଖେଳର ପ୍ରଥମାର୍ଦ୍ଧରୁ ହିଁ ଉଭୟ ଦଳ ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ । ତେବେ କେସିଭିଏମ ସ୍କୁଲର ଖେଳାଳିମାନେ ଉନ୍ନତ ପ୍ରଦର୍ଶନ କରି ପ୍ରତିପକ୍ଷ ଚାନ୍ଦବାଲି ଦଳକୁ ୧-୦ ଗୋଲରେ ପରାସ୍ତ କରିଥିଲେ । ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ଚାନ୍ଦବାଲି ଏନଏସି ଗୋଲ ପରିଶୋଧ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ଏହି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ,ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର,ଜିଲ୍ଲାପାଳ ଦିଲୀପ ରାଉତରାୟ,ଜିଲ୍ଲା କ୍ରୀଡା ଅଧିକାରୀ ଦେବବ୍ରତ ମହାପାତ୍ର,ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ,ଉଚ୍ଚଶିକ୍ଷା,କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ,ବିଡିଓ ବନବିହାରୀ ଦିଣ୍ଡା,ଏନଏସି ଅଧିକାରି ସନ୍ତୋଷ ନାୟକ,ମନ୍ତ୍ରୀଙ୍କ ଏନଏସି ପ୍ରତିନିଧି କୈଳାଶ ମହାପାତ୍ର,ଅରବିନ୍ଦ ପତି,ପ୍ରମୋଦ ସୂତାର,ନାରାୟଣ ସାହାଣୀ,ରଞ୍ଜିତ ମହାନ୍ତି,ଚତୁର୍ଭୁଜ ନାୟକ ଓ ଅନ୍ୟମାନେ ଯୋଗ ଦେଇ ବିଜୟୀ କେସିଭିଏମ ସ୍କୁଲକୁ ଚାମ୍ପିଅନ ଟ୍ରଫି ଏବଂ ରନର୍ସ ଅପ ଚାନ୍ଦବାଲି ଏନଏସି ଦଳକୁ ରନର୍ସ ଅପ କପ ପ୍ରଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ନିଜ ଅଭିଭାଷଣରେ ସେ କ୍ରୀଡ଼ାବିତମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଗ୍ରାମାଞ୍ଚଳରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏଭଳି ଟୁର୍ଣ୍ଣାମେଣ୍ଟର ଆବଶ୍ୟକତା ରହିଛି ବୋଲି କହିଥିଲେ । ମ୍ୟାଚକୁ ଅଭିଜ୍ଞ ରେଫରୀ ସେକ ରିଆଜ କାଦ୍ରି,ସୁଶାନ୍ତ କୁମାର ବିଶ୍ୱାଳ,ମହମ୍ମଦ ଆଝାର ଏବଂ ସେକ ସଲିମ ପରିଚାଳନା କରିଥିଲେ । । ସ୍ଥାନୀୟ କ୍ରୀଡ଼ା ସଂଗଠକ ଓ ସେଚ୍ଛାସେବୀମାନଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟଟି ସମାପ୍ତ ହୋଇଛି ।

## ୫ମ ଅସ୍ମିତା ହକି ଜୁନିଅର ମହିଳା ଲିଗ୍

# ମଧ୍ୟପ୍ରଦେଶକୁ ୨-୧ଗୋଲରେ ହରାଇ ଓଡ଼ିଶା ଚାମ୍ପିଅନ୍

ଭୁବନେଶ୍ୱର,୨୨।୪(ସବ୍ୟୁ): ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟରର କ୍ୟାଡେଟ୍ସ ୫ମ ଅସ୍ମିତା ହକି ଲିଗ୍ ଜୁନିଅର ମହିଳା, ଫାଇନାଲ୍ ପର୍ଯ୍ୟାୟରେ ଟିମ୍ ଓଡ଼ିଶା ଚାମ୍ପିଅନ୍ ହୋଇଛି । ଏକ ରୋମାଞ୍ଚକର ଫାଇନାଲରେ ଓଡ଼ିଶା ଦଳ ମଧ୍ୟପ୍ରଦେଶକୁ ପରାସ୍ତ କରିଛି । ନିୟନ୍ତ୍ରିତ ସମୟରେ ଶୀର୍ଷ ସଂଘର୍ଷ ୧-୧ରେ ଶେଷ ହୋଇଥିଲା । ପେନାଲଟି ସୁଟଆଉଟରେ ଓଡ଼ିଶା ସେମାନଙ୍କର ସ୍ଥିରତା ବଜାୟ ରଖି ୨-୧ ବିଜୟ ପଞ୍ଜୀକରଣ କରି ଟାଇଟଲ ଉଠାଇଥିଲା ।ନାଭାଲ ଟାଟା କ୍ୟାଡେଟ୍ ପବିତ୍ର ହୋତାମ୍ ଫାଇନାଲରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଥିଲେ, ସୁଟଆଉଟରେ ଚାରୋଟି ନିର୍ଣ୍ଣାୟକ ସେଭ୍ ସହିତ ବାର୍ ତଳେ ଏକ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ ଯାହା ଓଡ଼ିଶାକୁ ବିଜୟୀ କରାଇଥିଲା ।ମୋଟାମୋଟି ଭାବରେ, ପାଞ୍ଚ ଜଣ ବର୍ତ୍ତମାନର ନାଭାଲ କ୍ୟାଡେଟ୍, ପବିତ୍ର ହୋତାମ୍, ଜାହ୍ନବି ବାଡା, ଅମିଷା ଏମା, ଡୋଲି ବୋଇ ଏବଂ ଅହଲିଆ ଲାକ୍ରା, ଟାଇଟଲ୍ ବିଜୟୀ ଦଳରେ ସାମିଲ ହୋଇଥିଲେ, ଯାହା ରାଜ୍ୟ ଦଳ ପ୍ରତି କେନ୍ଦ୍ରର ଦୃଢ଼ ଅବଦାନକୁ ସ୍ପଷ୍ଟ କରିଥିଲା ।

ଏହି ସଫଳତା ସହିତ, ନାଭାଲ ଟାଟାର ପୂର୍ବତନ ଛାତ୍ର ପ୍ରେମଶିଳା ବାଗେ ଏବଂ ସୀମା ସୁରକ୍ଷା ବଳ ପ୍ରତିନିଧିତ୍ୱ କରୁଥିବା ଅମିଷା କୁଲୁ ମଧ୍ୟ ଓଡ଼ିଶାର ସଫଳ ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସହକାରୀ ପ୍ରଶିକ୍ଷକ (ମହିଳା) ନେହା ସିଂହ ଟୁର୍ଣ୍ଣାମେଣ୍ଟ ସମୟରେ ଦଳର ସହାୟକ କର୍ମଚାରୀଙ୍କ ଅଂଶ ଥିଲେ ।ଏହି ବିଜୟ ପୁଣିଥରେ ଶ୍ରେଷ୍ଠ ହକି ପ୍ରତିଭାକୁ ପୋଷଣ କରିବାରେ ନାଭାଲ ଟାଟାର ବର୍ଦ୍ଧିତ ପ୍ରଭାବକୁ ପ୍ରଦର୍ଶିତ କରେ ଏବଂ ମହିଳା ହକିରେ ଓଡ଼ିଶାର ନିରନ୍ତର ସଫଳତା ପାଇଁ ପାଇପଲାଇନକୁ ମଜବୁତ କରିଥାଏ ।ଦଳକୁ ଅଭିନନ୍ଦନ ଜଣାଇ, ନାଭାଲ ଖେଳାଳି, ପ୍ରଶିକ୍ଷକ ଏବଂ ସହାୟକ କର୍ମଚାରୀଙ୍କୁ ସେମାନଙ୍କର ସଫଳତା ପାଇଁ ପ୍ରଶଂସା କରିଛ । ଉଲ୍ଲେଖ କରିଛି ଯେ ଏହି ସଫଳତା ହକି ଉତ୍କର୍ଷତାର ଏକ କେନ୍ଦ୍ର ଭାବରେ ନିରନ୍ତର ପ୍ରୟାସ, ଶୃଙ୍ଖଳା ଏବଂ ରାଜ୍ୟର ବୃଦ୍ଧି ପାଉଥିବା ପ୍ରତିଷ୍ଠାକୁ ପ୍ରତିଫଳିତ କରେ ।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
classifiedsamaya@gmail.com

## ୨୬ରୁ ସର୍ବଭାରତୀୟ ନୀଳାଚଳ ଟ୍ରଫି

# ବିଜେତା ୧ ଲକ୍ଷ, ଉପବିଜେତା ୭୦ ହଜାର

ଭୁବନେଶ୍ୱର,୨୨।୪(ସବ୍ୟୁ): ଚଳିତ ମାସ ୨୬ରୁ ମେ ୩ ତାରିଖ ପର୍ଯ୍ୟନ୍ତ ପାୟୋନିୟର କ୍ଲବ ଆନୁକୂଲ୍ୟରେ ପୁରୀର ଶ୍ରୀ ଜଗନ୍ନାଥ ଷ୍ଟାଡିୟମରେ ୧୭ତମ ସର୍ବଭାରତୀୟ ନୀଳାଚଳ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାକୁ ଯାଉଛି । ପାୟୋନିୟର କ୍ଲବ ଏବଂ

## ଲକି ଡ୍ରରେ ଦର୍ଶକଙ୍କ ପାଇଁ ଜର୍ସୀ ସହ ମୋବାଇଲ

ପୁରୀ ଆଥଲେଟିକ୍ ଆସୋସିଏସନର ପୂର୍ବତନ କ୍ରିକେଟ୍ ସମ୍ପାଦକ ସ୍ୱର୍ଗତ ଜଗଦୀଶ ଚନ୍ଦ୍ର ରାଉତରାୟଙ୍କ ସ୍ମୃତିରେ ଆୟୋଜନ ହେବ ଏହି ଟୁର୍ଣ୍ଣାମେଣ୍ଟ । ଟର୍ଫ ୱିକେଟରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ୪୦ ଓଭର ବିଶିଷ୍ଟ ହେବ । ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ୍ ୮ଟି ଦଳ ଅଂଶଗ୍ରହଣ କରିବେ । ଅଂଶଗ୍ରହଣକାରୀ ଦଳ ଗୁଡ଼ିକ ହେଲେ ପୁରୀର ପାୟୋନିୟର, ଭୁବନେଶ୍ୱରର ମକ୍ତେଶ୍ୱର କ୍ରିକେଟ କ୍ଲବ, କଟକର ୟୁନିଅନ ସ୍ପୋର୍ଟିଂ, ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ, କୋଲକାତାର ଏଲଆରଏସ ବାଂଲା କ୍ରିକେଟ ଏକାଡେମୀ, ଭୁବନେଶ୍ୱରର ପ୍ରଗତୀ ସ୍ପୋର୍ଟିଂ, ଦିଲ୍ଲୀର ପାଲମ ବିହାର କ୍ରିକେଟ କ୍ଲବ ଏବଂ ରାଉରକେଲାର ରାଉରକେଲା ୟୁଥ୍ କ୍ରିକେଟ୍ କ୍ଲବ । ୨୬ରୁ ମେ ୧ ତାରିଖ ପର୍ଯ୍ୟନ୍ତ କ୍ୱାର୍ଟର ଫାଇନାଲ ତଥା ସେମିଫାଇନାଲ, ମେ ୨ ରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଏବଂମେ ରେ ମେଗା ଫାଇନାଲ ଖେଳାଯିବ। ତୃଣମୂଳ ସ୍ତରରେ କ୍ରିକେଟକୁ ଆଗକୁ ନେବାରେ ନିରନ୍ତର ପ୍ରୟାସ କରିଥିବା ସ୍ୱର୍ଗତ ଜଗଦୀଶ ଚନ୍ଦ୍ର ରାଉତରାୟଙ୍କ ଯୋଗୁଁ ପୁରୀ ଜିଲ୍ଲାରୁ ଅନେକ ପ୍ରତିଭାବାନ ଖେଳାଳି ସୃଷ୍ଟି ହୋଇଥିଲେ । ଟୁର୍ଣ୍ଣାମେଣ୍ଟର ସମସ୍ତ ଖର୍ଚ୍ଚ ଯେପରିକି ଖେଳାଳିଙ୍କ ଯାତାୟତ ଖର୍ଚ୍ଚ, ରଣହି, ଦୈନିକ ଭତ୍ତା ଏବଂ କ୍ରିକେଟ ବଲ ଆଦି ଖର୍ଚ୍ଚ ପାୟୋନିୟର କ୍ଲବ ବହନ କରିବ । ଅନ୍ତର୍ଜାତୀୟ କ୍ରିକେଟର ଲକ୍ଷ୍ମୀ ରତନ ଶୁକ୍ଳାଙ୍କ ଏକାଡେମୀର




ପିଲାମାନେ ଦିଲ୍ଲୀ ଦଳରେ ନଜର ଆସିବେ । ଏଥର ଟୁର୍ଣ୍ଣାମେଣ୍ଟର ପୁରସ୍କାର ରାଶି ବୃଦ୍ଧି କରାଯାଇଛି । ଚାମ୍ପିଅନ ଦଳ କୁ ଟ୍ରଫି ସହ ୧ ଲକ୍ଷ, ଉପବିଜେତା ଦଳକୁ ଟ୍ରଫି ସହ ୭୦ ହଜାର, ମ୍ୟାନ୍ ଅଫ ଦ ସିରିଜ୍ ୭ ହଜାର, ମ୍ୟାନ୍ ଅଫ ଦ ମ୍ୟାଚ ଟ୍ରଫି ସହ ୨ ହଜାର, ମ୍ୟାନ ଅଫ ଦି ଫାଇନାଲ ଟ୍ରଫି ସହ ୩ହଜାର, ଶ୍ରେଷ୍ଠ ବ୍ୟାଟର, ଶ୍ରେଷ୍ଠ ବୋଲର ଏବଂ ଶ୍ରେଷ୍ଠ ଫିଲ୍ଡରଙ୍କୁ ଟ୍ରଫି ସହ ୫ ହଜାର ଲେଖାଏଁ ଟଙ୍କା ପୁରସ୍କାର ପ୍ରଦାନ କରାଯିବ । ଏତଦବ୍ୟତୀତ ପ୍ରତ୍ୟେକ ମ୍ୟାଚରେ ଲକି ଡ୍ର କରାଯିବ । ଭାଗ୍ୟଶାଳୀ ଦର୍ଶକ ଟିସାର୍ଟ ସହ ଏକ ମୋବାଇଲ ଫୋନ୍ ଉପହାର ପାଇବେ।

ବୁଧବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କ୍ଲବର ସଭାପତି ଶକ୍ତି ମିଶ୍ର, ସମ୍ପାଦକ ସଞ୍ଜୀବ ଦଇତାପତୀ, ଉପସଭାପତି ମୋହନ ପ୍ରତିହାରୀ, କମିଟି ଚେୟାରମ୍ୟାନ୍ ରାଜେଶ କୁମାର ମିଶ୍ର, ସଭାପତି ମାଧବ ଚନ୍ଦ୍ର ଖୁଣ୍ଟିଆ, ସମ୍ପାଦକ ହରିଶ ଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ଅଗ୍ନିରିଷ ରାୟ, ତଥା କ୍ଲବର ସଦସ୍ୟ କୈଳାଶ ଜେନା, ରଜନୀକାନ୍ତ ପୃଷ୍ଟି, ଦୀପକ ମହାନ୍ତି, ଦେବକାନ୍ତ ରାୟ, ପୁଲକ ମହାନ୍ତି, ସିଦ୍ଧାର୍ଥ ଜେନା, ସୁମନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି